୧୩୪ କୋଟି ଟଙ୍କା ବସ୍ତ ହୋଇଅଛୁ । ଏଥିପାଇଁ ଭାରତରେ ୩ କୋଟି ଟଙ୍କା ଏବଂ ବିଲାତରେ ୫ କୋଟି ଟଙ୍କା ଋଣ ନିଆଯିବ । ଧନସଚିବ ମହୋଦୟ ବିବେଚନା କରନ୍ତି କି ଯେପରି ଶୁଭ-ଲକ୍ଷଣମାନ ଦେଖା ଯାଉଅଛି ତହିଁରେ ବଜେଟରେ କୌଣସି ବ୍ୟାଘାତ ଘଟିବାର ସନ୍ଦେହ ନାହିଁ ଏବଂ ନିତାନ୍ତ ଆକସ୍ମିକ ଦୁର୍ଘଟନା କିଛି ଉପସ୍ଥିତ ନ ହେଲେ ଆଗାମୀ ଅପ୍ରେଲ ମାସ ତା ୧ ରିଖରୁ ଆରମ୍ଭ ହେବା ବର୍ଷ ଉତ୍ତମରୂପେ ନିର୍ବାହ ହୋଇଯିବ । ଆମ୍ଭେମାନେ ମଧ୍ୟ ତାହାଇ ଆଶା କରୁଁ ଏବଂ ଯାହା କିଛି କର ଖଡ଼ ହେଲା ତହିଁପାଇଁ ଗବର୍ଣ୍ଣମେଣ୍ଟଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛୁଁ । ମାତ୍ର ଏକ ଭାଗରେ ଅନ୍ନକଷ୍ଟ ଓ ଅନ୍ୟଭାଗରେ ଜୌନ୍ଦଦାଗି ଇତ୍ୟାଦି ରୂନ୍ଟି ଜସ ହେତୁ ପ୍ରଜାବର୍ଗ ନିତାନ୍ତ ବ୍ୟସ୍ତ ଥିବାରୁ ଗବର୍ଣ୍ଣମେଣ୍ଟଙ୍କର ଆର୍ଥିକ ସୌଭାଗ୍ୟରେ ଯଥୋଚିତ ଆନନ୍ଦ ଭୋଗ କରିପାରୁ ନାହାନ୍ତି । ଏହି ଅବସ୍ଥା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ମନୋଯୋଗ ପ୍ରାର୍ଥନୀୟ ।

---

## ପୁସ୍ତକ ପ୍ରାପ୍ତିସ୍ୱୀକାର ।

ମେଘଦୂତ ।—ଶ୍ରୀ ଗୋପୀନାଥ ନନ୍ଦ ଶର୍ମାଙ୍କଦ୍ୱାରା ଅନୁବାଦିତ ଓ କଟକ ସାହିତ୍ୟ ପ୍ରେସରେ ପ୍ରକାଶିତ । ଏଥିରେ ମହାକବି କାଳିଦାସଙ୍କର ସଂସ୍କୃତ ମେଘଦୂତ ଓଡ଼ିଆ ଭାଷାରେ ଅନୁବାଦିତ ହୋଇଅଛି । ସଂସ୍କୃତରେ ମନ୍ଦାକ୍ରାନ୍ତା ବୃତ୍ତ ପଢ଼ିବାକୁ ବଡ଼ ମନୋହର । ତହିଁରେ ପୁଣି ମହାକବି କାଳିଦାସଙ୍କର ସରସ ଉକ୍ତି ଅଧିକ ମନୋମୁଗ୍ଧକର । ନନ୍ଦ ମହାଶୟ ସେହି ରସାସ୍ୱାଦନ କରି ମୋହିତ ହୋଇ ଓଡ଼ିଆରେ ମଧ୍ୟ ସେହି ଛନ୍ଦରେ ପଦ୍ୟ ବସାଇବାକୁ ଯାଇ ଅନେକ ସ୍ଥାନରେ ଭାବକଷ୍ଟରୁ ହେଉ ଅଥବା ତାଙ୍କ କଥା ମତେ ମୂଳ ସଂସ୍କୃତର ରମଣୀୟତା ଦେଖାଇବାପାଇଁ ହେଉ କଷ୍ଟମଣ୍ଡିଆ କରି ପକାଇଅଛନ୍ତି । ପଣ୍ଡିତ ମହାଶୟଙ୍କର ଅବସରଟା ଅନ୍ୟ ଆବଶ୍ୟକୀୟ କାର୍ଯ୍ୟରେ ଲଗାଇଥିଲେ ଭଲ ହୋଇଥାନ୍ତା ।

ପ୍ରାର୍ଥନା ।—ଶ୍ରୀ ବାଞ୍ଛାନିଧି ଷଡ଼ଙ୍ଗୀଙ୍କଦ୍ୱାରା ରଚିତ ଓ ଉତ୍କଳସାହିତ୍ୟ ପ୍ରେସରେ ପ୍ରକାଶିତ । ଏହା ଖଣ୍ଡିଏ ୫ ପୃଷ୍ଠାବ୍ୟାପୀ କ୍ଷୁଦ୍ର କବିତାପୁସ୍ତକ ଓ ଏଥିରେ ଯମକାଦି ନାନା ପ୍ରକାର କଠିନ ଛନ୍ଦରେ କେତେଗୁଡ଼ିଏ କବିତା ପ୍ରକାଶିତ ହୋଇଅଛି । ଷଡ଼ଙ୍ଗୀ ମହାଶୟଙ୍କର ଲେଖିବାରେ ଯେ ପରିଶ୍ରମ ଏବଂ କୁଶଳତା ଅଛି ଏଥିରେ ସନ୍ଦେହ ନାହିଁ ।

ସତୀ ।—ଶ୍ରୀ ଚନ୍ଦ୍ରଶେଖର ନନ୍ଦଙ୍କଦ୍ୱାରା ପ୍ରଣୀତ ଓ ଉତ୍କଳସାହିତ୍ୟ ପ୍ରେସରେ ପ୍ରକାଶିତ । ଏହା ଖଣ୍ଡିଏ କ୍ଷୁଦ୍ର ଉପନ୍ୟାସ । ଚନ୍ଦ୍ରଶେଖର ବାବୁଙ୍କର ଲେଖାରେ ପରିପାଟୀ ଅଛି ।—ଉପନ୍ୟାସ ଖଣ୍ଡିକ କ୍ଷୁଦ୍ର ହେଲେହେଁ ଶିକ୍ଷାପ୍ରଦ ଏବଂ ଆମ୍ଭେମାନେ ତାହା ପଢ଼ି ଆନନ୍ଦ ଲାଭ କରିଅଛୁଁ । ଭାଷାରେ ଅଦ୍ୟାପି ଉପନ୍ୟାସର ଅଭାବ ଅଛି ଏବଂ ଆମ୍ଭେମାନେ ଆଶା କରୁଁ ଲେଖକ ତହିଁରେ ଶ୍ରମ ସ୍ୱୀକାର କରିବେ ।

ବିଧବାପରିଣୟ ନିଷେଧ ।—ଶ୍ରୀରାମଚନ୍ଦ୍ର ଲାଲ-ବର୍ମାଙ୍କଦ୍ୱାରା ଅରୁଣୋଦୟ ପ୍ରେସରେ ପ୍ରକାଶିତ । ଉତ୍କଳର ସୁପରିଚିତ କବି ଜଗମୋହନ ଲାଲଙ୍କ ବିଧବା କନ୍ୟାଙ୍କର ବିବାହ ହେବାରୁ ତାଙ୍କର ନିକଟସମ୍ପର୍କୀୟ ବ୍ୟକ୍ତି ତହିଁରେ ବିରକ୍ତ ହୋଇ ଏହା ପ୍ରକାଶିତ କରିଅଛନ୍ତି । ଦେଶରେ ନାନା ପ୍ରକାର ଅଶାସ୍ତ୍ରୀୟ ପ୍ରଥା ପ୍ରଚଳିତ ଅଛି । ତାହାକୁ ପରିବର୍ତ୍ତନ କରି ବର୍ତ୍ତମାନ ସମୟୋଚିତ କୌଣସି ଶୃଙ୍ଖଳାର ନୂତନ ବିଧି ଚଳାଇବାକୁ ଗଲେ ଅବଶ୍ୟ ଅନେକେ ତାହା ଅନୁମୋଦନ କରିବେ ନାହିଁ ଏବଂ ଲେଖକ ତହିଁ ମଧ୍ୟରୁ ଜଣେ । ଆର୍ଯ୍ୟ ପ୍ରଚଳିତ ବେଦବିଧିହିଁ ଯେ ସନାତନ ଧର୍ମ ଏଥିରେ ଦ୍ୱିରୁକ୍ତି ନାହିଁ । ଲେଖକ ଋଗ୍ବେଦର ଦଶମମଣ୍ଡଳରୁ ଗୋଟିଏ ମନ୍ତ୍ର ଉଦ୍ଧୃତ କରି ବିଧବା ବିବାହ ନିଷିଦ୍ଧ ବୋଲି ପ୍ରତିପାଦନ କରିବାକୁ ମଧ୍ୟ ଗୃହ୍ୟାନ୍ତି ମାତ୍ର ବେଦର ସମସ୍ତ ବିଧି ବିଶେଷତଃ ବିବାହ ସମ୍ବନ୍ଧୀୟ ବିଧିମାନ ଆମ୍ଭେମାନେ ମାନୁ ନ ଥିବା ସମୟରେ ବିଧବା ବିବାହ ନିଷେଧସମ୍ବନ୍ଧୀୟ ଗୋଟିଏ ବିଧିମାନ ନେବା କଦାପି ସୁଯୁକ୍ତି ସଙ୍ଗତ ନୁହଇ । ବେଦବିଧି ଅନୁଯାୟୀ ଲିପିବଦ୍ଧମନୁ ସ୍ମୃତି ଆମ୍ଭମାନଙ୍କର ସର୍ବଥା ଶିରୋଧାର୍ଯ୍ୟ । ତହିଁରେ କନ୍ୟା ଋତୁମତୀ ହୋଇ ତିନିବର୍ଷ କାଳ ଅତୀତ କଲାପରେ ଅର୍ଥାତ୍ ଗୋ ୩୬ ଟି ଋତୁ ଭୋଗ ହେଲା ପରେ ବିବାହ କରିବାର ଉପଯୋଗୀ ହୋଇ ପାରିବାର ବିଧି ଅଛି ମାତ୍ର ତତ୍ପୂର୍ବେ ନୁହେ ଏବଂ ବିବାହ କରି ବିଧବା ହେଲେହେଁ ନିୟୋଗଦ୍ୱାରା ପୁରୁଷ ଭୋଗର୍ହ ହେବ । ଆମ୍ଭେମାନେ ପିଲାଟିଦିନରୁ ଝିଅକୁ ବିବାହ ଦେଇ ବେଦବିଧି କି ଯାହା ଈଶ୍ୱରଙ୍କର ଆଜ୍ଞା ବୋଲି ମାନ୍ୟ ହେବା ଉଚିତ ତାହାକୁ ପଦଦଳିତ କରୁଥିବା ହେତୁ ସଂସାରରେ ନାନା ପ୍ରକାର ଦୁଷ୍କର୍ମ ଓ ବ୍ୟଭିଚାରାଦିର ଅଭିନୟ ପ୍ରତିଦିନ ହେଉଅଛି । ନିୟୋଗ ବିଧିଟା ନିନ୍ଦନୀୟ ବୋଲି ତ୍ୟାଗ କରୁଅଛୁଁ । ଏମନ୍ତସ୍ଥଳେ ପାପରୁ ପୃଥିବୀକି ରକ୍ଷା କରିବାର ଉପାୟ ନାହିଁ । ସଭ୍ୟ ସମାଜରେ ସେହି ନିୟୋଗ କଥାଟାକୁ ବିବାହ ରୂପେ ଚଳାଇ ଦେଲେ କିଛିହିଁ ବାଧା ନାହିଁ । ନିୟୋଗ ମଧ୍ୟ ଅନ୍ୟରୂପ ବିବାହ । ସ୍ତ୍ରୀ ଆଉ ଅସୁବିଧା ସମୟରେ ପୁନଃସ୍ଥାନା ବିଧବା ଯୁବତୀର ଜ୍ଞାତି ପରିଜନମାନଙ୍କ ସମ୍ମତିରେ ସହବାସର ନାମ ନିୟୋଗ ଏବଂ ସେହିରୂପ ଅବିବାହିତା କନ୍ୟାର ପାଣିଗ୍ରହଣକୁ ବିବାହ କହନ୍ତି । ସୁତରାଂ ନିୟୋଗଠାରୁ ବିଧବାର ପାଣିଗ୍ରହଣ ସ୍ୱତନ୍ତ୍ର କଥା ନୁହେ । ନିୟୋଗରେ ପୁଣି ବିଧବାର ଏବଂ ବିବାହରେ ପୁଣି ନିୟୁକ୍ତ ସ୍ୱାମୀର । କଥାଟା ବୁଝିବାକୁ ଗଲେ ଏକ ଏବଂ ବର୍ତ୍ତମାନର ସଭ୍ୟ ସମାଜକୁ ନିୟୋଗ ପ୍ରଥାଠାରୁ ବିଧବାର ପାଣିଗ୍ରହଣ ପ୍ରଥା ଅଧିକ ସୁରୁଚି ବ୍ୟଞ୍ଜକ । ଅତଏବ ରାମଚନ୍ଦ୍ର ଲାଲ ମହାଶୟଙ୍କର ପରିଶ୍ରମକୁ ଆମ୍ଭେମାନେ ଅନୁମୋଦନ କରି ପାରିଲୁ ନାହିଁ । ପାଠକେ ମହର୍ଷି ଦୟାନନ୍ଦ-ସରସ୍ୱତୀଙ୍କର ସତ୍ୟାର୍ଥ ପ୍ରକାଶର ଚତୁର୍ଥ ସମୁଲ୍ଲାସ ପଢ଼ିଲେ ଏମନ୍ତ ବିଷୟ ବିଶଦ ରୂପେ ବୁଝି ପାରିବେ ।

ଗୃହିଣୀ ।—ଶ୍ରୀ ଅଭିନ୍ନ ନାୟକଙ୍କଦ୍ୱାରା ରଚିତ ଓ ବୌଦ୍ଧ ଜଗଦୀଶ ପ୍ରେସରେ ପ୍ରକାଶିତ । ଏହାର ଛପା ସୁନ୍ଦର ଏବଂ ପରିପାଟିରୂପେ ବନ୍ଧା ହୋଇଅଛି । ଅଭିନ୍ନ ବାବୁ ଉତ୍କଳରେ ଜଣେ ପରିଚିତ ଲେଖକ । ଓଡ଼ିଆ ଭାଷାରେ ବହୁଦିନ ହେଲା ତାଙ୍କର ଶ୍ରମ ଅଛି । ପ୍ରଥମରେ ଉତ୍କଳମଧୁପରେ ସେ ଲବଣ୍ୟବତୀ ଅର୍ଥ ସହିତ ପ୍ରକାଶିତ କରୁଥିଲେ ଏବଂ ବୈଦେହୀଶବିଳାସ ଉତ୍କଳକ୍ଷେତ୍ରରେ ତାଙ୍କର ପରିଶ୍ରମ ସୁନ୍ଦରରୂପେ ଘୋଷିତ କରିଅଛି । ସେ କବିତା ଲେଖି ପାରନ୍ତି ବୋଲି ଆମ୍ଭେମାନେ ଏତାବତ୍‌କାଳ ଜାଣି ନ ଥିଲୁଁ ମାତ୍ର ତାଙ୍କର 'ଗୃହିଣୀ' ସେ ଆଶଙ୍କା ଦୂରୀଭୂତ କରିଅଛି । 'ଗୃହିଣୀ'ର ରଚନା ଯେମନ୍ତ ସରଳ ତେମନ୍ତ ସରସ ଓ ଶିକ୍ଷାପ୍ରଦ । କବି ଦ୍ରୌପଦୀ ଓ ସତ୍ୟଭାମାଙ୍କ କଥୋପକଥନରେ ଗାର୍ହସ୍ଥ୍ୟ ଧର୍ମର ସୁନ୍ଦର ଶିକ୍ଷା ଦେଇଅଛନ୍ତି । ପୁସ୍ତକରେ ଅନେକ-ଗୁଡ଼ିଏ ରମଣୀୟ ଏବଂ ହୃଦୟଗ୍ରାହୀ କବିତା ଅଛି ଏବଂ ପୁସ୍ତକର ମୂଲ୍ୟ ଦଶପଇସା ହେଲେହେଁ ତହିଁ ଦଶଗୁଣ ଶିକ୍ଷା ଲାଭ ହେବ । ଆମ୍ଭେମାନେ କେବଳ ଏକସ୍ଥାନରୁ ନମୁନା ଦେଉଅଛୁଁ—"ପ୍ରେମ ଭକ୍ତିଭରେ ପୂଜିଲେ ବର ଦିଏ ପଥର ତହିଁ ଟାଣ ହୋଇ ପାରେ କି ହୃଦ ନିଜ କାନ୍ତର ।" ଭରସାକରୁଁ ଉତ୍କଳବାସୀ ମାତ୍ରକେ ଏହା ଶ୍ରମ-ସ୍ୱୀକାର ପୂର୍ବକ ପାଠ କରିବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗଜେଟ ।

ଛୋଟନାଗପୁର ଡିଭିଜନର ଏକ୍‌ଟିଂ କମିଶନର ମି: ଏଫ ଡବଲ୍ୟୁ, ଡିଉକ୍ ଅଙ୍କ ଅବକାଶ ପର୍ଯ୍ୟନ୍ତ ଓଡ଼ିଶା ଡିଭିଜନର କମିଶନର ଏବଂ ଓଡ଼ିଶା ଗଡ଼ଜାତମହାଲର ସୁପରିଣ୍ଟେଣ୍ଡେଣ୍ଟ ହେଲେ ।

ଓଡ଼ିଶାର କମିଶନର ଏବଂ ଓଡ଼ିଶା ଗଡ଼ଜାତମହାଲର ସୁପରିଣ୍ଟେଣ୍ଡେଣ୍ଟ ମି:, ଆର, ଇ, ଭିଁଅର, ସି, ଏସ, ଆଇ, ପାଟନା ଡିଭିଜନର କମିଶନର ହେଲେ ।

ସବ ଡେପୁଟି କଲେକ୍ଟର ବାବୁ ମଧୁସୂଦନ ଦାସ ବାବୁ ଏଙ୍ଗ ଅଙ୍କର ସହକାରୀ ସେଟଲମେଣ୍ଟ ଅଫିସର ପଦରେ ନିଯୁକ୍ତ ହେଲେ ।

Split by PDF Splitter

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ଶୁଣାର୍ଥିଷେଷୁ ।

ମହାଶୟ !

ଅମ୍ଭମାନଙ୍କର ଶ୍ରଦ୍ଧେୟ ନଇପଡ଼ ଶ୍ରୀ ନାଗ୍ୟୂଣ ଦେଓ ଭଞ୍ଜ ଓ ତାଙ୍କର ସୁଦକ୍ଷ ଦେୱାନ ବାବୁ ଶ୍ରୀ ଗୋବିନ୍ଦସ୍ୱାମୀ ଭଣ୍ଡାଲଙ୍କର ଅକ୍ଳାନ୍ତ ଯତ୍ନ ଓ ଉଦ୍ୟମରେ ପୂର୍ବ ଶାସନ ପ୍ରଣାଳୀ ବହୁପରିମାଣରେ ଉନ୍ନତାବସ୍ଥାକୁ ଆସିଅଛି । ମାତ୍ର ଦେତେ ଦୁଷ୍ଟଲୋକଙ୍କର ସ୍ୱାର୍ଥରେ ବାଧା ପଡ଼ିବାରୁ ସେମାନେ କର୍ତ୍ତୃପକ୍ଷମାନଙ୍କ ସମୀପକୁ ନାନାଦ ଝୁଠା ମିଥ୍ୟାକଥା ଲେଖି ବେନାମିପତ୍ର ପଠାଉଥିଲେ, ତହିଁରେ ସଫଳ ପ୍ରୟାସ ନ ହେବାରୁ କ୍ରମଶଃ ସ୍ୱନାମି ଦଗଲୁ ଆସିଲେ । ଗତ ଜାନୁୟାରି ମାସ ତା ୧୦ ରଖରେ ଗୋଟିଏ ରଖାଇଂ ଲଫାଫ ଶ୍ରୀଯୁତ ଶ୍ରୀ ପୋଲିଟିକେଲ ଏଜେଣ୍ଟ ସାହେବ ବାହାଦୁରଙ୍କ ସମୀପକୁ ଡାକଦ୍ୱାରା ଯାଉଥିଲେ ତାହା ବିଷୟ ଥିବା ବଶତଃ ଅଗ୍ରାହ୍ୟ ହୋଇ ଫେରିଆସି କୌଣସି ଭଦ୍ରଲୋକର ହସ୍ତଗତ ହେଲା । ଖୋଲି ପଢ଼ନ୍ତେ ଦେଖାଗଲା ଯେ ତହିଁରେ ଥିବା ଖଣ୍ଡିଏ ଦରଖାସ୍ତରେ ଏ କଥାର ଅନେକ ମାନ୍ୟଗଣ୍ୟ ମହିମନ୍ଦ ଜଣ୍ଟ ସର୍ଦ୍ଦାର ଓ ସଦାସ୍ୱକାରମାନଙ୍କ ସ୍ୱାକ୍ଷର ଜାଲ ହୋଇଅଛି ଏବଂ ଦେୱାନ ବାବୁଙ୍କ ବିରୁଦ୍ଧରେ ଅନେକ ଅସାର ଓ ମିଥ୍ୟା ଅଭିଯୋଗ ଓ ଆକ୍ଷେପ ବର୍ଣ୍ଣିତ ହୋଇଅଛି; ତହୁଁ ଏ ସବୁ ଜଣ୍ଟ ସର୍ଦ୍ଦାର ସବାସ୍କାରମାନେ ଅନୁସନ୍ଧାନ ଲଗାନ୍ତେ ଉଲ୍ଲିଖିତ ଝୁଠା ବ୍ୟବସାୟୀମାନଙ୍କ ମଧ୍ୟରୁ ଜ ୪ ଣ ଧରାପଡ଼ି ଜାଲ ଅପରାଧରେ କାରାଦଣ୍ଡ ପାଇ ବର୍ତ୍ତମାନ ଶ୍ରୀ ମନ୍ଦିରରେ ବାସକରି ପାପର ପ୍ରାୟଶ୍ଚିତ୍ତ କରୁଅଛନ୍ତି । ଆଶାକରୁଁ ଅବଶିଷ୍ଟ ବଦମାସମାନେ ଧରାପଡ଼ି ଅତଲେ ଶ୍ରୀ ମନ୍ଦିର ଦର୍ଶନ କରିବେ । ଶ୍ରୀଯୁକ୍ତ ରାଜାସାହେବଙ୍କ ନ୍ୟାୟପରାୟଣତା ହେତୁ ତାଙ୍କୁ ଅନ୍ତଃକରଣ ସହିତ ଧନ୍ୟବାଦ ଦେଉଅଛୁଁ ଓ ତାଙ୍କର ଦୀର୍ଘଜୀବନ କାମନା କରୁଅଛୁଁ ।

| | |
|---|---|
| ୧୧।୩।୦୭ | ବଶମ୍ବଦ |
| ବଣପଲି | ଶ୍ରୀ ଯୋଗୀନ୍ଦ୍ର ମିଶ୍ର |
| | ବଣପଲ୍ଲୀ କୁଞ୍ଜବନଗଡ଼ |

---

ମହାଶୟ,

ଗତ ତା ୯ ଇଖର ଉତ୍କଳ ଦୀପିକାରେ କଟକ ଆଦର୍ଶ ବାଳିକା ବିଦ୍ୟାଳୟ ସମ୍ବନ୍ଧରେ ଆପଣ ଯାହା ଲେଖି ଅଛନ୍ତି, ସେଥିରେ କେତୋଟି ଗୁରୁତର ଭ୍ରମ ଦେଖି ଦୁଃଖିତ ହେଲି । କିଞ୍ଚିତ୍ ଶ୍ରମ ସ୍ୱୀକାର କରି ତଥ୍ୟାନୁସନ୍ଧାନ କରିଥିଲେ ଆପଣ ନିଜେ ଏପରି ଭ୍ରମରେ ପଡ଼ି ନ ଥାନ୍ତେ ଏବଂ ଅପର ସାଧାରଣଙ୍କ ମନରେ ଭ୍ରାନ୍ତ ଧାରଣା ଜନ୍ମାଇ ନ ଥାନ୍ତେ ।

ଆପଣ ଲେଖି ଅଛନ୍ତି, "ସ୍କୁଲରପ୍ରାୟ ସମସ୍ତ ପ୍ରେଣ୍ଟ ବଙ୍ଗାଳୀ ଥିବାରୁ ଅମ୍ଭମାନଙ୍କ ମନରେ ବିଶେଷ ଦୁଃଖ ଜାତ ହେଲା । ଶ୍ରୀମତୀ ରେବା ଓଡ଼ିଆ ଥିବାସ୍ଥଳେ ତାଙ୍କର ଅନୁଷ୍ଠିତ ସ୍କୁଲରେ ଓଡ଼ିଆ ଛାତ୍ରୀ ଅଭାବ ଥିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ ।" ଏହା ଯଥାର୍ଥ ନୁହେ । ବିଦ୍ୟାଳୟର ଆରମ୍ଭରୁ ଓଡ଼ିଆ ଛାତ୍ରୀର ଅଭାବ କେବେ ହୋଇ ନାହିଁ—ଓଡ଼ିଆ ଓ ବଙ୍ଗାଳୀ ପ୍ରାୟ ସମାନ ରହି ଅଛନ୍ତି । ବରଂ ମଧ୍ୟରେ ଓଡ଼ିଆ ଛାତ୍ରୀ ଅଧିକ ହୋଇଥିଲେ । ଶ୍ରୀଯୁକ୍ତ ଅଭୟ ପ୍ରସାଦ ଦାସ ଓ, ଏ ଶ୍ରୀଯୁକ୍ତ ବ୍ରଜସୁନ୍ଦର ମର୍ଦ୍ଦରାଜ ସ୍ଥାନାନ୍ତରିତ ହେବାରୁ ସେମାନଙ୍କ କନ୍ୟାମାନେ ଅଳ୍ପଦିନ ହେଲା ବାହାରି ଯାଇ ଅଛନ୍ତି । ତଥାପି ବର୍ତ୍ତମାନ ଜ ୪୭ ଣ ଛାତ୍ରୀଙ୍କ ମଧ୍ୟରୁ ଜ ୨୩ ଣ ଓଡ଼ିଆ ଓ ଉତ୍କଳ ବାସୀ ବଙ୍ଗାଳୀ ।

ପୁଣି ଆପଣ କହି ଅଛନ୍ତି, "ଯେ ବଙ୍ଗାଳୀ ଛାତ୍ରୀ ଅଛନ୍ତି ସେମାନେ ଅଧିକାଂଶ ଉପରେଲିଖ କାରଣରୁ (ସଙ୍ଗୀତ ଓ ଇଂରାଜୀ ଶିକ୍ଷାର ଚଳନ ହୋଇଥିବାରୁ) ରେଭେନ୍ସା ବାଳିକା ବିଦ୍ୟାଳୟରୁ ସ୍ୱେଚ୍ଛାକ୍ରମେ ବା ଅନ୍ୟରୂପେ ବାହାରି ଆସି ଅଛନ୍ତି" ଏହା ମଧ୍ୟ ଯଥାର୍ଥ ନୁହେ । ରେଭେନ୍ସା ବାଳିକା ବିଦ୍ୟାଳୟରୁ ୭।୮ ଟିରୁ ଅଧିକ ବାଳିକା ଏ ବିଦ୍ୟାଳୟକୁ ଆସି ନାହାନ୍ତି । ଏଥି ଉପରେ ଯେଉଁ କେତୋଟି ବାଳିକା (ସେ ସଂଖ୍ୟା ମଧ୍ୟ ଅତି ଅଳ୍ପ) ରେଭେନ୍ସା ବାଳିକା ବିଦ୍ୟାଳୟର ପାଠ ଶେଷ କରି ଘରେ ବସି ରହିଥିଲେ, ସେମାନଙ୍କୁ "ଉକ୍ତ ବିଦ୍ୟାଳୟରୁ ବାହାରି ଆସିବାର" ବୋଲି କହି ନ ପାରେ ।

ଆପଣ ଯେ ଲେଖିଅଛନ୍ତି, "ସ୍ୱେଚ୍ଛାକ୍ରମେ ବା ଅନ୍ୟରୂପେ ବାହାରି ଆସି ଅଛନ୍ତି" ସେଥିରୁ "ଅନ୍ୟରୂପେ" କଥାଟିର ଗୂଢ଼ ଅଭିପ୍ରାୟ ବୁଝି ପାରିଲି ନାହିଁ ।

"କେବଳ ସଙ୍ଗୀତ ଓ ଇଂରାଜୀ ଶିକ୍ଷାର ଚଳନ ହୋଇ ଥିବାରୁ ଓଡ଼ିଆ ଛାତ୍ରୀ ଏଥିରେ ଯୋଗ ଦେଉ ନାହାନ୍ତି," ଏକଥାର ଅର୍ଥ ବୁଝିବା ମଧ୍ୟ ଦୁରୂହ । ଏ ଦୁଇଟି ବିଷୟ ଓଡ଼ିଆ ଛାତ୍ରୀଙ୍କ ପକ୍ଷରେ ଅନାବଶ୍ୟକ ବା ଅନିଷ୍ଟକର ? ସଙ୍ଗୀତ ଶିକ୍ଷା ଛାତ୍ରୀମାନଙ୍କ ଇଚ୍ଛାଧୀନ ଏବଂ ସେଥିପାଇଁ ସ୍ୱତନ୍ତ୍ର ବେତନ ଦେବାକୁ ହୁଏ । ତେବେ ଏହା ବିଦ୍ୟାଳୟପ୍ରବେଶର ଅନ୍ତରାୟ ହେବ କାହିଁକି ? ପ୍ରକୃତପକ୍ଷେ ସଙ୍ଗୀତ ଶ୍ରେଣୀରେ ଓଡ଼ିଆ ଛାତ୍ରୀସଂଖ୍ୟା ଅଧିକ ଏବଂ ପୁରସ୍କାର ବିତରଣ ଦିନ ଯେଉଁ ବାଳିକାମାନେ ଗୀତ ଗାଇଥିଲେ ସେଥି ମଧ୍ୟରେ କେତେ ଜଣ ଓଡ଼ିଆ । ଇଂରାଜୀ ଶିକ୍ଷା ବିଷୟରେ ବକ୍ତବ୍ୟ ଏହି ଯେ ବିଦ୍ୟାଳୟର ବର୍ତ୍ତମାନ୍ ଉଚ୍ଚତମ ଦୁଇ ଶ୍ରେଣୀରେ ମଧ୍ୟ ଓଡ଼ିଆ ଛାତ୍ରୀ ଅଛନ୍ତି । ଆପଣ କୌଣସି ତଥ୍ୟ ନ ବୁଝି କେବଳ କଳ୍ପନା ଓ ଅନୁମାନ ଉପରେ ନିର୍ଭର କରି ଲେଖି ଅଛନ୍ତି "ଫଳତଃ ଏଠା ବାଳିକାମାନଙ୍କର ଶିକ୍ଷା ପ୍ରତି ମନୋଯୋଗ ଏ ବିଦ୍ୟାଳୟର କାର୍ଯ୍ୟାବଳୀରୁ ପ୍ରକାଶ ହେଉ ନାହିଁ ।" ଏହା କେତେଦୂର ଉଚିତ ଓ ସଙ୍ଗତ ହୋଇଅଛି ଆପଣ ନିଜେ ବିଚାର କରିବେ । ଉତ୍କଳ ବାସିଙ୍କର ସ୍ତ୍ରୀ ଶିକ୍ଷାପ୍ରତି ଅନାସ୍ଥା କଥା କଣ ଆପଣଙ୍କୁ ଜଣା ନାହିଁ ? ରେଭେନ୍ସା ବାଳିକା ବିଦ୍ୟାଳୟର ବାର୍ଷିକ ବିବରଣୀରୁ ସମ୍ପାଦକଙ୍କ ଆକ୍ଷେପ କଣ ବାରମ୍ବାର ଆପଣ ଶୁଣି ନାହାନ୍ତି ? ଦୋଷ କେଉଁ ପକ୍ଷର ? ବିଦ୍ୟାଳୟର ନା ଲୋକମାନଙ୍କର ?

ଆଉ ଗୋଟିଏ କଥା । ବାଳିକାମାନେ ପର୍ଦ୍ଦା ଭିତରରେ ଗୀତ ଗାଇ ନ ଥିଲେ—ବାଳିକାମାନେ ପଦାରେ ବସି ଗାଇଥିଲେ । ସହରର କେତେକ ଭଦ୍ରମହିଳା ପୁରସ୍କାର ବିତରଣ ଦେଖିବାକୁ ଆସି ପର୍ଦ୍ଦା ଭିତରରେ ଆସନ ଗ୍ରହଣ କରିଥିଲେ ।

| | |
|---|---|
| କଟକ | ବଶମ୍ବଦ |
| ୨୦।୩।୧୯୦୭ | ଶ୍ରୀ ବିଶ୍ୱନାଥ କର |

☞ ବିଷୟ ଦେଖି କ୍ଷମ ହୋଇଥିଲା । ଔଦ୍ଧତ୍ୟ ବାଦଦେଇ ଉକ୍ତ ଦ୍ୱାରା ଶୁଣି ଅନୁଚିତ ହେଉଁ । ସଂ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋକୁଳ ଚନ୍ଦ୍ର ଦାସ ଭଦ୍ରକ | | ଟ ୨ |
| " ଭଗବାନ ପଟ୍ଟନାୟକ ସାହୁର ଜଳାଗଡ଼ଟମ | | ଟ ୨ |
| " ରଘୁନାଥ ପଟ୍ଟନାୟକ ଜାଳବାଡ଼ି | ଖୁଦ୍ଦ | ଟ ୩ |
| " ପର୍ଶୁରାମ ମିଶ୍ର ଡିପ୍‌ଟି | " | ଟ ୧ |
| । ତ । ବାଙ୍ଗାଳୀ ନଡ ସାହେବର | କଟକ | ଟ ୧୨ |
| " ଯୋଗୀନାଥ ମିଶ୍ର ବିଶୁପାଲ | ପୁରୀ | ଟ ୩ |
| " କୃଷ୍ଣଚନ୍ଦ୍ର ପାତ୍ର | କଟକ | ଟ ୩ |
| " ଗୀତବାସ ମହାପାତ୍ର ହମୀର | ଓଡ଼ଶା | ଟ ୩ |
| " ମାଳନୀ ପାଲ ହଜାରୀବାଗର | କଟକ | ଟ ୨ |
| " କାଶୀନାଥ ଦାସ ଏମ, ଏ, | ହେଲ୍‌ପଡ଼ା | ଟ ୩ |
| " ଚନ୍ଦ୍ରଶେଖର ସିଂହ ଦଣ୍ଡ ରାମପୁର | ଖୁଲ୍‌ଣା | ଟ ୧୨ |
| " ଚତୁର୍ଭୁଜ ମିଶ୍ର ଅଷ୍ଟସରୀ | ମୟୂରଭଞ୍ଜ | ଟ ୩ |
| " ଭଗବାନ୍ ଦାସ | ପଞ୍ଚପଢ଼ା | ଟ ୩ |
| " ବଂଶୀଧର ମହାପାତ୍ର ମଧୁପୁର | ଢାଙ୍କୀ | ଟ ୧ |
| " କୌଶଲ୍ୟା ନାଥ ଦଣ୍ଡ ଉକିଲ | କଟକ | ଟ ୧ |
| " କୃଷ୍ଣ ପ୍ରସାଦ ସ୍ୱାଇଁ ଚୁନାପଣ୍ଡା ବାଲେଶ୍ୱର | | ଟ ୩ |
| " ଦୁର୍ଗା ପ୍ରସାଦ ପାଲ ସାବନ୍ତା | ଓଡ଼ଶା | ଟ ୩ |
| " ନବୀନ ମୋହନ ରାୟ, ରଘୁ, ଜହାନବାଗ | | ଟ ୩ |
| " ମାଖନ ସରଦା, ଶତ୍ରୁଘ୍ନ, ଭକ୍ତିଶବାଡ଼ | | ଟ ୧ |
| " ଅନ୍ନଦା ଚରଣ ରାୟ, ତୁଳସୀଟୋଲା, କଟକ | | ଟ ୧ |

---

## ବିଜ୍ଞାପନ ।

## ଶ୍ରୀରାଧାକୃଷ୍ଣଲୀଳାମୃତ

ଏହା ସଚିତ୍ର କାବ୍ୟ ଗ୍ରନ୍ଥ ଛପାହୋଇ ପ୍ରସ୍ତୁତ ଅଛି । ରାଜନଗର ରାଧାକୃଷ୍ଣ ଦାସଙ୍କ କୃତ ଚତୁର୍ତ୍ରିଂଶ ଛାନ୍ଦରେ ସମ୍ପୂର୍ଣ୍ଣ ।

କଟକ ପ୍ରିଣ୍ଟିଂକମ୍ପାନୀ ପୁସ୍ତକ ଦୋକାନ ଏବଂ ବାଲୁବଜାର ଜଗନ୍ନାଥ ପୁସ୍ତକାଳୟରେ ପ୍ରାପ୍ତବ୍ୟ । ମୂଲ୍ୟ ଟ ୦ ୧୯

# ବିଜ୍ଞାପନ ।

ଶ୍ରୀ ଲକ୍ଷ୍ମୀନୃସିଂହ ଲାଇଫ୍ ଏସ୍ୟୁରେନ୍ସ ଏଣ୍ଡ୍ ମାଟରେଜ୍ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ୍ ।

ହେଡ୍ ଅଫିସ ବେଲଗୁଣ୍ଠା ।

ଗଞ୍ଜାମ ।

ଏହି କୋମ୍ପାନୀ ଟ ୧୦,୦୦୦ ଙ୍କା ମୂଳଧନରେ କେତେକ ଭଦ୍ର ଓ ଧନୀବ୍ୟକ୍ତିମାନଙ୍କ ଯତ୍ନରେ ବେଲଗୁଣ୍ଠାଠାରେ ସ୍ଥାପିତ ହୋଇ ମାନ୍ୟବର ଶ୍ରୀ ଭାରତଗଭର୍ଣ୍ଣମେଣ୍ଟଙ୍କ ଅଙ୍ଗୀକୃତ ସନ ୧୮୮୨ ସାଲର ୬ ନମ୍ବର ଓ ସନ ୧୮୯୫ ସାଲର ୨୭ ନମ୍ବର ଇଣ୍ଡିୟାନ୍ କୋମ୍ପାନୀ ଆଇନାନୁସାରେ ଗଭର୍ଣ୍ଣମେଣ୍ଟରେ ରେଜିଷ୍ଟ୍ରି କରା ହୋଇ ସାର୍ଟିଫିକେଟ ଲାଭ କରିଅଛନ୍ତି । ଏହି କୋମ୍ପାନୀରେ ଭାରତବର୍ଷ ବ୍ରହ୍ମଦେଶ ଓ ସିଂହଳବାସୀ ଧନୀ ଓ ଦରିଦ୍ର ପ୍ରତ୍ୟେକ ସ୍ତ୍ରୀ ପୁରୁଷ, ଜାତି, ଧର୍ମ ଓ ବୟସ ନିର୍ବିଶେଷ ନ ଥାଇ ଏବଂ ଡାକ୍ତର ସାର୍ଟିଫିକେଟ ବିନା ପ୍ରୟୋଜନରେ ଇଚ୍ଛାନୁଯାୟୀ ୧ମ, ୨ୟ ବା ୩ୟ ଶ୍ରେଣୀର ଗ୍ରାହକରୂପେ ପ୍ରବେଶ କରିପାରିବେ । ୧ମ ଶ୍ରେଣୀରେ ମାସିକ ଟ ୧ ୮ ୨ୟ ଶ୍ରେଣୀରେ ଟ ॥ ଓ ୩ୟ ଶ୍ରେଣୀରେ ଟ ୦ । ୧ମ ଶ୍ରେଣୀର ବ୍ୟକ୍ତି ପ୍ରଥମ ମାସରେ ଟ ୨।୵ ଅର୍ଥାତ ପ୍ରବେଶ ଫିସ୍ ୧ ୮ ସଙ୍ଗାର ଷ୍ଟାମ୍ପ ସହିତ ଟ ୦।୵ ଏବଂ ଚାନ୍ଦା ଟ ୧ ୮; ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ୧ମ ମାସରେ ଟ ୧।୵ ଏବଂ ତୃତୀୟ ଶ୍ରେଣୀର ବ୍ୟକ୍ତି ପ୍ରଥମମାସରେ ଟ ୲୵ ଲେଖାଏ ଚାନ୍ଦା ଦେବେ । ଲାଇଫ୍ ଏସ୍ୟୁରେନ୍ସ କାର୍ଯ୍ୟରେ ପ୍ରଥମ ଛଅମାସ ମଧ୍ୟରେ ଅର୍ଥାତ ଦରଖାସ୍ତ ତାରିଖଠାରୁ ୧୮୦ ଦିନ ମଧ୍ୟରେ ଚାନ୍ଦାଦାତା ମୃତ ହେଲେ କିଛି ଲାଭ ପାଇବେ ନାହିଁ ଓ ଚତୁର୍ଥମାସର ଏକଦିନରେ ମୃତ ହେଲେ ମଧ୍ୟ ମୃତପତ୍ରରେ ଥିବା ଅଙ୍କ ତାହାର ଉତ୍ତରାଧିକାରୀମାନେ ବନ୍ଦୋବସ୍ତାନୁସାରେ ପାଇବେ । ତେବେ, ତ୍ରିତ ପ୍ରଭୃତି କାର୍ଯ୍ୟରେ ଦରଖାସ୍ତ ତାରିଖଠାରୁ ଚାରିମାସ ପରେ ଚାନ୍ଦାସ୍ୱରୂପ ଗୃହୀତ ହେବ । ତଦନନ୍ତର ନିର୍ଦ୍ଦିଷ୍ଟ ଦିବସ ପର୍ଯ୍ୟନ୍ତ ଚାନ୍ଦାଦେବା ବ୍ୟକ୍ତି ପ୍ରତ୍ୟେକ ଟିକେଟରେ ଟ ୫ ରୁ ଟ ୧୫ ଙ୍କା ପର୍ଯ୍ୟନ୍ତ ପାଇବେ ।

ସମ୍ପ୍ରଦାୟ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ଦିବସରେ ଟଙ୍କାର ଆବଶ୍ୟକ ନ ହେଲେ ବ ୫ ବର୍ଷ ପର୍ଯ୍ୟନ୍ତ ଜମାବନ୍ଦି ଗ୍ରହଣ କରିବାକୁ ହେବ; ପଞ୍ଚମବର୍ଷର ଶେଷ ଦିନରେ ରିଜର୍ଭ ଫଣ୍ଡର ଲାଭ ଓ ମୂଳଧନ ସହ ବନ୍ଦୋବସ୍ତ କରି ଦିଆଯିବ । କେହି କୋମ୍ପାନୀ ସମ୍ବନ୍ଧରେ ବିଶେଷ ବିବରଣ ଜାଣିବାକୁ ଇଚ୍ଛା କଲେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ଅନାୟାସରେ ପାଇ ପାରିବେ । ପ୍ରତ୍ୟେକସ୍ଥାନରେ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ଏଜେଣ୍ଟ କରାଯିବ । ଏଜେଣ୍ଟମାନେ କୋମ୍ପାନୀର ନିୟମାନୁସାରେ ଉଚିତ କମିଶନ ପାଇବେ ।

ଅନାଥାଳୟ କୋମ୍ପାନୀରେ କେବଳ ଧନୀବ୍ୟକ୍ତିମାନେ ଲାଭବାନ୍ ହୁଅନ୍ତି, ମାତ୍ର ଏଥିରେ ଧନୀ ଓ ଦରିଦ୍ର ସମସ୍ତେ ଯଥେଷ୍ଟ ଲାଭବାନ୍ ହୋଇ ପାରିବେ ।

ଶ୍ରୀ ଉଦ୍ଦଲାଲ ପଟ୍ଟନାୟକ
ଡାଇରେକ୍ଟର
୧୪-୨-୦୭
ବେଲଗୁଣ୍ଠା

ଶ୍ରୀ ଧର୍ମ ମହାପାତ୍ର
ମେନେଜିଂ ଡାଇରେକ୍ଟର

---

ଆମ୍ଭମାନଙ୍କର ଜଗତ ବିଖ୍ୟାତ
ଓରାଇଡ୍ ସ୍ୱର୍ଣ୍ଣ ନିର୍ମିତ ଅଲଙ୍କାର ।

ସବୁ ସ୍ଥଳେ ଏକ ବର୍ଣ୍ଣ ।

ଓରାଇଡ୍ ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର ଶସ୍ତା ଦରରେ ପାଇବା ସ୍ଥଳେ ପ୍ରକୃତ ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର କିଣି ଟଙ୍କା ନଷ୍ଟ କରିବାର ଆଉ କୌଣସି ପ୍ରୟୋଜନ ନାହିଁ । ଏହା ପ୍ରକୃତ ସ୍ୱର୍ଣ୍ଣ ପରିବର୍ତ୍ତରେ ବ୍ୟବହୃତ ହୋଇ ପାରେ ରଙ୍ଗ ଏବଂ ତେଜରେ ଏହା ଏତେ ଦୂର ପ୍ରକୃତ ସୁନାପରି ଦେଖାଯାଏ ଯେ ଏହାକୁ ବାଛ ଦେବାର କୌଣସି ସମ୍ଭାବନା ନାହିଁ । ଏହାର କାରୁକାର୍ଯ୍ୟ ଅତି ଚମତ୍କାର ॥ ଏହା ଦିନଅନେକ ଟିକିବ ଭଲ କରିଅଛି ଯାହା ଅସଲ ଠାରୁ ଅପେକ୍ଷା କୌଣସି ଗୁଣରେ ଊଣା ନୁହେ ।

ମହିଳାମାନଙ୍କର ରୂପ ଗଳା ହାର



ଏହାର ମଧ୍ୟରେ ଗୋ ୫୦ ଟି ଜବର ହୀରା ବା ମାଣିକ୍ୟ ବସିଅଛି । ମୂଲ୍ୟ ଅତି ଶସ୍ତା । ସବ ଯୋଡ଼ାର ମୂଲ୍ୟ ଟ ୧୨

ମହିଳାମାନଙ୍କର କାନଫୁଲ ।



ଏଥିରେ ସାତୋଟି ଜବର ହୀରା ବା ରତ୍ନ ବସି ଅଛି ।
ମୂଲ୍ୟ ପ୍ରତି ଯୋଡ଼ା ୧୮ ମାତ୍ର ।
ଓରାଇଡ୍ ମୁଦି ।

ଏହି ମୁଦିର ରଙ୍ଗ ଏବଂ ତେଜ ପ୍ରକୃତ ସ୍ୱର୍ଣ୍ଣମୁଦିଠାରୁ କୌଣସି ଗୁଣରେ ଊଣା ନୁହେ । ଏଥିରେ ଗୋଟିଏ ଜବର ହୀରା ବା ରତ୍ନ ପ୍ରସ୍ତର ବସିଅଛି । ମୂଲ୍ୟ ଅତି ଶସ୍ତା । ପ୍ରତ୍ୟେକର ଟ ୧ । ଡଜନ ଟ ୧୦ ଙ୍କା ମାତ୍ର ।
ଡାକମାସୁଲ ସ୍ୱତନ୍ତ୍ର ଟ ୦ ।

ଏକ ସମୟରେ ଏକ ଡଜନ ମୁଦିର ଗ୍ରାହକ ହେଲେ ଉପହାର ସ୍ୱରୂପ ଗୋଟିଏ ପେନସିଲ କମ୍ପାନୀର ଫାଉଣ୍ଟେନ୍ ପେନ ପାଇବେ ।

ଇଂରାଜୀରେ ପତ୍ର ଲେଖି ପଠାଇବ ଏବଂ ନାମ ଓ ଠିକଣା ସ୍ପଷ୍ଟାକ୍ଷରରେ ଲେଖିବ ।

*Apply to*

PAUL BROS & Co.
13, U, D, Kenderdines Lane,
Bowbazar P.o. Calcutta

---

ଦୈବପ୍ରଦତ୍ତ !

ମାଦଲୀ   ମାଦଲୀ   ମାଦଲୀ

ଅଭେ ନେଇ ପରୀକ୍ଷା କର
ଥରେ ନେଇ ପରୀକ୍ଷା କର
ସୁପ୍ରସିଦ୍ଧ ବାଚକଙ୍କର ମାଦଲୀ ।

ଏହା ଧାରଣରେ ନାନାବିଧ ବାତରୋଗ—ଦୁଃସ୍ୱପ୍ନ ପୁରୁଷର ସ୍ୱପ୍ନଦୋଷ—ରମଣୀମାନଙ୍କର କାଳପୁରୁଷ ସହବାସଜନିତ ପଞ୍ଚମ ଷଷ୍ଠମାସରେ ଗର୍ଭପାତ ପର୍ଯ୍ୟନ୍ତ ବହୁଙ୍କର ଅଦୃଷ୍ଟରୁ ଇଷ୍ଟକରେ ଯେଉଁମାନେ ବାତଜ୍ୱରରେ ବଙ୍ଗାଳରୁ ଅଧିକ ହେବ ପ୍ରାଣାନ୍ତକ କଷ୍ଟ ଭୋଗ କରୁଅଛନ୍ତି—ଯେଉଁମାନେ ନାନାବିଧ ମୂଲ ଧାରଣକରି ଔଷଧ ଭକ୍ଷଣ କରି ଉପରଲିଖିତ ବିପଦମାନଙ୍କର କବଳରୁ ରକ୍ଷା ନ ପାଇ ହତାଶ ହୋଇଅଛନ୍ତି ସେହିମାନଙ୍କୁ ଅନୁରୋଧ ଯେ ଥରେ ବାଚକଙ୍କର ମାଦଲୀ ଧାରଣ କରନ୍ତୁ ବିଜ୍ଞାପନର ବାହ୍ୟାଡମ୍ବର କରି କିଛି ପ୍ରୟୋଜନ ନୁହେ । ଗ୍ରାହକମାନେ ଥରେ ଧାରଣ କରି ପରୀକ୍ଷା କରନ୍ତୁ ।

ଏହି ମାଦଲୀର ମୂଲ୍ୟ ଏକ ଗୋଟାକୁ ଟ ୧ ।

ଏକଟଙ୍କ ଏକ ଡଜନକୁ ଟ ୧୨ ଙ୍କା

ପ୍ୟାକିଂ, ଡାକମାସୁଲ ସ୍ୱତନ୍ତ୍ର ଦେବାକୁ ପଡ଼ିବ

ଅତି ଉତ୍କୃଷ୍ଟ ଜାତକ   ଅତି ଉତ୍କୃଷ୍ଟ ଜାତକ

ଇଂରାଜୀ, ବଙ୍ଗଳା, ଓଡ଼ିଆ,

ମାନବଜାତିଙ୍କର ଶୁଭାଶୁଭ ଫଳ ଯାବନ୍ତ ଜ୍ୟୋତିଷ ଶାସ୍ତ୍ରରୁ ନିରୂପିତ ହୁଏ ଏଥି ସକାଶେ ଜ୍ୟୋତିଷ ସର୍ବବେଦ ପ୍ରଶଂସିତ ଶାସ୍ତ୍ର ବୋଲି କଥିତ ହୋଇଅଛି, ଅତଏବ ପ୍ରତ୍ୟେକ ମାନବଙ୍କର ଶୁଭାଶୁଭ ଜ୍ଞାପକ ଜନ୍ମକୋଷ୍ଠି ରଖା ଅତ୍ୟନ୍ତ ଆବଶ୍ୟକ ।

ପ୍ରମାଣ ଅଛି—

ଯସ୍ୟ ନାସ୍ତି ଶତ୍ରୁ ଜନ୍ମପତ୍ରିକା
ଯା ଶୁଭା ଶୁଭ ଫଳ ପ୍ରକାଶିନୀ ।
ଅନ୍ଧକଂ ଭବତି ତସ୍ୟ ଜୀବନଂ
ଦୀପହୀନ ମିବ ମନ୍ଦିରଂ ନିଶି ॥

ଯଦି କେହି ଜ୍ୟୋତିଷ ଗଣନାଦ୍ୱାରା ନିଜର ଆୟୁ ଜନ୍ମସ୍ଥ ବା ଦୈନିକ ପ୍ରଭୃତି ଫଳ ସହିତ କୋଷ୍ଠି ପ୍ରସ୍ତୁତ କରିବାକୁ ଚାହାନ୍ତି ଏବଂ ପ୍ରଶ୍ନ ଗଣନା ଦ୍ୱାରା ଭବ ଶୁଭାଶୁଭ ଜାଣିବାକୁ ଇଚ୍ଛା କରନ୍ତି ତେବେ ସେମାନେ ଜନ୍ମକୋଷ୍ଠି ସହ ନିମ୍ନଲିଖିତ ଠିକଣାକୁ ନିଜର ନାମ ଧାମ ଜନ୍ମ ତାରିଖର ଉତ୍ତମରୂପେ ଉଲ୍ଲେଖ କରି ପତ୍ର ଲେଖନ୍ତୁ ବା ସାକ୍ଷାତ କରନ୍ତୁ ତାହାହେଲେ ପ୍ରଶ୍ନର ଉତ୍ତର ଏବଂ ଆବଶ୍ୟକ ଧରଣର କୋଷ୍ଠି ପାଇ ପାରିବେ ଏବଂ ଯେଉଁ ଯେଉଁ ମାସ ତାରିଖ ଦିନମାନଙ୍କରେ ଯେଉଁ ଯେଉଁ ଘଟଣାମାନ ହେବ ତାହା ନିଜେ ପୂର୍ବରୁ ବୁଝି ପାରୁଥିବେ ଆଉ କୌଣସି ଜ୍ୟୋତିଷର ଆବଶ୍ୟକ ହେବ ନାହିଁ । ଇଂରାଜୀ, ବଙ୍ଗ, ଓଡ଼ିଆ, ଏହି ତିନିଭାଷା ମଧ୍ୟରୁ ଗ୍ରାହକମାନଙ୍କର ଯେଉଁ ଭାଷାରେ ଦରକାର ହେବ ସେହି ଭାଷାରେ ଅତ୍ୟଳ୍ପ ମୂଲ୍ୟରେ ପ୍ରସ୍ତୁତ କରାଯାଇ ଦିଆଯିବ । ଗ୍ରାହକମାନଙ୍କୁ ଅନୁରୋଧ ଏହି ଯେ ଉତ୍ତର ପଠାଇବା ସମୟରେ ନିମ୍ନଲିଖିତ ନମ୍ବର

Split by PDF Splitter
Digitized by srujanika@gmail.com

Split by PDF Splitter



ମାନଙ୍କରୁ ଯେଉଁ କମ୍ପର କୋଷ୍ଠି ଦରକାର ତାହା ଲେଖିବେ ଏବଂ କମ୍ପଗନୁସାରେ ନିରୂପିତ ମୂଲ୍ୟର ଏକଚତୁର୍ଥାଂଶ ଅଗ୍ରିମ ପଠାଇବା ସମୟରେ ନ ପଠାଇଲେ କୋଷ୍ଠି ପ୍ରସ୍ତୁତ କରାଯାଏ ନାହିଁ । ଅବଶିଷ୍ଟ ମୂଲ୍ୟ କୋଷ୍ଠି ଭି: ପି: ଡାକରେ ପଠାଯାଇ ଗ୍ରାହକଙ୍କଠାରୁ ଆଦାୟ କରାଯାଏ ।

ପକେଟକୋଷ୍ଠି ।

ଏହି କୋଷ୍ଠି ସବୁପ୍ରକାର ଗଣନା ଓ ଦୈନିକ ଫଳ ଥାଇ ପ୍ରସ୍ତୁତ କରାଯାଏ ଏହା ସର୍ବ ସମୟରେ ପ୍ରୟୋଜନୀୟ, ଏଥିରେ ଯାହା ଅଳଙ୍କାର ବସ୍ତ୍ର ଶଳିଦର୍ଶନାଦ ଯାବନ୍ତ ଶୁଭକର୍ମ ଜାଣିବାକୁ ଅନ୍ୟ କୋଷ୍ଠିପତ୍ରର ଆବଶ୍ୟକ ରହେ ନାହିଁ ରେ ଲ ଟ ୦ । ପାଞ୍ଜି ଖଣ୍ଡେ ଦର୍କାର ମୂଲ୍ୟ ଇଂରାଜୀ ଟ ୫୧ ଙ୍କା ଓଡ଼ିଆ ବଙ୍ଗଳା ଟ ୪୧ ଙ୍କା ।

| ୧ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|
| ଇଂରାଜୀ ଟ ୫୦ | ଇଂରାଜୀ ୩୦ | ଇଂରାଜୀ ଟ୧୦ |
| ଓଡ଼ିଆ ବଙ୍ଗଳା ଟ ୩୦ | ଓଡ଼ିଆ ବଙ୍ଗଳା ଟ ୨୦ | ଓଡ଼ିଆ ବଙ୍ଗଳା ଟ୧୦ ଠାରୁ ଟ ୫ ପର୍ଯ୍ୟନ୍ତ |

ସାଧାରଣ ନିୟମ

ଦଶାପ୍ରଦର୍ଶନ, ସୂକ୍ଷ୍ମଗଣନା ଟ ୪ ସ୍ଥୂଳଗଣନା ଟ ୨
ପ୍ରଶ୍ନଗଣନା ଟ ୧

ଠିକଣା
ଅଗ୍ରବେଣର ପୋଃ ଅଃ
କଟକ ଜିଲ୍ଲା
} ଜ୍ୟୋତିଷ
ପି, କେ, ଏନ୍, ଦାସ

---

ବିଜ୍ଞାପନ !!!

ଶ୍ରୀ ରାଧାକୃଷ୍ଣବିଲାସ ପ୍ରୋଭିଡେଣ୍ଟ କୋମ୍ପାନୀ, ଇନ୍‌ଟେଡ଼ ହେଡ଼ ଅଫିସ ଦୂଲ୍ମା ଗ୍ରାମ ମଙ୍ଗଳାବାଗ କଟକ ।

ଏହି କମ୍ପାନୀ ସ୍ଥାପିତ ହେବାର ଅଳ୍ପ ଓଡ଼ିଆ-ବାଙ୍ଗାଳିମାନଙ୍କ ମଧ୍ୟରେ ପଞ୍ଚ ସହରରେ ସ୍ଥାପିତ ହୋଇ ଟ ୧୦୦୫୦୧ ଙ୍କା ( ଦଶହଜାର ଟଙ୍କା ) ମୂଲଧନରେ ରେଜିଷ୍ଟରି କରି ହୋଇ ମାନନୀୟ ଶ୍ରୀ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ସନ ୧୮୮୨ ସାଲର ୬ ନମ୍ବର ଓ ସନ ୧୮୯୫ ସାଲର ନ ୧୨ ନମ୍ବର ଭଣ୍ଡ ଅନୁ କୋମ୍ପାନୀ ଆଇନାନୁସାରେ କାର୍ଯ୍ୟମାନ ସୁଚାରୁରୂପେ ଚଳାଯାଉଅଛି । ଏହି କମ୍ପାନୀରେ ଭାରତବର୍ଷ, ବ୍ରହ୍ମଦେଶ ଓ ସିଂହଳ ବାସୀ ପ୍ରତ୍ୟେକ ସ୍ତ୍ରୀ ପୁରୁଷ, ବାଳକ ଓ ବାଳକାମାନେ ଡାକ୍ତର ଦ୍ୱାରା ନିର୍ଦ୍ଦିଷ୍ଟ ନ ଥାଇ ଅଟେଷ୍ଟେଡ ସାର୍ଟିଫିକେଟ ଦାଖଲ କଲେ ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ମେମ୍ବର ହୋଇପାରିବେ ପ୍ରଥମଶ୍ରେଣୀ ବ୍ୟକ୍ତି ପ୍ରଥମ ମାସରେ ଟ ୨୧ଙ୍କ ଦୁଇଟଙ୍କା ଓ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ପ୍ରଥମ ମାସରେ ଟ ୧୮ ( ଏକଟଙ୍କା ଅଠଅଣା ମାତ୍ର ) ଓ ଉତ୍ତର ପରମାସମାନଙ୍କରେ ଟ ୧ ୧ ଙ୍କ ( ଏକଟଙ୍କା ) ଓ ଟ ୮ ( ଅଠଅଣା ଲେଖାଏ) ଏହିପରି ଦଶବର୍ଷ ପର୍ଯ୍ୟନ୍ତ ଟଙ୍କା ପ୍ରଦାନ କରିବାକୁ ହେବ । ପ୍ରଥମ ଓ୍ୱଣମାସର ଟଙ୍କା ପ୍ରବେଶ ଦେୟ ସ୍ୱରୂପ ଓ ମଧ୍ୟ ଏହି ସ୍ୱଳ୍ପମାତ୍ର ଅର୍ଥ ହ

ତରଣାପ୍ତ ତାରିଖଠାରୁ ୫୦ଦିନ ମଧ୍ୟରେ ମୃତ ମେମ୍ବରଙ୍କ ଉତ୍ତରାଧିକାରୀଙ୍କୁ ଓ ପଞ୍ଚମମାସଠାରେ ଟଙ୍କା ମୃତ ମେମ୍ବରଙ୍କ ଦେବ । ଉକ୍ତ ପ୍ରଥମ ଶ୍ରେଣୀ ଟଙ୍କା ପ୍ରଦାନ କରିବା ଦରଖାସ୍ତକାରୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ଓ ଶ୍ରେଣୀ ଦ୍ୱିତୀୟ ମୃତ ହେବା ଦରଖାସ୍ତକାରୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେମାନେ ପ୍ରଦାନ କରିଥିବା ପ୍ରବେଶଦେୟ ବାଦ, ଟଙ୍କା ଯୋଗରେ ଯେ ଟଙ୍କାକୁ ପାଉଣ୍ଟିଙ୍କୁ ଅନଧିକ ୧୦୦ ଟଙ୍କା ଓ ମଧ୍ୟ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ଟଙ୍କାପ୍ରଦାନକାରୀମାନଙ୍କୁ ସେହି ବର୍ଷ ଲାଭର ଏକ ଅଂଶ ବୋନସରୁ ଦିଆଯିବ ।

ଏହିପରି କୋମ୍ପାନୀ ଓଡ଼ିଶାରେ ଆଜପର୍ଯ୍ୟନ୍ତ ନ ଥିଲା । ପ୍ରତ୍ୟେକ ଭାରତବାସୀ ଏଥିରେ ସହାନୁଭୂତି ପ୍ରକାଶ କରିବା ଅବଶ୍ୟକ । ପ୍ରତ୍ୟେକ ସ୍ଥାନରେ ସମ୍ଭାନ୍ତ ବ୍ୟକ୍ତିମାନେ ଏହି କମ୍ପାନୀର ଏଜେଣ୍ଟ ହୋଇପାରିବେ, ଯେଉଁମାନେ ଏହି କୋମ୍ପାନୀର ଏଜେଣ୍ଟ କାର୍ଯ୍ୟ ଅର୍ଥାତ୍ ମେମ୍ବର ଯୋଗାଇବେ ସେମାନଙ୍କୁ କୋମ୍ପାନୀ ନିୟମାନୁସାରେ ଉଚିତ କମିଷନ ଦିଆଯିବ ଏବଂ ଯେଉଁମାନେ ନ ୫୦ ଣ ପର୍ଯ୍ୟନ୍ତ ମେମ୍ବର ଯୋଗାଇ ପାରିବେ ସେମାନଙ୍କୁ କମିଶନ ବାଦ ବ ୫ ଓ ଗାର୍ଡ଼େନ୍ସି ସୁନା ଗୋଟିଏ ସୁନ୍ଦର ଓ୍ୱାଚ ଚେନ ସହିତ ଓ ମଧ୍ୟ ନ ୧୦୦ ଣ ମେମ୍ବର ଯୋଗାଇଲେ କମିଶନ ବାଦ ଖାଣ୍ଟି ସୁନାର ସଙ୍ଗୃ ପଥର ଗୋଟିଏ ଥାଇ ଅଥବା ନିଜର ନାମ ଖୋଦାଇ ମୁଦି ଗୋଟିଏ ଉପହାର ଦିଆଯିବ । ଯେଉଁମାନେ କୋମ୍ପାନୀର ବିଶେଷ ବିବରଣ ଜାଣିବାକୁ ଇଚ୍ଛା କରନ୍ତି ସେମାନେ କୋମ୍ପାନୀକୁ ରିପ୍ଲାଏ ପୋଷ୍ଟକାର୍ଡ଼ ଦେଇ ପତ୍ର ଲେଖିଲେ କୋମ୍ପାନୀର ରୋଷିପେକ୍‌ଟସ କାଗଜପତ୍ର ଅତି ଶୀଘ୍ର ପାଇ ପାରିବେ ।

ସ୍ଥାନ } ଶ୍ରୀ ବୈଦ୍ୟନାଥ ସିଂହ ମାନେଜର
୧୬।୧।୧୯୦୭ } ଶ୍ରୀ ରାଧାକୃଷ୍ଣବିଲାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ଼ ହେଡ଼ଅଫିସ ଦୂଲ୍ମା

---

# ମେଘଦୂତ ।

ଅନୁବାଦକ, ଭାକନାଥଙ୍କ ଦ୍ୱାରା ମୂଳ ସଂସ୍କୃତ ଓ ତାହାର ଭାବାର୍ଥ ସହିତ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିର ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| ମୂଲ୍ୟ | ଟ ୦ ॥ |
| ମୋଫସଲ ପାଇଁ ଡାକମାସୁଲ | ଟ ୦୧୬ |

# ସଥାକର ତୃପ୍ତି ।

ଏହା କେତେକେ ପ୍ରଚ ଭକ୍ତ ପଣ୍ଡା, ଦ୍ୱାରଭର ଭୂତ କ୍ଷେଣ, ମୈ-ଅବ-ଗାନ୍ଧିର ଅଡ, ଅଗ୍ର ବୃତ୍ତ—ଇତ୍ୟାଦ ସ୍ଥାନମାନଙ୍କର ହତ୍ୟା ଓ ହେର ଅଛ ସ୍ତ୍ରୀ ଓ ପୁରୁଷମାନଙ୍କ ... ହେଉଅଛି ..., ଶରୀର ଜନ୍ତୁ ( ଆଉର ଗାଡ଼ି ) ...

ଶୀଘ୍ର ଅଦେଖା ମୃଏ ରେ ଚନ୍ଦ୍ରକେ ଦେଶୀ ଚମତ୍କାର ଓ ୧୧ ନ ହୋଇଥାଇ । ଅତଏବ ସ୍ୱୟଂ ସେ ଦିଭବ ପ୍ରଚୋଳ ହେବ ନାହିଁ । ଏହା ମତକ ସ୍ୱଦେଶୀୟ ସାହବଙ୍କ ଡାକ୍ତର ପଣ୍ଡିତ ଏବଂ କଟ୍ଟବାର ପଣ୍ଡିତେ ବର୍ତ୍ତ୍ୱ ବାଟିକ ଏହାର ଅର୍ଦ୍ଧ ଗୁଣରେ ଅଶଂକ ମନ୍ତ୍ର ହେବାର ହେବ ॥ ଡାଃ ପିଃ ମାସୁଲର ସହ ଟ ୧୯ ଏବ ପାଇବାର ମଣି ୧।୮ଙ୍କ

ଶ୍ରୀ ଦେବୀପ୍ରସାଦ ଭଟ୍ଟାଚାର୍ଯ୍ୟ

ଦଶାଶ୍ୱମେଧ ରେଡ଼ଗଞ୍ଜ ବାରାଣସୀ ମ

ଦେବ ୫ଲ ବ୍ୟଙ୍କର ଅଦେଖା ମସାଲର ପଢ଼ ଔଷ ଧ ଉପକାରଭାଗ ଲବ୍ଧ ଓ ଲାଭାର୍ଥ ପ୍ରମାଣ । ୧ ପ୍ରକାର ରିକ୍ତ ଅନେକ ଅଛ, ସେହି ମଧ୍ୟରୁ କେବଳ ୫ ଶବ୍ଦ ମାତ୍ର ଶବ୍ଦର ମୁଦ ଗାଙ୍ଗ ପ୍ରକାଶ କଲୁ । ପାଠ କରି ଦେଖନ୍ତୁ ଦେବର ତେଲ ଅନ୍ତ ଶବ୍ଦ ପ୍ରଶଂସା ମରହୋଇଥିଲ ।

ମହାଶୟ ଚନ୍ଦ୍ର ଔଷଧ ସେବନ ଓ ବଡ଼ବାର ଆଉ ହାଉ ବଡ଼ୀ ଶତ ଆଡ଼ ପାଇ ପାଉ ନାହିଁ । ଅପଣଙ୍କର ସ୍ମୃତିକର ତର୍ଣ୍ଣ ସେବନରେ ଅଧିକ ସବଳ ଦେହଦଗାଣ ଅତ ଭଲ ସମସ୍ତ ମଧ୍ୟରେ ପଢ଼ାଇବା ହୋଇଅଛି । ଏହା ଶେଷ ଭାବର ପଞ୍ଚିମ ମହୋଦୟ ।

ଶ୍ରୀ ଅଶ୍ୱିନୀକୁମାର ମୁଖୋପାଧ୍ୟାୟ

ଗ୍ରାମ ପୋଷ୍ଟ ବାସ୍ତ ପାଃ । ଜି । ବର୍ଦ୍ଧମାନ

ମହାଶୟ । ଆପଣଙ୍କର ସ୍ମୃତିକର ଚୂର୍ଣ୍ଣର ଗୁଣ ଅତ ଅଶ୍ଚର୍ଯ୍ୟ ଜନକ । ୭ ଶାଃ ର ସେବନରେ ଅଧ୍ୟ ଖାଲୁର ପୀଡ଼ା ଅନ୍ଦେଷ୍ୟ ହୋଇଅଛି । ଇତି ।

ବଶମ୍ବଦ—ଶ୍ରୀ ରାମକାନ୍ତ ଦେ
ଉପିଲ ଗାବୁ ଓଲାରର ବଣ
ଖଣ୍ଡୁଗ୍ରାମ ଇଟସୁଲ ।

ଯେବେଠାରୁ ଏହି ସେ ମାନସମ୍ପର୍କ ଦୁର୍ବଳତାଯୁକ୍ତ ପତିତ ଚୂର୍ଣ୍ଣରେ ଅଧିକ ସବଳ ମେଡ଼ର ସ୍ୱପ୍ନ ଇତ୍ୟାଦି ୨ ଦିନ ସେବନ ମାତ୍ର ପ୍ରବଳତନ୍ତ୍ର ପାଇଅଛି । ଇତି ।

ଏକାନ୍ତ ବାଧ୍ୟ ଶ୍ରୀ ନବୀନ ଶର୍ମା
ବୀରଭୂମ—ସିଉଡ଼ି ।

# ଭାବୀବିପଦର ଲକ୍ଷଣ

କଣ୍ଠି ବିପଦର ନିଦର୍ଶନ ଆମ୍ଭେମାନେ ପ୍ରକୃତରୁ ଦେଖ ପାଉଥାଉଁ ।

କାଶ—ବିପଦର ଗୋଟିଏ ନିଦର୍ଶନ ।

ଦୁର୍ବଳ ଫୁସଫୁସର ଏହା ଗୋଟିଏ ଚିହ୍ନ । ସମୟ ଥାଉଁ ୨ ଆପଣ ତାହା ସବଳ କରିବାକୁ ସକ୍ଷମ ହେବେ ବୋଲି ଏହା ଆପଣଙ୍କୁ ସତର୍କ କରିଦଏ ।

SCOTT'S EMULSION.

ସ୍କଟ୍‌ଇମଲସନ !

ମନୁଷ୍ୟ ଶରୀରର ବିପଦଜନକ ଅବସ୍ଥା ମୋଚନ କରିଥାଏ ।



ଏହା ଦୁର୍ବଳ ଫୁସଫୁସକୁ ସବଳ କରେ ଏବ କାଶ ବନ୍ଦ କରେ ।

ଏହା ହସ୍ତଦ୍ୱାରା ସ୍ପର୍ଶ କରା ହୋଇ ନାହିଁ ।

ସମସ୍ତ ଔଷଧବିକ୍ରେତାଙ୍କ ନିକଟରେ ଏହା କ୍ରୟ କରିବାକୁ ମିଳେ ।

5

ଧୀବର ମୂର୍ତ୍ତିଯୁକ୍ତ ସ୍କଟଇମଲସନହିଁ କ୍ରୟ କରିବେ ।

ସ୍କଟ୍ ଏଣ୍ଡ ବାଉନ୍ ଲିମିଟେଡ଼
ମେନୁଫେକଚରିଂ କେମିଷ୍ଟସ୍ ଲଣ୍ଡନ, ଇଂଲଣ୍ଡ

Digitized by srujanika@gmail.com

## ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ କୃତ "ସତ୍ୟାର୍ଥ ପ୍ରକାଶ" ଭାରତ ସତ୍ୟାତ୍ମ ଭଞ୍ଜ ଅମ୍ଭ ଛାପାରେ ଛାପିବାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ବହୁତ ଜ୍ଞାନ ଲାଭ ହେବ । ଗ୍ରନ୍ଥଖଣ୍ଡର ମୂଲ୍ୟ ଟ ୮ ଓ ଡାକମାସୁଲ ୯ ୦ । ଲିଖିତ
ଶ୍ରୀ ରାମଶଙ୍କର ସାହୁ ...



ରେଜଷ୍ଟ୍ରି ଶଙ୍ଖମାର୍କା ତେଲ ଅସଲ ।

## ଲାଲମୋହନ ସାହା ଶଙ୍ଖନିଧି

### ସୁଧଶ୍ରୀ କାପଡ଼ି

ସର୍ବାଙ୍ଗ ରକ୍ଷଣୀଙ୍କ ।

ଏହା ସେବନ ମାତ୍ରରେ ସର୍ବବିଧ ଜ୍ୱର ଓ ସ୍ନାୟୁ ପୀଡ଼ା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଶିଶି ୧୧ ମଧ୍ୟମ ୫ ୧ ଛୋଟ ଡାକମାସୁଲ ... ।

### କର୍ଣ୍ଣରୋଗାରୋଗ୍ୟ ।

କାନ୍ଧ ଅବ ଅଚଞ୍ଚଳେ ବନା ଢେରୁପ ଶାନ୍ତି ଅରୋଗ୍ୟ ହୁଏ ।

ମୂଲ୍ୟ ॥୵ ଡାକମାସୁଲ ଏତାକୁ ...

୨୪ ଘଣ୍ଟାରେ ଜାନୁଅବ ରମଣୀଙ୍କ ଜନ ବସ୍ତ୍ରରେ ଅରୋଗ୍ୟ ହୁଏ ।

ମୂଲ୍ୟ ୫ ୦ ॥୵ ଡାକମାସୁଲ ଏତାକୁ ...

ଏହା ଛଡ଼ା ହୋମିଓପ୍ୟାଥି ଔଷଧ ସମସ୍ତ ପ୍ରକାର ଆମଠାରେ ମିଳେ । ଏହା ସମସ୍ତ ରୋଗରେ ... ଭୋଗାନ୍ତରେ ... ଶ୍ରୀ ଗୌର ନିତାଇ ସାହା ...

ଶ୍ରୀ ଗୌର ନିତାଇ ସାହା
ଟିକଣା ଲାଲମୋହନ ସାହା ଶଙ୍ଖନିଧି ...
ଢାକା ବାବୁର ବଜାର ।

Gour Nitai Shaha
Lal Mohan Shaha Sankanidhi & co
Baburbazar, Dacca.

## ଅହିଫେନ ତ୍ୟାଗର ମହୌଷଧ ।

## ମଦ ଭଞ୍ଜନ ଗୁଟିକା ।

ଏହା ସେବନ କଲେ ମହୌଷଧ ... ଅଫିମ ଛାଡ଼ିବାକୁ ... ମୂଲ୍ୟ ... ଡାକ ମାସୁଲ ...

ଗଞ୍ଜାମ ... ଷଷ୍ଠୀଭୂଷଣ ...

## IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious intermittent, and Bilious Fevers, and mild form of Plague, Surgeon Major Jayakar says:—That it is, a safe and reliable remedy.

Batliwalla& Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S. Work—Dadar Bombay and everywhere.

At ite, 1 per bottle Discount to the ade

## ବିଜ୍ଞାପନ ।




ଅତ୍ୟନ୍ତ ଉତ୍ତମ କେଶତୈଳ ନହିଁ ...

ଅମ୍ଭମାନଙ୍କର

କେଶରଞ୍ଜନ—ଅତି ... ମସ୍ତିଷ୍କ ...

କେଶରଞ୍ଜନ—ମସ୍ତିଷ୍କ ... ଔଷଧ ଅଟେ ।

କେଶରଞ୍ଜନ—... ରକ୍ଷକ ଅଟେ ।

କେଶରଞ୍ଜନ—ମସ୍ତିଷ୍କ ... ଗୋଟିଏ ... ଅଟେ ।

କେଶରଞ୍ଜନ—ମୁଖ ... ଔଷଧ ଅଟେ ।

କେଶରଞ୍ଜନ—ସୁଗନ୍ଧ ... ଜିନିଷ ଅଟେ ।

କେଶରଞ୍ଜନ—... ତେଲ ଅଟେ ... ଏବଂ ... ମାଖିବା ... ହୁଏ ।

ମୂଲ୍ୟ ପ୍ରତି ଶିଶି ୫ ୧ ଟଙ୍କା
ଏକ ... ୫ ୨୫
ପ୍ୟାକିଂ ଓ ଡାକମାସୁଲ ...

ଅମ୍ଭମାନଙ୍କର ଘୃତକଦିକ—ଦୁଗ୍ଧାଖ୍ୟ ।

ଶୁଭ୍ରର, ... ଅଗଷ୍ଟ ୧୯୦୬ ...

କମାନ, ଲକ୍ଷ୍ମୀବିଳାସ ମଧୁର ମହୌଷଧର ... ଦୁର୍ବଳତା ... ନେଇ ଏବଂ ... ଆରୋଗ୍ୟ କରେ ।

ମୂଲ୍ୟ ... ୫ ୧ ୦
ପ୍ୟାକିଂ ଓ ଡାକମାସୁଲ ୫ ୦ ।୵

### ଅମ୍ଭମାନଙ୍କର ଶୋଣିତଶୋଧକ ।—

... ଓ ଅବଣ୍ଡକୁଷ୍ଠ, ପାରଦଦୋଷ ଓ ... ଘାଆ, ଖାଜିଆ, ଦଦ୍ରୁ ଓ ଅନ୍ୟାନ୍ୟ ... ପ୍ରଭୃତି ... ରୋଗ ଦୂର କରିବାରେ ... ଅଦ୍ୱିତୀୟ ... ଆରୋଗ୍ୟ କରେ ।

... ଶିଶି ମୂଲ୍ୟ ୫ ୪ ୧
ପ୍ୟାକିଂ ଓ ଡାକମାସୁଲ ...

ଅମ୍ଭମାନଙ୍କର ... ଅନୁସାରେ ... ପ୍ରସ୍ତୁତ ... ସ୍ତ୍ରୀମାନଙ୍କର ... ରୋଗ ... ଆରୋଗ୍ୟ ହୁଏ ।

ମୂଲ୍ୟ ... ୫ ୦ ୩
ପ୍ୟାକିଂ ଓ ଡାକମାସୁଲ ୫ ୦ ।୵

ଅମ୍ଭମାନଙ୍କର ... ଗୋଟିଏ ... ସମସ୍ତ ... ଅରୋଗ୍ୟ ହୁଏ ।

ମୂଲ୍ୟ ... ୫ ୦ ୩
ପ୍ୟାକିଂ ଓ ଡାକମାସୁଲ ୫ ୦ ।୵

ଅମ୍ଭମାନଙ୍କର ... ରୋଗରେ ... ପ୍ରୟୋଗ ... ସ୍ତ୍ରୀମାନଙ୍କର ... ଅରୋଗ୍ୟ ହୁଏ ।

ମୂଲ୍ୟ ... ୫ ୧
ପ୍ୟାକିଂ ଓ ଡାକମାସୁଲ ୫ ୦ ।୵

ଅମ୍ଭମାନଙ୍କର ଔଷଧ ... ତେଲ, ଘୃତ, ବଟିକା, ... ଔଷଧ ... ମିଳେ ।

... ଔଷଧ ... ପଠାଯାଏ ।

... ଗ୍ରାହକମାନଙ୍କୁ ... ପଠାଯାଏ ।

Kaviraj N. N. Sen
Govt. Medical Diploma Holder,
18-1 & 19 Lower Chitpur Road
Calcutta

Split by PDF Splitter
Digitized by srujanika@gmail.com

ରଣପୁର ଜଗାଲୀ ଜଗଦ୍ଗୁରୁ ଶ୍ରୀ ଉତ୍କଳ ମହାପାତ୍ରଙ୍କର ଆବିଷ୍କୃତ [illegible]

# ଅବ୍ୟର୍ଥ ମହୌଷଧ ।

[illegible]

Sd. Sudam Chandra Naik,
Asstt. Supdt. of Tributary
Mahals, Orissa.

[illegible]

Sd. Gourshyam Mahanti
Govt Agent,
Nayagarh.
7.11.05

କଟକ, ପ୍ରକୃତ ।

# ଚୈତନ୍ୟ ଲୀଳା ନାଟକ

କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଛାପାଖାନାରେ ଛପା ହୋଇ ପ୍ରସ୍ତୁତ ଅଛି । ମୂଲ୍ୟ ଅଠଅଣା [illegible]

# ନୂତନ ପୁସ୍ତକ ।

ଉତ୍କଳଦୀପିକା ସମ୍ବାଦପତ୍ର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୂଲ୍ୟ ଅଲଗା ।

| | |
|---|---|
| [illegible] | ଟ ୦ ୷ |
| [illegible] | ଟ ୦ ୫ |
| ବାଲ୍ମୀକି ରାମାୟଣ [ନୂତନ ସଂସ୍କରଣ] | ଟ ୦ ୫ |
| [illegible] | ଟ ୦ ୶ |
| [illegible] | ଟ ୧ |
| [illegible] | ଟ ୦ ୶ |
| [illegible] | ଟ ୦ ୬ |
| [illegible] | ଟ ୧ |
| [illegible] | ଟ ୦ ୶ |
| [illegible] | ଟ ୦ ୵ |
| [illegible] | ଟ ୦ ୧୩ |
| [illegible] | ଟ ୦ ୧୬ |
| [illegible] | ଟ ୦ ୵ |
| [illegible] | ଟ ୦ । |
| [illegible] | ଟ ୦ ୧୫ |
| [illegible] | ଟ ୦ ୧୬ |
| [illegible] | ଟ ୦ ୧୬ |
| [illegible] | ଟ ୦ ୧୬ |
| [illegible] ନୂତନ ସଂସ୍କରଣ | ଟ ୦ ୵ |

# ନେତ୍ରାମୃତ ।

[illegible]

# ଅଲୌକିକ ମୃତବତ୍ସା କବଚ ।

[illegible]

ଶ୍ରୀ [illegible]

[illegible]

# ବିପଦବନ୍ଧୁ ଔଷଧାଳୟ ।

[illegible]

ବିପଦବନ୍ଧୁ ଔଷଧାଳୟ [illegible] କଟକ

[illegible] କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ [illegible]

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ରଚିତ "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରଚଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ଅନେକ ଜ୍ଞାନ ଲାଭ ହେବ । ପ୍ରତିଖଣ୍ଡର ମୂଲ୍ୟ ୯୷୦ ଓ ମଫସଲକୁ ଡାକ ମାସୁଲ ୯୦ । ଲିଖିତ

ଶ୍ରୀ ରାମଶଙ୍କର ରାୟ ଉତ୍କଳ

ରେଜଷ୍ଟ୍ରଶ  ଶଙ୍ଖମାର୍କା
ଡଗ   ଅସଲ !

## ଲାଲମୋହନ ସାହା ଶଙ୍ଖନିଧି

### ପ୍ରୁଥିବୀ ବ୍ୟାପକି

ସର୍ବଜ୍ୱର ଗଜସିଂହ ।

୩୮ ଘଣ୍ଟା ମଧ୍ୟରେ ପ୍ରୋବଧ ଜ୍ୱର ୧ସପ୍ତାହ-ରର ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ୫ ୧୷ ଛୋଟ ୫ ୷ ଡାକମାସୁଲ ୧୦ ଠାରୁ ୫ ୦ ୷

### କଣ୍ଡୁ ଦାବାନଳ ।

ଖାଜୁ ଅଦ ଖସଗେଗ ବନା କ୍ଳେଶ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ୫ ।୷ ଡାକମାସୁଲ ୧ଠାରୁ ୫ ୦ ୷

୨୪ ଘଣ୍ଟାରେ ଜାଦୁଅଦ ଉମଗେଗ ବନ କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ୫ ।୷ ଡାକମାସୁଲ ୧ଠାରୁ ୫ ୦ ୷

ଏହା ଜନକ ପ୍ରୋପ୍ରାଇଟର ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଗ୍ରହଣ କରିବେ । ଏହା ସକଳ ଉଷଧ କେତେ ଲୋକ ଗ୍ରହଣ କରି ଯେ ଫଳ ପାଇଛନ୍ତି ତାହା ଜାଣିବେ । ଏହି ସମସ୍ତ ଔଷଧରେ ଅରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦେବୁଁ ।

ଶ୍ରୀ ଗୌର ନିତାଇ ସାହା
ଠିକଣା ଲାଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋଂ
ଢାକା ବାବୁର ବଜାର ।

Gour Nitai Shahs
Lal Mohan Shaha Sankhnidhi & co
Baburbazar, Dacca

---

ଅର୍ଶ ମ ଚାଷାର ମହୌଷଧ ।

## ମଦନ ମଞ୍ଜନ ଗୁଟିକା ।

ଏହି ଗୁଟିକା ସକଳ ପ୍ରକାର ମହୌଷଧ ... ଅତି ଶୀଘ୍ର ... ଭଲ କରେ ... (ଅସ୍ପଷ୍ଟ)

ଭୁବନେଶ୍ୱର ମୂଲ୍ୟ ... ଡାକମାସୁଲ ...

---

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon Major Jayakar says:—That it is a safe an direliable remedy.

Batliwalla& Co's Cholerol, specific tor cholera and Batliwalla's Ague Mixture or Pills, may be had of DR H. L. BATLIWALLA'S. Worli—Dadar Bombay and everywhere.

At Re. 1 per bottle Discount to the ade

---

## ବିଜ୍ଞାପନ ।




ଆପଣମାନେ କି ଜାଣନ୍ତି ଉତ୍କୃଷ୍ଟ ତୈଳ

### ଆମ୍ଭମାନଙ୍କର

କେଶରଞ୍ଜନ—ଅନେକ ତୈଳର ସର୍ବଶ୍ରେଷ୍ଠ ...
କେଶରଞ୍ଜନ—ମସ୍ତିଷ୍କ ... ସାହାଯ୍ୟ କରେ ।
କେଶରଞ୍ଜନ—... କେଶ ବୃଦ୍ଧି କରେ ।
କେଶରଞ୍ଜନ—ମସ୍ତିଷ୍କ ... ଗୋଟିଏ ମହୋଷଧ ଅଟେ ।
କେଶରଞ୍ଜନ—ମୂର୍ଚ୍ଛା ... ଔଷଧ ଅଟେ ।
କେଶରଞ୍ଜନ—... ଉପକାର ଅଟେ ।
କେଶରଞ୍ଜନ—... ବ୍ୟବହାର ହୁଏ ।

ମୂଲ୍ୟ ଏକ ବୋତଲ ୫ ୧ ( ...
ଏବଂ ... ବୋତଲ ୫ ୨୷
ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର

ଅମ୍ଭମାନଙ୍କର ... ଚିକିତ୍ସାଳୟ !
୨୯।୨, ... ଶାରଣ ... ୧୬-୧୯

---

କରାଇ, ଉକ୍ତଶ୍ରାବ ସହିତ ମଳାଶୟରେ ସଞ୍ଚୟ ... ଶିଳ ସହ ଉକ୍ତପ ନେଇ ... କରେ ।

ମୂଲ୍ୟ ଏକଶିଶି ବଟିକା ସହିତ ... ୫ ୧୷
ପ୍ୟାକିଂ ଓ ଡାକମାସୁଲ ୫ ୦ ।୷

### ଅମ୍ଭମାନଙ୍କର ଶୋଣିତଶୋଧକ ।—

... ଓ ଅନେକ ... ପ୍ରଭୃତି ... ରୋଗ ... ଦୂର କରେ ... ଅଦ୍ଭୁତ ... କରେ ।

... ଶିଶି ଔଷଧର ୫ ୨୷
ପ୍ୟାକିଂ ଓ ଡାକମାସୁଲ ୫ ୦ ।୷

---

ଅମ୍ଭମାନଙ୍କର ... ଉପକାର ... ଦୂର କରେ ... ନାହିଁ ।

ମୂଲ୍ୟ ପତ୍ର ଶତ   ୫ ୦ ୷
ପ୍ୟାକିଂ ଓ ଡାକମାସୁଲ   ୫ ୦ ୷

---

ଅମ୍ଭମାନଙ୍କର ... ଔଷଧ ... ନାହିଁ ।

ମୂଲ୍ୟ   ... ୫ ୦ ୷
ପ୍ୟାକିଂ ଓ ଡାକମାସୁଲ   ୫ ୦ ।୷

ଅମ୍ଭମାନଙ୍କର ... ଶାସ୍ତ୍ରୀ ... କରେ ।

... ଅମ୍ଭମାନଙ୍କର ... ଚିକିତ୍ସା ... କରେ ।

ମୂଲ୍ୟ   ...   ୫ ୧୦
ପ୍ୟାକିଂ ଓ ଡାକମାସୁଲ   ୫ ୦ ।୷

ଅମ୍ଭମାନଙ୍କର ଔଷଧ ... ତୈଳ, ଘୃତ, ... ଔଷଧମାନ ... ମୂଲ୍ୟ ...

... ଔଷଧ ... ପଠାଯାଏ ।

ରୋଗର ... ଭାରତବର୍ଷ, ... ପଠାଯାଏ ।

Kaviraj N. N. Sen
Govt. Medical Diploma Holder,
18-1 & 19 Lower Chitpur Road
Calcutta

Split by PDF Splitter
Digitized by srujanika@gmail.com

ଉଦୟପୁର ନିବାସୀ ଡାକ୍ତର ଶ୍ରୀ ଲକ୍ଷ୍ମଣ
ମହାପାତ୍ରଙ୍କର ଆବିଷ୍କୃତ ପ୍ରସିଦ୍ଧ ପରୀକ୍ଷିତ

# ଅବ୍ୟର୍ଥ ମହୌଷଧ ।

ଜ୍ୱରକାଶ ଓ ବହୁ ପ୍ରକାର ପେଟରୋଗ ଏବଂ ସ୍ତ୍ରୀ ମହୌଷଧ ଏ ପର୍ଯ୍ୟନ୍ତ ବହୁତ ଅନୁଗ୍ରହ କରାଇଅଛି । ଏ ଔଷଧ ସେବନ କଲେ ଏକ ସପ୍ତାହ ଭିତରେ ଏହି ରୋଗରେ ରହିବ ନାହିଁ । ଏହାଉପରେ ପ୍ରମାଣ ଔଷଧ ସେବନକାରୀ ଏହି ଲୋକଙ୍କ ଲୋକଙ୍କ ବୁଦ୍ଧି ଲଭିବାର ହେବ । ଉକ୍ତ ଚିକିତ୍ସକଙ୍କ ଏହି ଔଷଧ ସେବନ କରି ଅନେକ ଫଳଲାଭ କରିଅଛନ୍ତି । ତାହାର ପ୍ରମାଣ ସ୍ୱରୂପ ନିମ୍ନରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପ୍ରଶଂସାପତ୍ର ସାଧାରଣଙ୍କ ଜ୍ଞାପନାର୍ଥ ପ୍ରକାଶ କରାଯାଉଅଛି । ଏହି ଔଷଧ ସେବନର ନିୟମାବଳି ଔଷଧ ସଙ୍ଗରେ ପ୍ରାପ୍ତ ହେବ । ଔଷଧର ମୂଲ୍ୟ

୧ ଡବା ୧୫ ଗୋଟି ବଟିକାର ମୂଲ୍ୟ ୫ । (ଡାକ ମାଶୁଲ ୫ ୦ ।
୬ ଡବାର ମୂଲ୍ୟ ୫ ୧୦ (ଡାକ

ପ୍ରାପ୍ତିସ୍ଥାନ—ଉଦୟପୁର ଶ୍ରୀ ଲକ୍ଷ୍ମଣ ମହାପାତ୍ର
ଆୟୁର୍ବେଦ ଔଷଧାଳୟ ।
ଚୌଧୁରୀବଜାର, କଟକ

ପ୍ରଶଂସାପତ୍ର ସମୂହରୁ

ମୋର ବାଳକର ହୋଇଥିବା ଏମନ୍ତ ବଡ଼ ରୋଗ ପ୍ରାୟ ବହୁମାସ ପର୍ଯ୍ୟନ୍ତ ସେ ରୋଗ ଭୋଗୁଥିଲା । ଉଦୟପୁର ଲକ୍ଷ୍ମଣ ମହାପାତ୍ର ମୋତେ ଔଷଧ ଦେଲେ ତାହା ମୁଁ ଦୁଇମାସରୁ ଅଧିକକାଳ ସେବନ କରାଇଥିଲି ତାହା ବିଶେଷ ଉପକାର ପାଇଅଛି । ମୋହର ବାଳକର ଆଉ ରୋଗ ନାହିଁ । ଆଉ ପରୀକ୍ଷା କରି ଏହା ଜାଣି ପାରିଲେ ନାହିଁ । କବିରାଜୀ ଔଷଧରେ ଉପକାର ହେଉଥିବାର ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

୨୧-୧୨-୦୪ } Sd. Sudam Chandra Naik,
Asstt. Supdt. of Tributary
Mahals, Orissa.

ଉଦୟପୁର ନିବାସୀ ପ୍ରସିଦ୍ଧ କବିରାଜ ଶ୍ରୀ ଲକ୍ଷ୍ମଣ ମହାପାତ୍ରଙ୍କ ପ୍ରସ୍ତୁତ ଔଷଧ ସେବନଦ୍ୱାରା ପାଣ୍ଡୁ ରୋଗରୁ ଅତି ଶୀଘ୍ର ବିଶେଷ ଉପକାର ପାଇଅଛନ୍ତି । ଅତଏବ ଏହା ସାଧାରଣଙ୍କ ଜାଣିବାପାଇଁ ଏକ ଉତ୍ତମ ଔଷଧ ବୋଲି ମୁକ୍ତକଣ୍ଠରେ କହୁଅଛୁଁ ।

କଟକ ଶ୍ରୀ ଲକ୍ଷ୍ମୀପ୍ରସାଦ ଦାସ
୧ । ୧୨ । ୦୪ ଡେପୁଟି କଲେକ୍ଟର

ଅନେକ ବାଳକର ରୋଗ ଏକମାସ ମଧ୍ୟରେ ଦୂରହୋଇ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଅଛନ୍ତି । ଶ୍ରୀଯୁକ୍ତ ଲକ୍ଷ୍ମଣ ମହାପାତ୍ର ଙ୍କ ଔଷଧ ବ୍ୟବହାର କଲେ ଆଉ ରୋଗ ରହେ ନାହିଁ । ତାଙ୍କ ଔଷଧ ନ ପାଇ ସାଧାରଣର କଷ୍ଟ ହେଉଛି ମହାଶୟ ଏହି ଔଷଧ ଅଧିକ ପରିମାଣରେ ପ୍ରସ୍ତୁତ କରି ବିଶେଷ ଉପକାର କରନ୍ତୁ ଏବଂ ରୋଗୀମାନଙ୍କ ଦେଶମାନଙ୍କରେ ବ୍ୟବହାର ହେଉ ବୋଲି ସେ ଏହିପରି ଚେଷ୍ଟା କରିବେ ଏହି ପ୍ରାର୍ଥନା କରୁଅଛୁଁ ।

ତା ୧୨ ଏପ୍ରିଲ } ଶ୍ରୀ ନୀଳାମ୍ବର ଦାସ
ସନ ୧୯୦୫ ମସିହା } ଓକିଲ

କବିରାଜ ଲକ୍ଷ୍ମଣ ମହାପାତ୍ରଙ୍କ ଔଷଧ ସେବା ନ କରି ମୋହର ବହୁତ ଦିନ ବ୍ୟାଧି ଥିଲା, ବହୁ ଔଷଧ ଖାଇ କିଛି ଫଳ ପାଇଲି ନାହିଁ । ଏ ଔଷଧ ସେବନ କରିଲା ପରେ ଆଉ ରୋଗ ନାହିଁ ସମ୍ପୂର୍ଣ୍ଣ ଆରୋଗ୍ୟ । ଏହି ରୋଗୀମାନେ ଏହି ଔଷଧ ବ୍ୟବହାର କରନ୍ତୁ ବୋଲି ମୁଁ ଅନୁରୋଧ କରୁଅଛି ।

Sd., Gourshyam Mahanti
Govt Agent,
Nayagarh.
7 11 05

---

ନୂତନ ପୁସ୍ତକ ।
ସମସ୍ତଙ୍କର ପଠନୀୟ ।

# ଚୈତନ୍ୟଲୀଳାନାଟକ

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଆଠଅଣା ଓ ମୋଫସଲରୁ ଡାକମାଶୁଲ ସହିତ ୧୦ ୧୨ ଲାଗିବ ।

---

# ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଦେଖି ଅଣାଇବେ ।

| | |
|---|---|
| ଧ୍ରୁବବିଳାସ | ୫ ୦ ।୬ |
| ଦ୍ୱାଦଶସ୍କନ୍ଧ | ୮ ୦ ୫ |
| କାର୍ତ୍ତିକମହାତ୍ମ୍ୟ [ନୂତନ ସଂସ୍କରଣ] | ୫ ୦ ୮ |
| ହନୁମାନ ପ୍ର „ „ | ୫ ୦ ୬ |
| ଦ୍ରୋଣପର୍ବ „ „ | ୮ ୧ |
| ଶାନ୍ତି ଓ ଦାନପର୍ବ „ | ୮ ୦ ୮ |
| ବେଦାଯନ୍ତମା | ୫ ୦ ୫ |
| ଚନ୍ଦ୍ରାବତୀପତ୍ରିକା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ କୃତ | ୫ ୧ |
| ଭୌଗୋଳିକ ମାଳା ପ୍ରଥମସଂସ୍କରଣ | ୫ ୦ ୮ |
| ଚକ୍ରପୁରୀଶ୍ୱର ଗୀତ | ୫ ୦ / |
| ତାମ୍ରଚୋଇଲି | ୮ ୦ ୧୨ |
| ଶ୍ରୀଚୋଦ୍ୟ ଚୋଇଲି | ୮ ୦ ୧୨ |
| ସୁଭଦ୍ରାହରଣ ଲକ୍ଷଣ | ୮ ୦ ।୬ |
| ନଗରୋତ୍ସବ | ୫ ୦ । |
| ସାଙ୍ଗଙ୍କ ଲକ୍ଷଣ | ୫ ୦ ୧୫ |
| ଭାଗସଂଗ୍ରହ | ୮ ୦ ୧୨ |
| ବରଜମାଳିକା | ୮ ୦ ୧୫ |
| ମାଣିକାଦେଇଲକ୍ଷଣ | ୫ ୦ ୧୨ |
| ବନାର୍କ ବାରିକା ନୂତନ ସଂସ୍କରଣ | ୫ ୦ / |

---

# ବିଜ୍ଞାପନ ।

# ଶ୍ରୀରାଧାକୃଷ୍ଣଲୀଳାମୃତ

ଏହା କବି ଏ ଷୋଳଶତକର ପ୍ରସିଦ୍ଧ କବି ଥିଲେ । ଭକ୍ତିରସ ଯାବତର ଦାସଙ୍କ ଭଣିତ ପଞ୍ଚବିଂଶ ଛାନ୍ଦରେ ସମ୍ପୂର୍ଣ୍ଣ ।

କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନ ଏବଂ ବାଲୁବଜାର ଜଗନ୍ନାଥ ପୁସ୍ତକାଳୟରେ ପ୍ରାପ୍ତବ୍ୟ । ମୂଲ୍ୟ ୮ ୦ ୫

---

ଶ୍ୟାମସୁନ୍ଦର ଗ୍ରନ୍ଥ ପୁସ୍ତକ ।

| | |
|---|---|
| ସଙ୍ଗୀତ ଚାନ୍ଦନିକା ଖ ୧ ମୂଲ୍ୟ | ୮ ୦ । |
| ସଙ୍ଗୀତ ଚନ୍ଦ୍ରିକାଙ୍ଗ ଖ ୧ „ | ୮ ୦ । |
| ମଙ୍ଗଳ ମହୀ ଖ ୧ „ | ୫ ୦ ୬ |
| ଉପହାର ପଦ୍ୟ ଖ ୧ „ | ୮ ୦ ୮ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ, କଟକ ଅରୁଣୋଦୟ ଛାପାଖାନାରେ ଓ ଅନ୍ୟାନ୍ୟ ପୁସ୍ତକ ବିକ୍ରେତାମାନଙ୍କ ନିକଟରେ ଏବଂ ଲେଖକଙ୍କ ଦ୍ୱାରା ପ୍ରାପ୍ତ ହେବାରେ ବିକ୍ରୟାର୍ଥ ମହଜୁତ ଅଛି ।

---

# ବିପଦବନ୍ଧୁ ।

# ଔଷଧାଳୟ ।

କଟକ ଚୌଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବର୍ଥ୍ୟ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ଦିଆ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ ଏହି ଔଷଧାଳୟ ବାବୁ ଗୋପାଳଙ୍କର ସମ୍ପାଦନରେ ଓ ତତ୍ତ୍ୱାବଧାନରେ ଔଷଧ ଦିଆ ଯାଉଅଛି । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଖାଇଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ନଣେ ସୁଦକ୍ଷ ଡାକ୍ତରଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ବ୍ୟବସ୍ଥା ଉଚିତ ମୂଲ୍ୟରେ ଦିଆଯାଏ । ମଫସଲର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ମଫସଲ ସ୍ଥାନ ଭଳି ରେଲ୍‌ୱେପଥର ପାର୍ଶ୍ୱରେ ବାହାର ରୋଗୀଙ୍କୁ ଔଷଧ ପଠାଯାଏ ନାହିଁ । ଜ୍ୱରର ଔଷଧ ବାରଣ ବୁଝିଲା ଔଷଧ ଭାଲ୍ୟୁପେଏବଲ ଦ୍ୱାରା ମଧ୍ୟ ଦେବାଲେ ଜ୍ୱରର ଦିଆଯାଏ ନାହିଁ । ଏଥରେ ବା କମ୍ପାନୀର ଔଷଧ ହୋଇଥିବା ଯନ୍ତ୍ର ଗୁଣର ହୁଏ ନାହିଁ । ଔଷଧ ଛଡ଼ା ସୁସ୍ତବାଦ ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମ୍ୟାନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ } ଶ୍ରୀ ବାଳକୃଷ୍ଣଦାସ
ଚୌଧୁରୀବଜାର, କଟକ } ପ୍ରୋପ୍ରାଇଟର
ତା ୩୧।୧୨।୧୯୦୪ } ଶ୍ରୀ ରାମକୃଷ୍ଣ ମିଶ୍ର
ମ୍ୟାନେଜର

---

ଏହି ଉତ୍କଳଦୀପିକା ସହର କଟକ ବଲୁବଜାର ପ୍ରିଣ୍ଟିଂ କମ୍ପାନୀର ଉତ୍କଳଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଧର୍ମ — ଆମୋଦ—

ଥରେ ଦେଖ ! ଥରେ ପଢ଼ ।

ଆସନ୍ତା ତା ୧୧ ରିଖ ଗୁରୁବାର ସନ୍ଧ୍ୟାରେ କଟକ ମିଉନିସିପାଲିଟି ହତା ମଧ୍ୟରେ ପାର୍ସୀ ଥିଏଟରର ଗୋଟିଏ ଉତ୍କୃଷ୍ଟ ତାମାସା ହେବ । ଉକ୍ତ ତାମାସାରେ ଯାହା ମିଳିବ ତାହା କଟକର ଶ୍ରୀ ଉତ୍କଳୀୟା ଗୋରକ୍ଷିଣୀ ସଭାର ଉପକାରାର୍ଥେ ଦିଆଯିବ ।

ସମସ୍ତ ଗୋରକ୍ଷକ ସଜ୍ଜନଙ୍କ ନିକଟରେ ପ୍ରାର୍ଥନା ଯେ ସେମାନେ ସେ ଦିନ ଏ ଥିଏଟର ଦେଖି ଆମୋଦ ସଙ୍ଗେ ଧର୍ମ କାର୍ଯ୍ୟରେ ଦାନ କରିବେ । ଏ ସୁଯୋଗ ଛାଡ଼ିବେ ନାହିଁ ।

୩୧।୩।୦୨ } ଶ୍ରୀ ଗୋପାଳଚନ୍ଦ୍ର
କଟକ } ସହକାରୀ ସମ୍ପାଦକ ଉ। ଗୋ।ସଭା

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭେ ସନ ୧୯୦୧ ମସିହା ନଭେମ୍ବର ମାସ ତା ୨୮ ରିଖେ । ଉ । ପୁରୀ ବୁଣ୍ଡେଶ୍ୱର ସାହିନିବାସୀ ବଳରାମ ମହାନ୍ତି ଓ । ପ୍ର । ଅନ୍ତରୋଧ । ମୌ । ବ୍ରହ୍ମଗିରିନିବାସୀ ଗୋପୀନାଥ ନାୟକ ଓ । ମୌ । ଜଳଛତ୍ର ନିବାସୀ ସୁଦର୍ଶନ ନାୟକ ଓ ।ପ୍ର । ଦେଓଗାଁ ।ମୌ। ଅଗର ନିବାସୀ ରାମଚନ୍ଦ୍ର ମହାନ୍ତି ଓ । ପ୍ର । କାଳଗଣ୍ଡ । ମୌ । ଦଣ୍ଡପାମନପୁର ନିବାସୀ ଲକ୍ଷ୍ମଣ ମୁଦୁଲି ଏରୂପ ପାଞ୍ଚଜଣଙ୍କୁ ଆମ ଜମିଦାରୀ ପକ୍ଷ ଲେଖି ଦେଇଥିଲୁଁ ଯେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କ କାର୍ଯ୍ୟରେ ନାନାଦି କାରଣରୁ ଅମ୍ଭର ଅସନ୍ତୋଷ ହେବାରୁ ଅମ୍ଭେ ଅଦ୍ୟତାରିଖଠାରୁ ଅମ୍ଭର ଲେଖିଦେଇ ଉପରୋକ୍ତ ବ୍ୟକ୍ତିମାନଙ୍କ ନାମର ଉପରୋକ୍ତ ତାରିଖର କ୍ଷମତାପତ୍ରକୁ ରଦ୍ଦ ରହିତ କଲୁଁ ଯେ ଉପରୋକ୍ତ କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଉକ୍ତ କ୍ଷମତାପତ୍ର ବଳରେ ଅମ୍ଭ ତରଫରୁ କୌଣସି କାର୍ଯ୍ୟ କରି ପାରିବେ ନାହିଁ କଲେ ଅମ୍ଭେ ତହିଁରେ ବାଧ୍ୟ ହେବୁଁ ନାହିଁ ଓ ଅମ୍ଭର କୌଣସି ପ୍ରଜା ବା ଖାତକ ବା ଅନ୍ୟ କୌଣସି ଦେଣଦାର ଅମ୍ଭର ପ୍ରାପ୍ୟ କୌଣସି ଟଙ୍କା ଆଦି ସେମାନଙ୍କୁ ଦେବେ ନାହିଁ ଦେଲେ ଜମା ଦେବାର ଆପତ୍ତି କଲେ ଅମ୍ଭଠାରୁ ମଜୁରା ପାଇବେ ନାହିଁ । ଇତି ।

ଦସ୍ତଖତ

| | |
|---|---|
| | ଶ୍ରୀମତ୍ୟା ଲକ୍ଷ୍ମୀମଣି [illegible] |
| ତା ୨ରିଖ ମାହେ ଏପ୍ରେଲ ସନ ୧୯୦୨ ମସିହା ପୁରୀ | ମାତାମହାଶୟଙ୍କ ତରଫ କୃଷ୍ଣଚନ୍ଦ୍ରଦେବ ଗୋସ୍ୱାମୀ ଓ ଗୋପାଳଚନ୍ଦ୍ର ଦେବ ଗୋସ୍ୱାମୀ ଓ ରାମଚନ୍ଦ୍ର ଦେବ ଗୋସ୍ୱାମୀ ଓ ଗିରିଧାରୀ ଦେବ ଗୋସ୍ୱାମୀ ନାବାଳକ । ସା । ଦୋଳମଣ୍ଡପ ସାହି ମଠ [illegible] । ଉ । ପୁରୁଷୋତ୍ତମ କ୍ଷେତ୍ର |

# ଉତ୍କଳଦୀପିକା ।

ପୁରୀ ଉତ୍କଳ ବ୍ରାହ୍ମଣ ସମିତିର ଏକ ଆବେଦନପତ୍ର ଆମ୍ଭେମାନେ ପାଇଅଛୁଁ । ସମିତିର ଛାତ୍ରାବାସ ବୃଦ୍ଧି ନିମନ୍ତେ ଅର୍ଥ ସାହାଯ୍ୟ ପ୍ରାର୍ଥନା ତହିଁର ଅଭିପ୍ରାୟ । ସବିଶେଷ ଆରଥର ପ୍ରକାଶ କରିବୁଁ ।

---

ଟିଷ୍ଟ୍ରିବ୍ୟୁଲର ସ୍କୁଲସମୂହର ପାଠ୍ୟପୁସ୍ତକର ଗୋଟିଏ ବିସ୍ତାରିତ ତାଲିକା ଗତ ତା ୨୭ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଓଡ଼ିଶାର ସ୍କୁଲସମୂହରେ ଯେ ସମସ୍ତ ଓଡ଼ିଆ ପ୍ରଚଳିତ ଅଛି ତହିଁରେ କିଛି ପରିବର୍ତ୍ତନ ହୋଇଥିବାର ସେହି ତାଲିକାରେ ଦେଖିଲୁ ନାହିଁ ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଗତ ତା ୨୯ ରିଖରେ କଲିକତାରୁ ଯାତ୍ରା କଲେ । ଉତ୍ତର ପଶ୍ଚିମର ଦେଶଭିନ୍ନ ପ୍ରଭୃତି କେତେକ ସ୍ଥାନ ଭ୍ରମଣ କରି ସିମଲାରେ ବିରାଜମାନ ହେବେ । ଆଗାମୀ ଶୀତକାଳ ପର୍ଯ୍ୟନ୍ତ କଲିକତାର ତହଲ ଊଣା ପଡ଼ିଲା ।

---

ବାଲେଶ୍ୱର ପ୍ରଦର୍ଶନୀ ଫିଟିବା ଦିନ ପଠିତ ହୋଇଥିବା ରିପୋର୍ଟର ଗୋଟିଏ ପ୍ରତିଲିପି ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଆମ୍ଭେମାନେ ଏଥି ପୂର୍ବେ ଏହି ପ୍ରଦର୍ଶନୀ ସମ୍ବନ୍ଧରେ ଯାହା ଜଣାଇଅଛୁଁ ତହିଁରୁ ଅଧିକ କିଛି ପ୍ରଧାନ ଜ୍ଞାତବ୍ୟ ବିଷୟ ରିପୋର୍ଟରେ ଦେଖିଲୁ ନାହିଁ ।

---

ପୁରୀରେ ପିପିଲି ଥାନା ନିମନ୍ତେ ୫୪ ଡେସିମଲ ଜମି ଏବଂ କଟକରେ ମାଛଗାଁ କେନାଲର ନଂ ୧୦ କ ମାଇଲ ଶାଖାନାଳ ୧୦୦୦ ଫିଟ ବଢ଼ାଇବା କାରଣ ୨ ରୁଡ଼ ଜମି ଏବଂ ପାଏକା ପର୍ଗନା ନରସିଂହପୁର ମୌଜାରେ ବନ୍ଧ ସକାଶେ ଏକରୁଡ଼ ୨୦ ପୋଲ ଜମି ସରକାରୀ ବ୍ୟୟରେ ଖରିଦ ହେବାର ବିଜ୍ଞାପନ ଜାରି ହୋଇଅଛି ।

---

ବେଙ୍ଗଲ ନାଗପୁର ରେଲୱେ ଷ୍ଟ୍ରିଡ ସାଲୁଗ ଗାଛ, ଖୋରଧା ରୋଡ, ସାହେବଗୋଲ ଏହି ତିନି ଷ୍ଟେସନରେ ସ୍କୁଲଘର ଏବଂ ଶିକ୍ଷକମାନଙ୍କର ବାସସ୍ଥାନ ସକାଶେ ଟ ୨୬,୭୦୦ଙ୍କା ଇଷ୍ଟିମେଟ ମଞ୍ଜୁର ହୋଇଅଛି । ଏହି ଟଙ୍କା ରେଲୱେର ମୂଳଧନରେ ଖରଚ ପଡ଼ିବ । ରେଲକର୍ମଚାରୀଙ୍କର ପିଲାମାନଙ୍କ ପଢ଼ିବା ସକାଶେ କ୍ରମେ ଅନ୍ୟାନ୍ୟ ବଡ଼ ଷ୍ଟେସନରେ ଏହିପରି ବନ୍ଦୋବସ୍ତ ହେବ ।

---

ମାନ୍ୟବର ବଙ୍ଗୀୟ ଛୋଟଲାଟ ବିଜ୍ଞାପନ ଦେଉଅଛନ୍ତି କି ଏହି ଅପ୍ରେଲ ମାସ ତା ୧ ରିଖଠାରୁ କଟକ ବାଲେଶ୍ୱର ପୁରୀ ଓ ଅନୁଗୁଳ ଜିଲ୍ଲାରେ ଅବକାରୀ ଆପୁ ପ୍ରତିସେର ଟ ୩୫ଙ୍କା ମୂଲ୍ୟରେ ବିକ୍ରୟ ହେବ ଏବଂ ସେହି ତାରିଖଠାରୁ ସମ୍ବଲପୁର ଜିଲ୍ଲାରେ ଗଞ୍ଜେଇର ମାସୁଲ ପ୍ରତି ସେର ଟ ୭୯ ଙ୍କା ଲେଖାଏଁ ଧାର୍ଯ୍ୟ ହେବ । ଆପୁଆ ଓ ଗଞ୍ଜେଇଖିଆମାନେ ଏଥିରେ ହଟିବେ କି ?

---

ଓଡ଼ିଶା ବିଭାଗର ତାଳଦଣ୍ଡା ଓ ମାଛଗାଁ କେନାଲମାନ ଗଳସ୍ତ ସନ ୧୯୦୨ ସାଲ ଅପ୍ରେଲ ମାସ ତା ୧ ରିଖଠାରୁ ମଇ ମାସ ତା ୧୫ ରିଖ ପର୍ଯ୍ୟନ୍ତ, କେନ୍ଦ୍ରାପଡ଼ା ଓ ତହିଁ ସଂଲଗ୍ନ କେନାଲମାନ ଜୁନ ମାସ ତା ୧ ରିଖ ଠାରୁ ତା ୩୦ ରିଖ ପର୍ଯ୍ୟନ୍ତ, ହାଇଲେଭେଲ କେନାଲ ନଂ ୧ ଓ ୨ ନମ୍ବର ଅଂଶମାନ ତା ୨୦ ରିଖ ଅପ୍ରେଲଠାରୁ ତା ୩୧ ରିଖ ମଇ ପର୍ଯ୍ୟନ୍ତ ଏବଂ ହାଇଲେଭେଲ କେନାଲ ନଂ ୩ ନମ୍ବର ଅଂଶ ଓ ଯାଜପୁର କେନାଲ ଅପ୍ରେଲ ମାସ ତା ୨୦ ରିଖଠାରୁ ମଇ ମାସ ତା ୨୦ ରିଖ ପର୍ଯ୍ୟନ୍ତ ବାର୍ଷିକ ମରାମତି ନିମନ୍ତେ ବନ୍ଦ ହେବ ।

---

ଗତ ତା ୨୩ ରିଖରେ ଶେଷହେବା ସପ୍ତାହରେ ପୂର୍ବବଙ୍ଗରେ ୮୩୫ ଏବଂ ବଙ୍ଗରେ ୨୨୯୭୧ ସାଏ ୨୮୭୯୭ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ତହିଁ ପୂର୍ବ ସପ୍ତାହର ଅଙ୍କ ୩୭୦୫୧ ଥିଲା ଏବଂ ତହିଁ ମଧ୍ୟରେ ଯୁକ୍ତପ୍ରଦେଶର ଅଙ୍କ ୧୩୨ ଥିଲା । ସେ ପ୍ରଦେଶରେ ସାହାଯ୍ୟ ଲୋଡ଼ିବା ବ୍ୟକ୍ତି ଆଦୌ ଏ ସପ୍ତାହରେ ନ ଥିଲେ ଏବଂ ବଙ୍ଗରେ କ୍ରମେ ଊଣା ହୋଇ ଆସୁଅଛି । ପୂର୍ବବଙ୍ଗରେ ଅତି ସାମାନ୍ୟ ବଢ଼ିଥିଲା । ଏଥିରୁ ଜଣାଯାଏ ଯେ ଅବସ୍ଥା ଅନେକ ଊଣା ପଡ଼ିଅଛି ।

---

ଗତ ତା ୨୩ ରିଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୨୪୦୦୦ ମୃତ୍ୟୁ ହୋଇଥିଲା ଓ ତହିଁ ମଧ୍ୟରେ ବମ୍ବେଇରେ ୪୮୧୧, ବଙ୍ଗରେ ୪୨୭୦, ଯୁକ୍ତପ୍ରଦେଶରେ ୧୭୧୪୬, ପଞ୍ଜାବରେ ୨୩୪୮, ମଧ୍ୟପ୍ରଦେଶରେ ୨୦୧୮ ଏବଂ ଅନ୍ୟାନ୍ୟ କେତେ ପ୍ରଦେଶରେ ପ୍ରତ୍ୟେକରେ ଏକହଜାରରୁ ନ୍ୟୂନ ଥିଲା । ଏଥି ପୂର୍ବସପ୍ତାହର ମୋଟ ମୃତ୍ୟୁ ୪୯,୪୪୦ ଥିଲା । ଏଥିରୁ ଜଣାଯାଏ ଯେ ରୋଗ ବୃଦ୍ଧିରେ ଅଛି ଏବଂ ସେହି ବୃଦ୍ଧି ବମ୍ବେଇ ପଞ୍ଜାବ ଏବଂ ଯୁକ୍ତପ୍ରଦେଶରେ ଘଟିଅଛି । ଅନ୍ୟ ଦିଗରେ ବଙ୍ଗ ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ପ୍ରଦେଶରେ ଊଣାଦିଗକୁ ଯାଉଅଛି ।

Digitized by srujanika@gmail.com

ଏଠା ଉତ୍କଳ ବାବୁ ରେବତୀକାନ୍ତ ଘୋଷ କେତେଗୁଡ଼ଏ ସୁଧୀ ଓ ସୁହୃଦ ଏଠା ଟାଉନ ଲାଇବ୍ରେରୀକୁ ଦେଇ ଧନ୍ୟବାଦାର୍ହ ହୋଇଅଛନ୍ତି। ଟାଉନ ଲାଇବ୍ରେରୀରେ ନାନା ପ୍ରକାର ସମ୍ବାଦ ପତ୍ରମାନ ପାଠ କରିବା ସଙ୍ଗେ ପ୍ରବନ୍ଧ ଅଛି ଏବଂ କେତେ ଲୋକ ନିତ୍ୟ ନିୟମିତରୂପେ ଉପସ୍ଥିତ ହୋଇ ସେଠାରେ ସମ୍ବାଦ ପତ୍ର ଓ ପୁସ୍ତକ ପାଠ କରିବାର ଦେଖାଯାଉଅଛି। ଉକ୍ତ ସମିତିମାନ ମଧ୍ୟ ମଧ୍ୟେ ହେଉଥିବାରୁ ସର୍ବସାଧାରଣଙ୍କର ଏଥିପ୍ରତି ଦୃଷ୍ଟି ଆକର୍ଷିତ ହୋଇଥିବାର ସ୍ପଷ୍ଟ ଜଣାଯାଉଅଛି। ମିଉନିସିପାଲିଟିରୁ ପ୍ରସ୍ତାବିତ ବାଟି ଶୀଘ୍ର ପ୍ରସ୍ତୁତ ହୋଇଗଲେ ଏଥିରେ ଅଧିକ ଲୋକ ସମାଗତ ହେବାର ଆଶା ହୁଏଇ।

—।—

ଏ ନଗରର ପ୍ରସିଦ୍ଧ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ଙ୍କ କନ୍ୟା କୁମାରୀ ଶୈଳବାଳା ଦାସ ବିଲାତକୁ ପଢ଼ିବା ନିମନ୍ତେ ଯାଇଅଛନ୍ତି। ସେଠା ପାର୍ଲିୟାମେଣ୍ଟର ସୁପରିଚିତ ସଭ୍ୟ ଶ୍ରୀଯୁକ୍ତ ଥାଇସର ସାହେବଙ୍କର ସହିତ କୁମାରୀ ଶୈଳବାଳା ମହାମାନ୍ୟ ସମ୍ରାଟଙ୍କର ଖାସ ଦରବାରରେ ପ୍ରବେଶ ଲାଭ କରି ସ୍ୱୟଂ ପ୍ରତାପ ସମ୍ରାଟ ଏବଂ ସାମ୍ରାଜ୍ଞୀଙ୍କୁ ଭେଟିଥିଲେ। ସେ ଦେଶୀୟ ବନାରସୀ ଶାଢ଼ୀ ଓ ଓଢ଼ଣୀ ଏବଂ ଅଳଙ୍କାରରେ ଭୂଷିତ ହୋଇ ଯାଇଥିଲେ ଏବଂ ଦେଶୀୟ ପ୍ରଥାରେ ନମସ୍କାର କରିଥିଲେ। ଏହି ଅଭିନବ ଦୃଶ୍ୟ ବଡ଼ ପ୍ରୀତିକର ହୋଇଥିଲା। ଏଥି ପୂର୍ବେ ଭାରତୀୟ କେହି କେହି ମହାରାଣୀ ପ୍ରଭୃତି ଉଚ୍ଚଶ୍ରେଣୀର ମହିଳା ସମ୍ରାଟ ଦରବାରରେ ସାକ୍ଷାତ କରିଥିଲେ। ମଧ୍ୟଶ୍ରେଣୀୟ ଭଦ୍ରମହିଳା ପ୍ରତି ଏପରି ଲେଷ୍ଟଙ୍କର ଅତି ବିରଳ। ଅନ୍ୟତଃ ଓଡ଼ିଆପକ୍ଷରେ ନୂତନ ଏବଂ ଗୌରବର ବିଷୟ ଅଟେ। ଶୈଳବାଳା ବିଲାତରେ ଅନେକ ସମ୍ଭ୍ରାନ୍ତ ମହିଳାଙ୍କର ବନ୍ଧୁ ହୋଇଅଛନ୍ତି ଏବଂ ଶିକ୍ଷାଲାଭରେ ଅଗ୍ରସର ହେଉଅଛନ୍ତି ବଡ଼ ଆନନ୍ଦର ବିଷୟ।

---

ଏ ନଗରର ୧୭୯୮ ଜଣ ଯିଲ ହଜତବାର ଗତ ସପ୍ତାହରେ ଲେଖିଥିଲୁଁ। ବର୍ତ୍ତମାନ ଅବଗତ ହେଲୁଁ ଯେ ନି ୧୨ ଣ ମନୁଷ୍ୟ ଗତମାସ ତା ୧୭ ରିଖ ସ୍ନାନରେ ଗଲେ ନ ଆସିବାରୁ ସେମାନଙ୍କର ଅଭିଭାବକମାନେ ପୁଲିସରେ ଜଣାଇଥିଲେ। ସେହି ନି ୧୨ ଣ ମଧ୍ୟରେ ନି ୫ ଣର ବୟସ ୧୦ ରୁ ୧୫ ବର୍ଷମଧ୍ୟ ଓ ବାକି ସମସ୍ତଙ୍କର ବୟସ ୧୫ ରୁ ଅଧିକ। ସେମାନଙ୍କ ମଧ୍ୟରୁ ନି ୭ ଣ ହିନ୍ଦୁ ଏବଂ ନି ୨ ଣ ବଡ଼ ଏପରି ନି ୫ ଣ ଫେରି ଆସିଅଛନ୍ତି। ବାକି ଶୁଣାଯାଏ ଯେ ଦୁର୍ଭିକ୍ଷିତ କାଉଁଶ ଶିବିରରେ ଜଣେ ବଙ୍ଗାଳୀ ସେମାନଙ୍କୁ କଲିକତାରେ ଅଧିକ ମୂଲରେ କାର୍ଯ୍ୟ ଦେବାର କହି ରେଲରେ କଲିକତାକୁ ଅନ୍ତର ଖଞ୍ଜି ନେଇ ଚଟ କଲକାରଖାନାକୁ ନେଇ ଯାଇଥିଲେ ଓ ସେଠାରେ ସେମାନେ କଷ୍ଟରେ ଥିଲେ। ଗୋଟିଏ ପିଲା ନ ଆସିବାରୁ ତାହାର ଅଭିଭାବକ ଓ ଅନ୍ୟମାନଙ୍କର ପିତା ମାତା ପ୍ରଭୃତି ଭାବନାରେ ଅଛନ୍ତି। ଏଣେ ପୁଲିସ ସେମାନଙ୍କୁ ଥାନା ଓ ଯାଣ୍ଡିକୁ ପୁନଃ ପୁନଃ ଡକାଇନେଇ କି ଅନୁସନ୍ଧାନ କରୁଅଛନ୍ତି ଯେ ତାହା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ ତମ୍ଭା ଫରିୟାଦିମାନଙ୍କୁ କଷ୍ଟ ଦିଆଯାଉ ନାହିଁ। ଏବେ ଅପଣାର ଲୋକଙ୍କୁ ନ ପାଇବାର ଭାବନା ତହିଁ ଉପରେ ପୁଲିସର ଟଣାଟଣି ଉପରୁ କଷ୍ଟକର ଅନୁଭବ ହେବା ଅନ୍ୟ କଏ ବୁଝିବ? ତେବେ ଅନେକଙ୍କରେ ଏତେ କାଳ ହେଉଅଛି ଏବଂ ଫରିୟାଦିମାନେ ସନ୍ଧାନଭୂତ ପାଇବାର ଚେଷ୍ଟା ଥାଉ ତନ୍ତ୍ରରେ ଜାଗିଛ ଅଛନ୍ତି ଉପରିସ୍ଥ ହାକିମମାନଙ୍କୁ ଏଥା ବୁଝିବାକାରଣ ଆମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ।

---

ଉତ୍କଳ ଦର୍ପଣରେ ବଙ୍ଗେଶ୍ୱରଙ୍କର ସମ୍ବଲପୁର ପରିଦର୍ଶନର ବିବରଣ ଯାହା ପାଠ କଲୁଁ ତହିଁରୁ ଜଣାଯାଏ ଯେ ଗତ ତା ୧୭ ରିଖରେ ମାନ୍ୟବର ମହୋଦୟ ସେଠାରେ ପହଞ୍ଚି ତା ୨୧ ରିଖରେ ବିଦାୟ ହୋଇଅଛନ୍ତି। ପ୍ରଥମ ଦିନ ସେଠା ମିଉନିସିପାଲିଟିର ପ୍ରେସିଡେଣ୍ଟ ଓ ଭାଇସ ପ୍ରେସିଡେଣ୍ଟ, ରେଢ଼ାଖୋଲର ଦେବାନ ଏବଂ ବାବୁ ଭଗବତ ପ୍ରସାଦ ପଟ୍ଟନାୟକଙ୍କୁ ସାକ୍ଷାତ ଦେଇ ସମ୍ବଲପୁରର ସକଳ ଅସୁବିଧାର କଥା ସେମାନଙ୍କଠାରୁ ଶୁଣିଥିଲେ ଏବଂ ସେମାନଙ୍କ ପ୍ରଦତ୍ତ ଖଣ୍ଡିଏ ଆବେଦନ ପତ୍ର ଗ୍ରହଣ କରିଥିଲେ। ତହିଁ ମଧ୍ୟରୁ କେତେକ ବିଷୟରେ ବିଶେଷତଃ ଅଦାଲତ ସମ୍ବନ୍ଧୀୟ ଅସୁବିଧା ବିଷୟରେ ଆଶ୍ୱାସ ପ୍ରଦାନ କରିଥିଲେ। ତହିଁ ଅନନ୍ତର ତା ୧୮ ରିଖ ଠାରୁ ପ୍ରସ୍ଥାନ ଦିନ ପର୍ଯ୍ୟନ୍ତ ଶିକାର କରିଥିଲେ। ସଙ୍ଗରେ ଡେପୁଟି କମିଶନର, ପୋଲିଟିକେଲ ଏଜେଣ୍ଟ, ତହସିଲଦାର ଏବଂ ରେଢ଼ାଖୋଲର ମାନେଜର ପ୍ରଭୃତି ଥିଲେ। ଦୁଃଖର ବିଷୟ ଯେ ଅଦାକର ଜଙ୍ଗଲ ଘୋଡ଼ାଇବାରେ ୬ ଟା ବାଘ ବାହାରି ୪ଟା ଶିକାରୀ ଦଳ ନିକଟକୁ ଆସି ଜଙ୍ଗଲରେ ପ୍ରବେଶ କଲେ ଏବଂ ବାକି ଦୁଇଟା ଘଉଡ଼ାଇବା ଲୋକଙ୍କ ନିକଟକୁ ଦୌଡ଼ି ତିନିଜଣ ଲୋକଙ୍କୁ ଦଂଶନ କଲେ। ତହିଁ ମଧ୍ୟରେ ରେଢ଼ାଖୋଲର ମାନେଜର ଜଣେ ଥିଲେ। ସେ ଓ ଅନ୍ୟ ଦୁଇଜଣ ଦଂଶିତ ହସ୍ପିଟାଲେ ଓ କେବଳ ଏକଜଣ ବଞ୍ଚିଅଛି। ଏହି ଶୋଚନୀୟ ଦୁର୍ଘଟଣାରେ ମାନ୍ୟବର ମହୋଦୟ ଅତ୍ୟନ୍ତ ଦୁଃଖିତ ହୋଇଥିବେ ସନ୍ଦେହ ନାହିଁ। ଅତଃପର ହିନ୍ଦୁପେଟ୍ରିଅଟରେ ଦେଖିଲୁଁ ଯେ ମାନ୍ୟବର ମହୋଦୟ ପୁଣି ଆସନ୍ତା ତା ୮ ରିଖରେ ଶିକାର ନିମନ୍ତେ ସମ୍ବଲପୁରକୁ ଆସିବେ। ଦୁର୍ଦାନ୍ତ ବାଘମାନଙ୍କର ଦଣ୍ଡାର୍ଥେ ଏଥର ଯାନ ହେବ ପରା? ହତ ବ୍ୟକ୍ତିଙ୍କ ପରିବାରବର୍ଗ ପ୍ରତି କି ସୁବନ୍ଦୋବସ୍ତ ହେବ ଯଥା ସମୟରେ ତାହା ଶୁଣିବାର ଆଶା କରୁଁ।

---

ସମ୍ମିଳନୀ କମ୍ପାନୀର ବିପଦ।

ଏ ବିଷୟରେ ଗତ ତା ୧୮ ରିଖର ମନୋରମାରେ ସରକାରୀ ଆଦେଶ ଓ ତହିଁର ଉତ୍ତର ଯାହା ପ୍ରକାଶିତ ହୋଇଅଛି ତହିଁରୁ ଜଣାଯାଏ ଯେ ସମ୍ମିଳନୀ କମ୍ପାନୀ ମୟୂରଭଞ୍ଜ ରାଜ୍ୟରେ ସା ୨୪୩୬।୨୩୪ ଜମି ବାର୍ଷିକ ଟ ୪୧୩୪/୯ ଜମାରେ ପଟ୍ଟା ନେଇ ନିୟମିତରୂପେ ଖଜଣା ଦେଇ ଭୋଗ କରୁଅଛନ୍ତି। ଏହି କମ୍ପାନୀଦ୍ୱାରା ‘ମନୋରମା’ ସମ୍ବାଦପତ୍ର ବାରିପଦାରେ ପ୍ରକାଶିତ ହୁଏଇ। ମୟୂରଭଞ୍ଜର ଷ୍ଟେଟ କଲେକ୍ଟର ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଗତ ମାର୍ଚ୍ଚ ମାସ ତା ୮ ରିଖରେ ଏ ସମ୍ମିଳନୀର ସମ୍ପାଦକଙ୍କ ନାମରେ ଏହି ମର୍ମରେ ଆଦେଶ ପ୍ରଚାର କରିଅଛନ୍ତି କି ମହାରାଜଙ୍କର ହିତ ସାଧନ ଅଭିପ୍ରାୟରେ କମ୍ପାନୀକୁ ପଟ୍ଟା ଦିଆ ଯାଇଥିଲା ମାତ୍ର ତାହା କାର୍ଯ୍ୟରେ ରକ୍ଷିତ ଅଥବା ରେଜଷ୍ଟ୍ରି ହୋଇ ନାହିଁ। ପୁଣି ‘ମନୋରମା’ ସମ୍ବାଦପତ୍ର ଅସନ୍ତୋଷ ଓ ଭିନ୍ନ ଭିନ୍ନ ଜାତି ମଧ୍ୟରେ କଳହଭାବ ଜନ୍ମାଇବାର ଦେଖାଯାଏ। ଅତଏବ ସେ ଜମିର ପଟ୍ଟା କୌଣସି ପ୍ରକାରେ ଦିଆ ଯାଇଥିଲେ ତାହା ରଦ୍ ହେବ ଏବଂ ସେହି ଜମି ମହାରାଜଙ୍କ ହିତାର୍ଥେ ଭୋଗଦଖଲ ହେବ। ଏହି ଅନୁଗ୍ରହ ରହିତ କରିବାର ଉପଯୁକ୍ତ ହେତୁ ଏହି କି କେତେକ ଅଂଶୀଦାର ଆପଣା ଆପଣା ଅଂଶ ଛଡ଼ାଇ ନେଇଅଛନ୍ତି। ଏହି ଆଦେଶର ଉତ୍ତରରେ କମ୍ପାନୀର ସେକ୍ରେଟାରୀ ଷ୍ଟେଟ କଲେକ୍ଟରଙ୍କୁ ଅନ୍ୟାନ୍ୟ ବିଷୟ ମଧ୍ୟରେ ଜଣାଇଅଛନ୍ତି କି ସମ୍ମିଳନୀ ଷ୍ଟେଟର ଅନ୍ୟାନ୍ୟ ପ୍ରଜାପରି ଜଣେ ପ୍ରଜା ଥିବା ଓ ନିୟମିତରୂପେ ଖଜଣା ଦେଉଥିବା ହେତୁ ପଟ୍ଟା ରଦ୍ କରିବାର କଲେକ୍ଟରଙ୍କର କ୍ଷମତା ନାହିଁ ଏବଂ ପଟ୍ଟାର ସର୍ତ୍ତର ବ୍ୟତିକ୍ରମ ନ କରି କାହାରି କି ଇଚ୍ଛାରେ ତାହା ରଦ୍ ହେବ। ପରନ୍ତୁ ମନୋରମା ସାଧାରଣର ଓ ପ୍ରଜାର ହିତାର୍ଥେ ସତ୍ୟ କଥା ପ୍ରକଟ କରୁଅଛି ଏଥିରେ ହାକିମ ବିଶେଷ ଅସନ୍ତୋଷ ହେଲେ ତହିଁର ଉପାୟ ନାହିଁ। ବିଶେଷତଃ ମନୋରମା କାହାକୁ କି ରୂପେ ଅସନ୍ତୋଷ ଶିକ୍ଷା ଦେଉଅଛି ଏବଂ କେଉଁ ଜାତି କା ଦଳମଧ୍ୟରେ କିପରି ବିଦ୍ୱେଷ ଉତ୍ପାଦନ କରିଅଛି ତାହା ଯିଏ ଲେଖି ନାହାନ୍ତି ସୁତରାଂ ତହିଁର ଠିକ ଉତ୍ତର ଦେବାକୁ ଅକ୍ଷମ। ଅତଏବ

Split by PDF Splitter



ଏହି ବେଆଇନୀ କାର୍ଯ୍ୟରୁ ବିରତ ହେବା କାରଣ ପ୍ରାର୍ଥନା କରିଅଛନ୍ତି।

ବର୍ତ୍ତମାନ ମୋକଦ୍ଦମାର ଅବସ୍ଥା ଏହିପରି ଅଛି। ମସ୍ତିଲକାଇ ସମ୍ପାଦକ ମହାଶୟ ତାଙ୍କ ଏ ବିଷୟ ଜଣାଇଅଛନ୍ତି ବୋଲି ସହଯୋଗୀ ଲେଖିଅଛନ୍ତି। ମହାରାଜା ମୁ ବଚ୍ଛର କରିବେ ସନ୍ଦେହ ନାହିଁ। ବିଷୟଟି ବିଚାରାଧୀନ ଥିବାରୁ ଅଧିକ କିଛି କହିବାର ବର୍ତ୍ତମାନ ସୁବିଧା ନାହିଁ। ବିଶେଷତଃ ଯେଉଁ ସମ୍ପୂ ଟସକ ମାମଲା ତହିଁର ପ୍ରତିଲିପି ପ୍ରକାଶ ହୋଇ ନ ଥିବାରୁ ସେ ବିଷୟରେ ମତାମତ ପ୍ରକାଶ କରିବାର ସୁବିଧା ନାହିଁ। ସମ୍ପ୍ରତି ଆମ୍ଭେମାନେ ଏତିକି କହିପାରୁଁ ଯେ ଅସନ୍ତୋଷ ଏବଂ ଜାତୀୟ ବିବାଦ ଜାତ ବିଷୟରେ ସମ୍ପାଦକ ଯାହା ପ୍ରଶ୍ନ କରିଅଛନ୍ତି ତହିଁର ସ୍ପଷ୍ଟ ନିଦର୍ଶନ ଦେଖାଇଦେବା ସ୍କୋଟ ଟଲେକ୍ଟରଙ୍କର ଉଚିତ ହେଉଅଛି। ମନୋହରମାନେ ସେ ସମ୍ବନ୍ଧରେ ପ୍ରକାଶ ହୋଇଥିବା କେତେକ ଲେଖା ଉଦ୍ଧାର ନ ଦେଲେ କିପରି ତହିଁର ପ୍ରକୃତ ଉତ୍ତର ଦିଆ ଯିବ। ସମସ୍ତେ ଜାଣନ୍ତି ଯେ ମୟୂରଭଞ୍ଜରେ ଆଇନାନୁସାରେ କାର୍ଯ୍ୟ ହୁଅଇ ଏବଂ ସେ ଆଇନମାନ ଗବର୍ଣ୍ଣମେଣ୍ଟ ଆଇନ ଅଥବା ସେ ଆଦର୍ଶରେ ଗଠିତ ଆଇନ ଅଟେ। ଏ ମାମଲାରେ ଦେବାନ ଅଥବା ସ୍ୱତନ୍ତ୍ର ସନ୍ତ୍ରାନ୍ତ ଏବଂ ଫଉଜଦାରୀ ଅଦାଲତମାନ ଏକକ ବିଶିଷ୍ଟ ଜଣାଯାଏ। ଅତଏବ ଏହି କାର୍ଯ୍ୟ ରାଜାଙ୍କଠାରୁ ପ୍ରବର୍ତ୍ତିତ ହୋଇଅଛି ବୋଲି ସେ ତହିଁରେ ଅନ୍ତତଃ ସମ୍ବନ୍ଧ ନାହିଁ ଏହା ମଧ୍ୟ ବୁଝିବା ସହଜ ନୁହେ। ଅତଏବ ସହସା କୌଣସି ମତ ପ୍ରକାଶ କରିବା ଠିକ ଦେଖାଯାଉ ନାହିଁ। ଯାହା ହେଉ ମୟୂରଭଞ୍ଜ ମହାରାଜା ଏଥିର ସୁବିଚାର କରିବେ ସମ୍ପୂର୍ଣ୍ଣ ଭରସା ହେଉଅଛି।

---

## କଲେକ୍ଟର ଉର୍ବି ବଦର୍ଣ୍ଣ।

ଭକ୍ତକବି ଜନ୍ମମତିଦାସଙ୍କଦ୍ୱାରା ସରଳ ଉତ୍କଳ ଭାଷାରେ ରଚିତ। ଏଥିରେ ଶରୀରଭେଦ ଓ ବ୍ରହ୍ମଜ୍ଞାନ ବିଷୟ ଉତ୍ତମରୂପେ ବର୍ଣ୍ଣିତ ହୋଇଅଛି। ଏହାକୁ ଆଦ୍ୟପ୍ରାନ୍ତ ପାଠ କଲେ ନିଶ୍ଚୟ ବୈରାଗ୍ୟ ଜାତ ହେବ। କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକାଳୟରେ ପ୍ରାପ୍ତବ୍ୟ। ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଡାକାଇ ସହିତ ଟ ୦୵ ମାତ୍ର।

## ଉତ୍କଳଦୀପିକା।

ସୋନବର୍ଷର ମହାରାଜା ଆପଣା ରାଜ୍ୟ ନିକଟରେ ଲୁଚିଥିବା ସମୟରେ କେହି ଜଣେ ଗୁଳି ଦାଗି ତାଙ୍କୁ ମାରିପକାଇଅଛି।

---

ଦୋଳଯାତ୍ରା ଦ୍ୱୈଧ ହେବୁ ଏବର୍ଷ ଦୋଳ ପୂର୍ଣ୍ଣିମାରେ ପୁରୀରେ ଯାତ୍ରୀ ସଂଖ୍ୟା ନିତାନ୍ତ ଊଣା ଥିଲା, କେବଳ କଲିକତାବାସୀ ସାମାନ୍ୟ ବଙ୍ଗାଳି ଆସିଥିଲେ। ଭିଡ଼ ନ ଥିବାରୁ ଦର୍ଶନରେ ବଡ଼ ସୁବିଧା ହୋଇଥିଲା। ଯାତ୍ରୀ ଅଭାବେ ପାଣ୍ଡା, ଘରମାନ ଖାଲି ପଡ଼ିଥିଲା।

---

ବଙ୍ଗପ୍ରଦେଶର ସରକାରୀ କଲେଜମାନ ଚଳିତ ସନ ୧୯୦୭ ସାଲରେ ତା ୧୭ ରିଖ ଅପ୍ରେଲଠାରୁ ତା ୨୨ ରିଖ ଜୁନ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ସକାଶେ ଏବଂ ତା ୧୨ ରିଖ ଅକ୍ଟୋବରଠାରୁ ତା ୮ ରିଖ ନବମ୍ବର ପର୍ଯ୍ୟନ୍ତ ଦୁର୍ଗାପୂଜା ଓ କାଳୀପୂଜା ସକାଶେ ବନ୍ଦ ହେବ।

---

କେନ୍ଦୁଝରର ରାଜା ଏଥିମଧ୍ୟରେ ଏ ନଗରକୁ ଆସି ପ୍ରାୟ ଏକସପ୍ତାହ ରହି ଗତ ବୁଧବାର ପୁଣି କାଶିଧାମକୁ ପ୍ରସ୍ଥାନ କଲେ। ଜନରବ ଉଠିଅଛି ଯେ କାଶିପ୍ରଭୃତି ତାହାଙ୍କର ମନ ଏତେ ଆକୃଷ୍ଟ ହୋଇଅଛି ଯେ ରାଜ୍ୟଭାର ଦୁର୍ବହ ହୋଇଅଛି ଓ ନିକଟରେ କିଛି ଗୋଟାଏ ପରିବର୍ତ୍ତନ ହେବ।

---

ଓଡ଼ିଶା ଫିଉଡେଟରିଷ୍ଟେଟ ସମୂହର ପୋଲିଟିକଲ ଏଜେଣ୍ଟଙ୍କର କଚେରି ଘର ସକାଶେ ସମ୍ବଲପୁର ସହରରେ ବୁଢ଼ାରାଜା ପାହାଡ଼ ଉପରେ ଥିବା କୋଠି ଓ ବାକେ ଘରମାନ ଓ ତହିଁ ତଳ ଜମି ସହିତ ୬ ଏକର ୫୭ ଡେସିମଲ ଜମି ସରକାରୀ ବ୍ୟୟରେ ଖରଦ ହେବାର ଘୋଷଣା ପତ୍ର ପ୍ରଚାର ହୋଇଅଛି। ଏଥିରୁ ବୁଝାଯାଏ ଯେ ଗଡ଼ଜାତ ପୋଲିଟିକଲ ଏଜେଣ୍ଟଙ୍କର କଚେରି ସମ୍ବଲପୁର ହେବାର ସ୍ଥିର ହୋଇଅଛି।

---

ସମ୍ପାଦକଙ୍କର ସ୍ଥାନାନ୍ତର ଗମନ ଓ ପୀଡ଼ା ହେତୁ ଉତ୍କଳବାସୀ ଏକ ସପ୍ତାହ ବନ୍ଦ ଥିଲା। ପୁଣି ପ୍ରଜାବନ୍ଧୁର ସମ୍ପାଦକଙ୍କର ଅସୁସ୍ଥତା ଓ ଅନ୍ୟାନ୍ୟ ଅସୁବିଧା ବଶତଃ ସେହି କାଗଜ କେତେକ ସପ୍ତାହ ବାହାରିବ ନାହିଁ ବୋଲି ସମ୍ପାଦକଙ୍କର ଅନୁରୋଧ ମତେ ପ୍ରକାଶ କଲୁଁ। ସମ୍ପାଦକଙ୍କର ପୀଡ଼ା ବା ଅନ୍ୟ କାର୍ଯ୍ୟବଶତଃ ପତ୍ରିକା ବନ୍ଦହେବା ଓଡ଼ିଶା ଛଡ଼ା ଅନ୍ୟତ୍ର ପ୍ରାୟ ଦେଖାଯାଏ ନାହିଁ।

---

ଏ ନଗରର ଶ୍ୟାମ ଯଜ୍ଞେଶ୍ୱର ଚନ୍ଦ୍ରଚନ୍ଦ୍ର ବାହାଦୁର ଟ ୨,୬୦୦ ଙ୍କା ମୂଲ୍ୟର ପ୍ରମିସରୀ ନୋଟ ଏହି ନିମନ୍ତେ ଦାନ କରୁଅଛନ୍ତି କି ଏହା 'ରାଣୀ ଗାଣ୍ଟର ସପ୍ଲାଇଫଣ୍ଡ' ନାମରେ ଗୋଟିଏ ପାଣ୍ଠିରେ ନ୍ୟସ୍ତ ହେବ ଏବଂ ତହିଁର ବାର୍ଷିକ ସୁଦ ଯାହା ଉତ୍ପନ୍ନ ହେବ ତାହା କଟକ ଜିଲ୍ଲାରେ ଜଳଦାନ କାର୍ଯ୍ୟର ଉନ୍ନତିରେ ଖର୍ଚ୍ଚ ହେବ। ମାନ୍ୟବର ବଙ୍ଗେଶ୍ୱର ତାହାଙ୍କର ଏହି ବଦାନ୍ୟତାରେ ଆନନ୍ଦିତ ହୋଇ ଦାତା ମହାଶୟଙ୍କୁ ପ୍ରଶଂସା କରୁଅଛନ୍ତି।

---

ଗତ ତା ୩୦ ରିଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗଦ୍ୱାରା ୫୩,୮୧୯ ମୃତ୍ୟୁ ହୋଇଥିଲା। ତହିଁ ପୂର୍ବ ସପ୍ତାହର ଅଙ୍କ ୫୪୦୦୩ ଥିଲା। ଏଥିରୁ ମୃତ୍ୟୁ ଊଣା ହେବାର ଜଣାଯାଏ। ମାତ୍ର ଏହା ପଞ୍ଜାବର ମୃତ୍ୟୁ ୨୩,୮୧୯ ରୁ ୨୬୯୦୦ କୁ ବଢ଼ିବାର ଏବଂ ବମ୍ବେଇ, ବଙ୍ଗ, ଯୁକ୍ତପ୍ରଦେଶରେ ଓ ମଧ୍ୟପ୍ରଦେଶମାନଙ୍କରେ ଅଳ୍ପ ଊଣା ହେବାର ପ୍ରକାଶ। ଫଳତଃ ଅଦ୍ୟାପି ରୋଗ ପ୍ରବଳ ଅଛି।

---

ଗତ ତା ୩୦ ରିଖରେ ଶେଷ ହୋଇଥିବା ସପ୍ତାହରେ ପୂର୍ବବଙ୍ଗ, ବଙ୍ଗ ଏବଂ ବମ୍ବେଇ ଏହି ତିନି ପ୍ରଦେଶରେ ନ ୨୫,୬୩ ଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ ଓ ତହିଁ ମଧ୍ୟରେ ଏକା ବଙ୍ଗରେ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୮,୧୫୭ ଏବଂ ବମ୍ବେଇର ସଂଖ୍ୟା ନ ୯ ଣ ମାତ୍ର ଥିଲା। ପୂର୍ବସପ୍ତାହର ମୋଟ ଅଙ୍କ ୨୮,୭୯୬ ଥିଲା। ଏଥିରୁ ଦେଖାଯାଏ ଯେ ଯୁକ୍ତପ୍ରଦେଶରୁ ସାହାଯ୍ୟ ଦାନ ଉଠିଯାଇଅଛି ଏବଂ ବମ୍ବେଇରେ ଆରମ୍ଭ ହୋଇଅଛି। ବଙ୍ଗପ୍ରଦେଶରେ କେବଳ ଦରଭଙ୍ଗା ଜିଲ୍ଲାରେ ସାହାଯ୍ୟ ଦିଆଯାଉଅଛି।

---

ଧରାକୋଟ ରାଜା ଏକ ଅନ୍ଧୁଣୀ ବ୍ରାହ୍ମଣ କନ୍ୟାର ଏକ ଅନ୍ଧ ବ୍ରାହ୍ମଣ ସଙ୍ଗେ ନିଜବ୍ୟୟରେ ବିବାହ ଦେଇଥିବାର ଶୁଣି ଗଡ଼ଜାତବାସୀ ଏହାକୁ ଯଥୋଚିତ କାର୍ଯ୍ୟ ବୋଲି ଘୋଷଣା କରୁଅଛନ୍ତି। ମାତ୍ର ଏକ ଅସହାୟ ବ୍ୟକ୍ତି ଗଳାରେ ଅନ୍ୟ ଅସହାୟ ବ୍ୟକ୍ତିକୁ ବାନ୍ଧିଦେବା ଆମ୍ଭେମାନେ ଉଚିତ ମନେ କରିପାରୁ ନାହୁଁ। ଅନ୍ୟ ପକ୍ଷରେ ଏହା କୌତୁକଜନକ ମାତ୍ର ଦମ୍ପତି ପକ୍ଷରେ ଦ୍ୱିଗୁଣ କଷ୍ଟକର। ସେମାନଙ୍କୁ ଗୋଟିଏ ୨ ଆଖିଥିବା ପୁରୁଷ ଓ ସ୍ତ୍ରୀ ସଙ୍ଗେ ବିବାହ ଦେଇଥିଲେ କାର୍ଯ୍ୟ ଭଲ ହୋଇଥାନ୍ତା।

---

ତାଲଚେରର ଶିଳ୍ପକାରଖାନାରେ ସୁନା, ରୁପା, ଲୁହା ଓ କାଠର କାମ ହେଉଥିଲା ସମ୍ପ୍ରତି ତହିଁସଙ୍ଗେ ସିଲାଇ ଏବଂ ଚମଡ଼ା କାମ ଯୋଗ ହେବାର ଗଡ଼ଜାତବାସୀମାନଙ୍କୁ ଅବଗତ ହୋଇ ଆନନ୍ଦିତ ହେଲୁଁ। ଏଥିସଙ୍ଗେ ଗୋଟିଏ ତେଲପେଡ଼ିବାର କଳ ବସିଲେ ଅଧିକ ଭଲ ହେବ। ଚମଡ଼ାସିଝା ଓ ତିଆର କରିବା କାରଖାନା ବସ୍ତୁଶିକ୍ଷା ଓ ବ୍ୟବସାୟ। ତେଲପେଡ଼ିବା ତହିଁରୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଅନେକ ସହର ଏବଂ ଗଡ଼ଜାତରେ ରେଲମଣ୍ଡି ଓ କଲପାଇଁ ଜାଲଣିକାଠ ସୁଲଭ ଓ ଚାଲଚେରଲେ ପଥରକୋଇଲା ମଧ୍ୟ ମିଳଇ ।

---

ବଙ୍ଗଳାର ଲେପ୍ଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ସର ଫ୍ରେଜର ବାହାଦୁରଙ୍କର ସମ୍ବଲପୁର ଗସ୍ତ ଡିଙ୍ଗବ ବଢ଼ିଗଲା । ଗତ କଲିକତା ଗେଜେଟରେ ପ୍ରକାଶ ଯେ ମାନ୍ୟବର ମହୋଦୟ ସେହି ଜିଲ୍ଲାର ପାଟନା ଷ୍ଟେଟରେ ଗତ ତା ୧୦ ରିଖଠାରୁ ତା ୧୮ ରିଖ ପର୍ଯ୍ୟନ୍ତ ବୁଲି ତା ୧୯ ରିଖରେ ସମ୍ବଲପୁରକୁ ଲେଉଟି ଆସି ସେହିଦିନ ସନ୍ଧ୍ୟାବେଳେ ସେଠାରେ ଖାସ ରେଲରେ ଚଢ଼ି ତା ୨୦ ରିଖ ସକାଳବେଳେ କଲିକତାରେ ପ୍ରବେଶ ହେବେ । ଏତେଦିନରେ ସମ୍ବଲପୁରର ଭାଗ୍ୟରେ ଗୋଟିଏ ଦିନ ସୁଦ୍ଧା ପଡ଼ିଲା ନାହିଁ । ଶିକାର ଖେଳରେ ଆମୋଦ ଓ ବିଶ୍ରାମ ଲାଭ ଏ ଗସ୍ତର ଉଦ୍ଦେଶ୍ୟ ଜଣାଯାଏ ।

---

ପୁରୀର ମାଜିଷ୍ଟ୍ରେଟ ମିଃ ଦୁର୍ଗଚନ୍ଦ୍ର ମିତ୍ର ଗତ ଶୁକ୍ରବାର ବ୍ରହ୍ମରେ ପାଦ ରୋଗରେ ପରଲୋକ ଗମନକରିଅଛନ୍ତି । ମୃତ୍ୟୁ ପୂର୍ବ ସେହିଦିନ ମଧ୍ୟାହ୍ନରେ ଡାକ୍ତର ସାହେବଙ୍କଦ୍ୱାରା ଅସ୍ତ୍ର ହୋଇଥିଲା । ମାତ୍ର ସମସ୍ତ ଚେଷ୍ଟା ବିଫଳ ହୋଇଗଲା । ରାତ୍ରି ପ୍ରାୟ ଘ ୧୨ ଟା ସମୟରେ ତାହାଙ୍କର ପ୍ରାଣବାୟୁ ବହିର୍ଗତ ହୋଇଗଲା । ସେହି ରାତ୍ରିରେ ତାହାଙ୍କର ଆତ୍ମୀୟ ଏବଂ ସ୍ଥାନୀୟ ବଙ୍ଗାଳିଙ୍କ ଦ୍ୱାରା ଶବଦାହ କାର୍ଯ୍ୟ ହୋଇଥିଲା, ମିତ୍ର ସାହେବ ପୁରୁଣା କର୍ମଚାରୀ ଥିବାରୁ ଶାନ୍ତ, ସୁବିଚାରକ ଓ ଅନେକ ପ୍ରିୟ ଥିଲେ । ତାହାଙ୍କର ସହସା ମୃତ୍ୟୁରେ ସାଧାରଣ ବିଶେଷ ଦୁଃଖିତ । ପୁରୀର ଉକିଲ ଦଳ ସଭା କରି ଶୋକ ପ୍ରକାଶ କରି ଅଛନ୍ତି ।

---

ଗତ ପୂର୍ବ ବୁଧବାର କେନ୍ଦ୍ରାପଡ଼ା ହାଇସ୍କୁଲର ପୁରସ୍କାର ବିତରଣ କାର୍ଯ୍ୟ ଖୁବ ସମାରୋହର ସହିତ ସମ୍ପନ୍ନ ହୋଇ ଯାଇଅଛି । ସ୍କୁଲ ଗୃହ ପୁଷ୍ପ ପତାକାଦ୍ୱାରା ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଏବଂ ସ୍ଥାନୀୟ ଅଧିକାଂଶ ଭଦ୍ରବ୍ୟକ୍ତି ସଭାସ୍ଥଳେ ଉପସ୍ଥିତ ହୋଇଥିଲେ । ଯଥା ସମୟରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ସଭାପତିର ଆସନ ଗ୍ରହଣ କରି ହାରମୋନିୟମସହ ଗୋଟିଏ ମଙ୍ଗଳାଚରଣ ସଙ୍ଗୀତ, ବାଳକମାନଙ୍କର କେତେଗୋଟି ଓଡ଼ିଆ ଇଂରେଜୀ ପଦ୍ୟ ଆବୃତ୍ତି ଓ ବାର୍ଷିକ ରିପୋର୍ଟ ଶୁଣି ପୁରସ୍କାର ପୁସ୍ତକ ବିତରଣ କଲେ । ପରେ ଗୋଟିଏ ଦୀର୍ଘ ସାର୍ଦ୍ଧ ବକ୍ତୃତାଦ୍ୱାରା ବାଳକମାନଙ୍କୁ ଉପଦେଶ ଦେଇ ସ୍କୁଲର ଉନ୍ନତ ଅବସ୍ଥାରେ ଆନନ୍ଦ ପ୍ରକାଶ କରି ସଭା ଭଙ୍ଗ କଲେ ।

---

ଓଡ଼ିଶାର କମିଶନର ଏବଂ ଗଡ଼ଜାତମାନଙ୍କର ସୁପ୍ରିଣ୍ଟେଣ୍ଡେଣ୍ଟ ଗତ ତା ୨ ରିଖରେ ଢେଙ୍କାନାଳରେ ଉପସ୍ଥିତ ହୋଇ ଦି ୫ ଦିନ ସେଠାରେ ଅବସ୍ଥାନ କରିଥିଲେ । ଏହି ଗସ୍ତର ବିସ୍ତାରିତ ବିବରଣ ଗତ ତା ୬ ରିଖର ଗଡ଼ଜାତବାସିରେ ପାଠକଲୁଁ । ସାହେବ ମହୋଦୟଙ୍କର ଅଭ୍ୟର୍ଥନା ଉପଲକ୍ଷରେ ରାଜମାର୍ଗ ଫୁଲ ତୋରଣାଦିରେ ସୁସଜ୍ଜିତ, ବସ୍ତ୍ରର ପ୍ରଜ୍ୱାଦ୍ୱାରା ସୁରକ୍ଷିତ, ଶୁଭାଗମନ ସୂଚକ ତୋପଧ୍ୱନି, ଦରବାର ଇତ୍ୟାଦି ଯଥାସମାରୋହରେ ହୋଇଥିଲା ସାହେବ ମହୋଦୟ ସ୍ତ୍ରୀଦିନ ଶିକାର କରିବାକୁ ବାହାରିଥିଲେ ଏବଂ ଅନ୍ୟସମୟରେ କଚେରୀ, ଜେଲ, ସ୍କୁଲ, ଶିଳ୍ପଶାଳା, ଡାକ୍ତରଖାନା, ଛାପାଖାନା, ନବଗଠିତ ଔଷଧାଳୟ ପ୍ରଭୃତି ପରିଦର୍ଶନ କରିଥିଲେ, ବାଳକ ବିଦ୍ୟାଳୟର ପୁରସ୍କାରଦାନ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଶିକାରରେ ଗୋଟିଏ ବଡ଼ ମହାବଳବାଘ ମାରିଥିବାର ଶୁଣାଯାଏ ।

---

ମନୋରମାରେ ପ୍ରକାଶ ଯେ ମୟୂରଭଞ୍ଜର ସମ୍ମିଳନୀ କର୍ମ୍ମ ନିଷେଧ ପୂର୍ବକ କଲେକ୍ଟରଙ୍କର ପଞ୍ଚାଲିଖିତ ବିଷୟକ ଆଦେଶ ବିରୁଦ୍ଧରେ ମହାରାଜାଙ୍କ ନିକଟରେ ଅପିଲ କରନ୍ତେ ମହାରାଜା ଅପିଲ ଗ୍ରହଣ କରି ଦେୱାନବାବୁଙ୍କ ନିକଟକୁ ଜବାବ ନିମନ୍ତେ ପଠାଇଅଛନ୍ତି । ଦେୱାନମହାଶୟ ବର୍ତ୍ତମାନ ଅବକାଶରେ ଅଛନ୍ତି । କାର୍ଯ୍ୟକୁ ଫେରି ଆସିଲେ ତାରିଖ ଧାର୍ଯ୍ୟ ହୋଇ ବିଚାର ହେବ ।

ଏହି ପତ୍ରିକାର ଅନ୍ୟ ଏକ ସ୍ଥଳରେ ଲେଖାଅଛି ଯେ ସମ୍ମିଳନୀ କର୍ମ୍ମାନ ସନ ୧୯୦୫ ସାଲରେ ସ୍ଥାପିତ ହେବା ଉତ୍ତାରୁ ସନ ୧୯୦୬ ସାଲରେ କର୍ମ୍ମାନ ରେଜଷ୍ଟ୍ରେସନ ବିଷୟକ ଆଇନ ସେହି ରାଜ୍ୟରେ ପ୍ରଚଳିତ ଓ ଟ ୪୦ ବା ରେଜିଷ୍ଟ୍ରେସନ ଫିସ ଧାର୍ଯ୍ୟ ହୋଇଅଛି ଏବଂ ତଦନୁସାରେ କର୍ମ୍ମାନ ରେଜଷ୍ଟ୍ରୀ କରାଇନେବାର ଉଦ୍ୟମ ହେଉଅଛି । ନୂଆ ଆଇନ ବୁଝି ପୂର୍ବ କାର୍ଯ୍ୟ କରିବାରେ ଭଲମନ୍ଦ ହେବାର ସମ୍ଭବ ଦିଶୁଅଛି ।

---

ଓଡ଼ିଶା ଓ ଜନସମ୍ବାଦ ଲେଖିଅଛନ୍ତି କି ଶ୍ରୀ ଦାସ ମହାଶୟଙ୍କର ଅନେକ ଚେଷ୍ଟା ବିଫଳ ହେଲା, କଟକ ମିଉନିସିପାଲ ନିର୍ବାଚନରେ ଦାସଙ୍କ ସକାଶେ ଯେଉଁ ଜନମାନେ ସଭା ହୋଇଥିଲା ଏବଂ ଯହିଁରେ ଗଣନୀୟ ଭଦ୍ରଲୋକଙ୍କର ଅଭିପ୍ରାୟ ଦେଖା ଯାଇଥିଲା ତାହା ଦାସଙ୍କ ସହାୟରେ କିଛି କରିପାରିଲା ନାହିଁ ଏବଂ ଦାସଙ୍କର ପକ୍ଷମାନେ ଗବର୍ଣ୍ଣମେଣ୍ଟଙ୍କ ଆଖିରେ ପଡ଼ିବାକୁ ପାଇଲେ ନାହିଁ । ଗବର୍ଣ୍ଣମେଣ୍ଟ ବାବୁ କାଳୀପଦ ଘୋଷଙ୍କର ନିର୍ବାଚନ ଗ୍ରହଣ କରି ତାହାଙ୍କୁ ଓଡ଼ିଆ ଓ କ୍ଷେତ୍ରକାରଣଙ୍କର ସଦସ୍ୟ ନିଯୁକ୍ତ କଲେ ଏବଂ ବାଲେଶ୍ୱର ପ୍ରତିନିଧିଙ୍କର ଉଚିତ ସମର୍ଥିତ ହେଲା । ସହଯୋଗିଙ୍କର ଏ କଥାଗୁଡ଼ିକ କେମନ୍ତ ସୁରୁଚି ସଙ୍ଗତ ହୋଇଅଛି ତାହା ବୁଝାଇ କହିବାର ଆବଶ୍ୟକ ନାହିଁ । ମାତ୍ର ସେ ନିଶ୍ଚୟ ଜାଣନ୍ତୁ ଯେ ଗବର୍ଣ୍ଣମେଣ୍ଟ ଓଲଟା ବୁଝିଲେ ବୋଲି ବାଲେଶ୍ୱର ପ୍ରତିନିଧି ଓ ସେହି ଦଳସ୍ଥ ଲୋକଙ୍କପ୍ରତି ଓଡ଼ିଶାବାସୀଙ୍କର ମତ କିଛି ବଦଳି ଯାଇ ନାହିଁ ବା ବଦଳିବାର ନୁହେ ।

---

ବାଲେଶ୍ୱରଠାରେ ଯେଉଁ ବନ୍ଦୋବସ୍ତ କାର୍ଯ୍ୟ ଚଳୁଅଛି ତତ୍ସମ୍ପର୍କୀୟ କେତେକ ବିଷୟମାନ ଏଠା ଉତ୍କଳ ସଭା ବାଲେଶ୍ୱରର ବନ୍ଦୋବସ୍ତ କର୍ମଚାରୀଙ୍କୁ ମାଗି ପଠାଇବାରୁ ବନ୍ଦୋବସ୍ତ କର୍ମଚାରୀ ମହାଶୟ ସେହାବେଳକେ ତୁଷ୍ଟ ହୋଇ ନ ଦେବାରେ ଉତ୍କଳସଭା ସେ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ । ଗବର୍ଣ୍ଣମେଣ୍ଟ ସେ ବିଷୟ ତଦନ୍ତ କରି ରିପୋର୍ଟ କରିବା କାରଣ ବୋର୍ଡକୁ ଆଦେଶ କରିଥିଲେ ଏବଂ ବୋର୍ଡଙ୍କ ଆଦେଶ ମତେ ବନ୍ଦୋବସ୍ତ ବିଭାଗର ଡାଇରେକ୍ଟର ସାହେବ ଉତ୍କଳ ସଭାର ଅପତ୍ତି ଶୁଣିବା କାରଣ ବାଲେଶ୍ୱରକୁ ଆସି ଚଳିତମାସ ତା ୧୮ ରିଖରେ ଉତ୍କଳ ସଭାର ସଭ୍ୟମାନଙ୍କ ସଙ୍ଗେ ସାକ୍ଷାତ କରିବାର ସ୍ଥିର କରିଅଛନ୍ତି । ଉତ୍କଳ ସଭା ପକ୍ଷରୁ ତାଙ୍କ ସଙ୍ଗେ ସାକ୍ଷାତ କରିବା କାରଣ ଏଠାରୁ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି ଆଇ ଇ, ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ କଲ୍ୟାଣ ଦାସ, ବାବୁ ବୈକୁଣ୍ଠନାଥ ଦତ୍ତ, ବାବୁ ଶଶୀଭୂଷଣ ରାୟ, ବାବୁ ବନମାଳୀ ପାଇକ ଓ ବାବୁ ରାମଶଙ୍କର ରାୟ ଆଗାମୀ ବୁଧବାର ବାଲେଶ୍ୱରକୁ ଗମନ କରିବେ ।—ଫଳାଫଳ ଏ ପରେ ଜଣାଇବୁଁ ।

---

ମହିଷାଦଳ ରାଜାର ବୃଦ୍ଧଚିକିତ୍ସକ ଡାକ୍ତର ଶ୍ରୀଯୁକ୍ତ ଲଳିତମୋହନ ବନ୍ଦ୍ୟୋପାଧ୍ୟାୟଙ୍କର ଗୋଟିଏ ଶିଶୁପୁତ୍ର ଜଳମଗ୍ନ ହୁଏ । ବହୁକ୍ଷଣ ଅନୁସନ୍ଧାନ କଲା ପରେ ଶିଶୁର ମୃତଦେହ ଭାସୁଥିବାର ଦେଖାଯାଏ । ତାହାକୁ ଜଳରୁ ଉଠାଇ ବହୁବିଧ ପ୍ରକ୍ରିୟା ଅବଲମ୍ବନ କଲେ ମଧ୍ୟ କୌଣସି ଫଳ ହେଲା ନାହିଁ । ତହିଁଉତ୍ତାରୁ ଶିଶୁର ଜୀବନର ଆଶା ପରିତ୍ୟାଗ କରି ସ୍ଥାନୀୟକୁ ମୃତସମ୍ବାଦ ପଠାଗଲା ଇତିମଧ୍ୟରେ ଜଣେ ଭଦ୍ରଲୋକ ବାଳକଟିକୁ ଲବଣଗଦି ମଧ୍ୟରେ ଚକ୍ଷୁ, ମୁଖ ଓ ନାସିକା ବାହାରେ ରଖି ରକ୍ଷା କରିବା ନିମନ୍ତେ ଉପଦେଶ ପ୍ରଦାନ କରନ୍ତି । ଏହି ଉପାୟ ଅବଲମ୍ବନ କରନ୍ତେ ଦେଖାଗଲା ଯେ ଚବିଶଘଣ୍ଟା ପରେ ବାଳକଟି ବର୍ଣ୍ଣକଲେବର ବୃଷ୍ଟିଗୋଚରପୂର୍ବକ ସହାସ୍ୟବଦନରେ ସୁପ୍ତୋତ୍ଥିତ ନ୍ୟାୟ ଜାଗରିତ ହେଲା । ଶିଶୁଟି ଜଳମଗ୍ନ ହେବାର ପ୍ରାୟ ଘ ୩ ଟା ପରେ ପୁନର୍ଜୀବନ ଲାଭ କରି-

Digitized by srujanika@gmail.com

Split by PDF Splitter



ଅଛୁ । ଅସ୍ମମାନଙ୍କ ଦେଶରେ ପ୍ରତିବର୍ଷ କେତେ ଶିଶୁ ଯେ ଜଳମଗ୍ନ ହୋଇ ଅକାଳେ କାଳଗ୍ରାସରେ ପତିତ ହୁଅନ୍ତି ତାହା କଳନା କରାଯାଇ ନ ପାରେ, ଅତଏବ ଏହିପରି ଦୁର୍ଘଟଣାରେ ସମସ୍ତେ ଉପରୋକ୍ତ ଉପାୟଟି ଅବଲମ୍ବନ କରିବାକୁ ବିରତ ହେବେ ନାହିଁ । ମେଃ ନା

---

କଟକ ଟ୍ରେନିଂସ୍କୁଲରୁ ନିମ୍ନଲିଖିତ ବ୍ୟକ୍ତିମାନେ ଗତ ଡିସେମ୍ବର ମାସର ଓଡ଼ିଶା ଭର୍ଣ୍ଣାକ୍ୟୁଲର ମାଷ୍ଟରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା:—

୧ମ ଗ୍ରେଡ଼

ମଧ୍ୟମ

| | |
|---|---|
| ବୃନ୍ଦାବନ ମିଶ୍ର | ବାମାଚରଣ ମହାନ୍ତି |
| ବାଲୁକେଶ୍ୱର ମହାପାତ୍ର | ଗୋପୀନାଥ ମହାପାତ୍ର |

ନିମ୍ନ

| | |
|---|---|
| ପୁରୁଷୋତ୍ତମ ମିଶ୍ର | ରଘୁନାଥ ମିଶ୍ର |
| ସୋମନାଥ ଷଡ଼ଙ୍ଗୀ | ନେତ୍ରାନନ୍ଦ ସେନା |

୨ୟ ଗ୍ରେଡ଼

ମଧ୍ୟମ

| | |
|---|---|
| ଜଗନ୍ନାଥ ମିଶ୍ର ( ଏ ) | ଗୋବିନ୍ଦଚନ୍ଦ୍ର ମିଶ୍ର |
| ଜାନ ସାହା | ଜଗନ୍ନାଥ ମିଶ୍ର ( ବି ) |
| ଗୋବିନ୍ଦ ନାୟକ | ଚନ୍ଦ୍ରଶେଖର ମହାପାତ୍ର |
| ବାସୁଦେବ ମିଶ୍ର ( ଏ ) | ବିଶ୍ୱନାଥ ଷଡ଼ଙ୍ଗୀ |
| ବାସୁଦେବ ମିଶ୍ର ( ବି ) | ସୈୟଦ୍ ଓବାଇସ ଅଲି |

ନିମ୍ନ

| | |
|---|---|
| ଦୁଲାଲ ମିଶ୍ର | ଜୟକୃଷ୍ଣ ଷଡ଼ଙ୍ଗୀ |
| ଲିଙ୍ଗରାଜ ନାୟକ | ଦୟାନିଧି ରଥ |
| ଲକ୍ଷ୍ମୀଧର ଦାସ | ହରେକୃଷ୍ଣ ମିଶ୍ର |
| ଗୋବିନ୍ଦ ତ୍ରିପାଠୀ | ନରହରି ରଥ |

ଉଦୟନାଥ ନନ୍ଦ

---

ଆସକା ଉତ୍କଳସମାଜର ସମ୍ପାଦକ ଶ୍ରୀ ହରିହର ପଣ୍ଡାଙ୍କ ପତ୍ରରୁ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଗଞ୍ଜାମ ଓଡ଼ିଆଛାତ୍ରଙ୍କର ସ୍କୁଲ ଫିସ ସମ୍ବନ୍ଧରେ ଗତମାସ ହେଲା ଯେ ଆନ୍ଦୋଳନ ଲାଗିଥିଲା ତାହା ସଫଳ ହୋଇଅଛି । ଉତ୍କଳ ସମାଜର ପ୍ରାର୍ଥନା ମତେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଯେ ସ୍କୁଲ ଫିସ ବିଷୟରେ ମୁସଲମାନ ଛାତ୍ର ପ୍ରତି ଯେପରି ଅନୁଗ୍ରହ କରାଯାଇଅଛି ଓଡ଼ିଆଛାତ୍ର ପ୍ରତି ସେହିପରି ହେବ । ଅର୍ଥାତ୍ ଓଡ଼ିଆଛାତ୍ରମାନେ ପୂର୍ବ ପ୍ରାୟ ଅଧା ଫିସ ଦେବେ । ଗବର୍ଣ୍ଣମେଣ୍ଟଙ୍କ ଆଦେଶର ପ୍ରତିଲିପି ନିମ୍ନେ ପ୍ରକାଶିତ ହେଲା ।

## EDUCATIONAL DEPARTMENT

G. O No. 186, dated 28th March 1907.

READ THE FOLLOWING PAPERS.

From the Secretary, Uriya Samaj, Aska Ganjam, dated 24th November, 1906.
From the Director of Public Instruction, No. 8776—06 dated 21st Feby. 1907.

### ORDER

In view of the representations now made by the Uriya Samaj, the Government consider it desirable that the concession hitherto enjoyed by Uriyas, of paying fees at half the standard rates in institutions under public management should be restored. The words "and Uriya" will accordingly be inserted after "Muhamadan", in the first sentence of the Second paragraph of Rule 84 (ii) and the words "and Uriyas" in the last sentence of Rule 102 of the revised Educational Rules 5th Education, after the word "Muhemmadan."

( True extract )
Sd. C. A. SOUTEN.
Assistant Secretary
To Government.

---

ଗତ ତା ୫ ରିଖର ଓଡ଼ିଆ ନବସମ୍ବାଦର ଇଂରାଜୀ ସ୍ତମ୍ଭରେ ଲେଖାଅଛି ଯେ ବାଲେଶ୍ୱର ଜିଲ୍ଲାର ଏକଅଂଶର ବନ୍ଦୋବସ୍ତ ସଂଶୋଧନ କାର୍ଯ୍ୟ ଶେଷ ହୋଇ ଅନ୍ୟ ଅଂଶର କାର୍ଯ୍ୟ ଆରମ୍ଭ ହେଉଅଛି ମାତ୍ର ଏପର୍ଯ୍ୟନ୍ତ ଓଡ଼ିଶାର ଲୋକମାନେ ସଚେତନ ଭାବରେ ଆପତ୍ତି କରୁ ନାହାନ୍ତି । ଜମିଦାରମାନଙ୍କୁ ଶୀଘ୍ର ଆପତ୍ତି କରିବା କାରଣ ସହଯୋଗୀ ଅନୁରୋଧ କରିଅଛନ୍ତି ଏବଂ ଦେଖାଇ ଦେଇଅଛନ୍ତି ଯେ ଜମିଦାରମାନେ ଭୂମ୍ୟଧିକାରୀରୁ କ୍ରମେ ସରବରାକାର ପଦକୁ ଖସି ଆସୁଅଛନ୍ତି । ଉତ୍କଳର ସମ୍ବାଦପତ୍ର ଓ ସଭାସମିତି ସମୂହକୁ ଏହି ସାଧାରଣ ଅନିଷ୍ଟ ବିରୁଦ୍ଧରେ ଆନ୍ଦୋଳନ କରିବାକୁ ସହଯୋଗୀ ପ୍ରାର୍ଥନା କରିଅଛନ୍ତି । ସମସ୍ତ ଓଡ଼ିଶାବାସିଙ୍କର ଏହି ଗୁରୁତର ବିଷୟରେ ଶୀଘ୍ର ମନୋଯୋଗୀ ହେବା ଏକାନ୍ତ କର୍ତ୍ତବ୍ୟ ଏଥିରେ ସନ୍ଦେହ ନାହିଁ । ମାତ୍ର ବାଲେଶ୍ୱର କାର୍ଯ୍ୟସ୍ଥଳ ହେଉଥିବା ହେତୁ ସହଯୋଗିଙ୍କଠାରୁ ପ୍ରକୃତ ସମ୍ବାଦ ପାଇବା ଓ ସେ ଅଗ୍ରଣୀ ହେବାକୁ ସମସ୍ତେ ଆଶା କରନ୍ତି । ଏଥିକୁ ଏପର୍ଯ୍ୟନ୍ତ ତାହାଁର ଓଡ଼ିଆ ସ୍ତମ୍ଭରେ କେତେକାଳ ଛଡ଼ାରେ ଉକ୍ତ ପ୍ରବନ୍ଧ ବାହାରିଅଛି । ଧାରାବାହିକରୂପେ ଏବଂ ଇଂରାଜୀ ଓ ଓଡ଼ିଆରେ ନୂଆବନ୍ଦୋବସ୍ତର ପ୍ରକୃତ ଅବସ୍ଥା ସର୍ବସାଧାରଣଙ୍କୁ ଜଣାଇବା କାରଣ ସହଯୋଗୀ ଉଠିପଡ଼ି ଲାଗିଲେ ଅବଶ୍ୟ ଜନସାଧାରଣର ମନ ଆକର୍ଷଣ କରିବ ଏବଂ ଅନ୍ୟାନ୍ୟ ସମ୍ବାଦପତ୍ର ଓ ସଭାସମିତି ତହିଁରେ ଯୋଗଦେବେ । ଇଂରାଜୀରେ ବିସ୍ତାରିତ କରି ଲେଖା ନ ହେବ ଓ ବାଲେଶ୍ୱର ବନ୍ଦୋବସ୍ତ ଚାଲୁଥିବା ସ୍ଥଳେ ଏକପକ୍ଷର ସମ୍ବାଦ ଉପରେ କାର୍ଯ୍ୟ କରିବାକୁ କେହି ଇଚ୍ଛୁକ ହେବା ମଧ୍ୟ ଉଚିତ ନୁହେ ।

---

କଲିକତାର ଜଣେ ପ୍ରଧାନ ବକ୍ତା ଓ ନବ-ଦଳର ଦଳପତି ବାବୁ ବିପିନଚନ୍ଦ୍ର ପାଲ ଏ ନଗରର ଶିକ୍ଷିତସମାଜର ଅପରିଚିତ ନୁହନ୍ତି । ସେ ବହୁକାଳ ପୂର୍ବେ ଏଠା ଏକାଡେମୀର ଶିକ୍ଷକ ଥିଲେ ଏବଂ ତିନିବର୍ଷ ପୂର୍ବେ ଏ ନଗରକୁ ଆସି ଦୁଇତିନିଦିନ ବକ୍ତୃତା ପ୍ରଦାନ କରିଥିଲେ । ସେ ବଙ୍ଗଳାର ନାନାସ୍ଥାନ ଭ୍ରମଣ କରି ସ୍ୱଦେଶର ସ୍ୱାଧୀନତା ଉନ୍ନତି ବିଷୟରେ ଜନସାଧାରଣଙ୍କର କର୍ତ୍ତବ୍ୟ ବୁଝାଉଅଛନ୍ତି ଓ ନାନାସ୍ଥାନର ଲୋକେ ତାହାଙ୍କୁ ନିମନ୍ତ୍ରଣ କରି ନେଉଅଛନ୍ତି । ସମ୍ପ୍ରତି ସେ ମାନ୍ଦ୍ରାଜରୁ ନିମନ୍ତ୍ରଣ ପାଇ ଏହିବାଟେ ଯାଉଁ ଏ ନଗରକୁ ଆସି ଗତ ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାବେଳେ ବକ୍ତୃତା ପ୍ରଦାନ କରିଥିଲେ । ପ୍ରଥମଦିନ ମିଉନିସିପାଲିଟୀ ବଗିଚ୍ ମୁକ୍ତସ୍ଥାନରେ ଏବଂ ୨ୟ ଦିନ ଅଳ୍ପ ବୃଷ୍ଟିହେତୁ ଟାଉନ ଲାଇବ୍ରେରିହଲରେ ବକ୍ତୃତା ହୋଇଥିଲା ଏବଂ ପ୍ରତିଦିନ ସହସ୍ରାଧିକ ଶ୍ରୋତା ହୋଇଥିଲେ । ଶେଷଦିନ ଅଯୋଗରେ ଏତେଲୋକ ହେବା ବିଶେଷ ଆଗ୍ରହର ପ୍ରମାଣ ଅଟେ । ବାସ୍ତବରେ ଟାଉନହଲ ଓ ବାରନ୍ଦାରେ ତିଳେ ସ୍ଥାନ ନ ଥିଲା ଏବଂ କେତେଲୋକ ସ୍ଥାନ ନ ପାଇ ଫେରିଯିବାକୁ ବାଧ୍ୟ ହୋଇଥିଲେ । ଜାତୀୟମହାସମିତିର ଗତ ଅଧିବେଶନରେ ଶ୍ରଦ୍ଧାସ୍ପଦ ଦାଦାଭାଇ ନୌରୋଜୀ ମହାଶୟ ଭାରତରେ ସ୍ୱରାଜ ବା ଆତ୍ମଶାସନ ପ୍ରଣାଳୀ ବିସ୍ତାର ଓ ସ୍ୱଦେଶୀ ବିଷୟରେ ଯେଉଁ ଉପଦେଶ ଦେଇଥିଲେ ତାହାର ପ୍ରଚାର କରିବା ବିପିନବାବୁଙ୍କର ପ୍ରଧାନ ଉଦ୍ଦେଶ୍ୟ ଏବଂ ତାହା ସେ ଏମନ୍ତ ସୁନ୍ଦରରୂପେ ବୁଝାଇଥିଲେ ଓ ଶ୍ରୋତୃବର୍ଗ ଏମନ୍ତ ନିବିଷ୍ଟମନରେ ଶୁଣିଥିଲେ ଯେ ବକ୍ତୃତା ଶେଷପର୍ଯ୍ୟନ୍ତ ନିସ୍ତବ୍ଧ ହୋଇ ରହିଥିଲେ । ଆମ୍ଭେମାନେ ଆଶାକରୁଁ ଯେ ଶ୍ରୋତାମାନେ ଏହାକୁ କ୍ଷଣିକ ଆମୋଦପରି ମନେ ନ କରି ପୁନଃ ପୁନଃ ସେ ଉପଦେଶମାନ ମନରେ ଚିନ୍ତା କରି କର୍ତ୍ତବ୍ୟପଥରେ ଅଗ୍ରସର ହେବେ । ଯେମନ୍ତ ସେମାନଙ୍କର ଓ ବକ୍ତାଙ୍କର ଏତେ ଶ୍ରମ ବିଫଳ ହେବ ନାହିଁ । ଏଠାର ନୂତନ ଟାଉନହଲରେ ଏହି ପ୍ରଥମ ବକ୍ତୃତାସଭା । ମାତ୍ର ସଭା ଭଙ୍ଗ ପରେ କେତେଖଣ୍ଡ ଚୌକି ଭାଙ୍ଗିଯିବାର ଓ କେତେ ସ୍ଥାନରେ ପାନପିକ ପଡ଼ିବାର ଶୁଣି ବଡ଼ ଦୁଃଖିତ ହେଲୁଁ । ବଡ଼ ଭିଡ଼ ହେବରୁ ଠେଲାଠେଲିରେ ଚୌକି କେତେଖଣ୍ଡ ଭାଙ୍ଗିଯିବା ବରଂ ସାମାନ୍ୟ କଥା ହୋଇପାରେ ମାତ୍ର ବସିବାସ୍ଥାନରେ ପାନପିକ ପକାଇବା ନିତାନ୍ତ ଦୂଷଣୀୟ । ଯେଉଁମାନେ ଏତିକି ସଭ୍ୟତା ଶିଖି ନାହାନ୍ତି ସେମାନେ ସ୍ୱଜାତିର କର୍ତ୍ତବ୍ୟ କି ବୁଝିବେ ।

---

## ପ୍ରାଦେଶିକ ସମିତି

ବଡ଼ଦିନର ଦୀର୍ଘଛୁଟିରେ ଯେପରି ଭାରତର ସ୍ଥାନେ ସ୍ଥାନେ ମହାସମିତି ବସିବାର ଦେଖାଯାଏ ସେହିପରି କେତେକ ବର୍ଷ ହେଲା ଗୁଡ଼ଫ୍ରାଇଡେ ପର୍ବର ଦୀର୍ଘଛୁଟିରେ ପ୍ରାଦେଶିକ ସମିତିମାନ ବସିବାର ଆରମ୍ଭ ହୋଇଅଛି । ଗତ ଛୁଟିରେ ମୁରଶିଦାବାଦ ବରହମପୁରରେ ବଙ୍ଗୀୟ ପ୍ରାଦେଶିକ

Digitized by srujanika@gmail.com

ସମିତି, ରାୟପୁର ଠାରେ ମଧ୍ୟପ୍ରଦେଶୀୟ ସମିତି, ବରିଶାଲରେ ମୁସଲମାନ ଜିଲ୍ଲା ସମିତି ଏବଂ ଏଲାହାବାଦରେ ସଂଯୁକ୍ତପ୍ରଦେଶୀୟ ସମିତିମାନ ବସିଥିଲା ପୁଣି ତହିଁସଙ୍ଗେ କେତେ ସ୍ଥାନରେ ସାମାଜିକ ଏବଂ ଥିଓସଫି ନାମକ-ଧର୍ମ ସମ୍ପ୍ରଦାୟର ସଭା ହୋଇଥିଲା । ଭାଗଲପୁରର ଶ୍ରୀଯୁକ୍ତ ଦୀପ-ନାରାୟଣ ସିଂହ, ବରହମପୁରର ଶ୍ରୀଯୁକ୍ତ ଆର, ଏନ, ମୁଧୋଲକାର, ରାୟପୁରର ଶ୍ରୀ ପଣ୍ଡିତ ମତି-ଲାଲ ନେହାରୁ ଏଲାହାବାଦର ଏବଂ ଶ୍ରୀଯୁକ୍ତ ଆର ପି, ଦତ୍ତ ବମ୍ବେର ପ୍ରାଦେଶିକ ସଭାର ସୁରଣ ନବଜିର ସଭାପତି ପଦରେ ବରଣ ହୋ-ଇଥିଲେ । ବରିଶାଲ ମୁସଲମାନ ସଭାର ସଭା-ପତି ହୋଇଥିଲେ ସାଏସ୍ତାବାଦର ନବବେଇଜ-ଆର ମଉଲବି ସୟଦ ମହମ୍ମଦ ହୋସେନ ମୁସଲମାନ ସମିତିରେ ଇସ୍ଲାମ ଧର୍ମ ଏବଂ ଅନାଥ ବାଳକ ବାଳିକାମାନଙ୍କର ସାହାଯ୍ୟ ନିମନ୍ତେ ପ୍ରତି ଜିଲ୍ଲାରେ ଫିଣ୍ଡାପାଣ୍ଠି ସ୍ଥାପିତ ହେବାର ଧାର୍ଯ୍ୟ ହୋଇଥିଲା । ପ୍ରାଦେଶିକ ସମିତି ସମୂହରେ, ଦେଶୀୟ ଲୋକଙ୍କର ଉଚ୍ଚ ରାଜକାର୍ଯ୍ୟରେ ନିୟୋଗ ସ୍ୱଦେଶୀ ଦ୍ରବ୍ୟ ବସ୍ତ୍ରର ସାଧାରଣ ଓ ଶିଳ୍ପାଦି ଶିକ୍ଷାର ବ୍ୟବସ୍ଥା କାର୍ଯ୍ୟ ଓ ବଙ୍ଗର ବଙ୍ଗ-ଶୀୟ ନର୍ମଗୃହଙ୍କର ବନ୍ଦିବତା ଇତ୍ୟାଦି ବିଷୟର ଚର୍ଚ୍ଚା ହୋଇଥିଲା । ଅଧିକା ମଧ୍ୟରେ ବଙ୍ଗ ପ୍ରାଦେଶିକ ସମିତିରେ ବଙ୍ଗ ବିଭାଗ ସମ୍ପର୍କରେ ନଦିଆ ପ୍ରଭୃତି ସ୍ଥାନରେ ଏକପ୍ରକାର ଅସ୍ୱାଚ୍ଛନ୍ଦତା ଘଟିଥିବା ଦେଖି ତହିଁରୁ ରକ୍ଷା ପାଇବା ନିମନ୍ତେ ଗୋଟିଏ ସଂରକ୍ଷଣୀ ପାଣ୍ଠି ସ୍ଥାପନ କରିବାର ପ୍ରସ୍ତାବ ବାବୁ ସୁରେନ୍ଦ୍ରନାଥ ବାନୁର୍ଜୀ କରିଥିଲେ ଏବଂ ତାହା ଗୃହୀତ ହେବା ସଙ୍ଗେ ସଙ୍ଗେ ସେହି ସଭାରେ ୨୬୧୯ ଜଣ ଦେଢ଼ା ସ୍ୱାକ୍ଷର କରିଥି-ଲେ । ଏକଜଣ କୁଲି ଏକଦଳର ମୂଳ ଜଗଦ ଦେଇ ଯଥାର୍ଥ ମନୁଷ୍ୟତା ଦେଖାଇଥିଲା । ସମି-ତିର କାର୍ଯ୍ୟ ନିର୍ବାହର ନିୟମାବଳୀ ସମ୍ପର୍କରେ ଧାର୍ଯ୍ୟ ହେଲା ଯେ ବାର୍ଷିକ ଅଧିବେଶନରେ ଉପସ୍ଥିତ ହେବା ଜଣ ପ୍ରତିନିଧିମାନେ ୫ ଟଙ୍କା ଲେଖାଏଁ ଏବଂ ବାହାରର ପ୍ରତିନିଧିମାନେ ୫ ୧୦ ଟଙ୍କା ଲେଖାଏଁ ଫିସ ଦେବେ । ରାୟପୁର ସମିତିରେ ଶ୍ରୀଯୁକ୍ତ ମୁଧୋଲକାର ସ୍ୱଦେଶୀ ସମ୍ପ-ର୍କରେ କହିଥିଲେ ଯେ ତାହା ଲୋକଙ୍କର କର୍ତ୍ତବ୍ୟ ପରାୟଣତା ଏବଂ ସମ୍ମାନ ରକ୍ଷା ନିମନ୍ତେ ଗ୍ରହଣ କରିବା ଉଚିତ । ତାହା ଗୋଟିଏ ଅତି ଉଚ୍ଚଭାବ ଅଟେ, କୌଣସି ଦଣ୍ଡ ପ୍ରଭୃତି କ୍ଷୁଦ୍ରଭାବଦ୍ୱାରା ତାହାକୁ ଦୂଷିତ କରିବା ଉଚିତ ନୁହେ । ଦେ-ଶର ଲୁପ୍ତ ପ୍ରାୟ ଶିଳ୍ପର ସାହାଯ୍ୟ ନିମନ୍ତେ ଦେ-ଶୀୟ ଦ୍ରବ୍ୟର ମୂଲ୍ୟ କିଛି ଅଧିକ ହେଲେହେଁ ତାହା ବ୍ୟବହାର କରିବା ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଏକତାଆଡ଼େ ସ୍ୱଦେଶର ଉନ୍ନତି କାମ-ନାରେ ତହିଁରେ ପ୍ରବୃତ୍ତ ହେବ ଓ ହିଂସା ସାଧନ ନିମନ୍ତେ ନୁହେ ।

## ମନୋରମା ବର୍ଜ୍ଜନ ।

ଗତ ତା ୯ ରଖର ମନୋରମାରେ ମୟୂର-ଭଞ୍ଜର ସେକ୍ରେଟେରୀଙ୍କର ସ୍ୱାକ୍ଷରିତ ଗୋଟିଏ ଇଂରାଜୀ ନିର୍ଦ୍ଧାରଣ ମୁଦ୍ରିତ ହୋଇଅଛି । ତହିଁରେ ଲେଖାଅଛି କି ଗତ ତା ୧୮ ଓ ୨୫ ରଖର ମନୋରମାରେ ବାମ୍ନାର ଉଚ୍ଚ କର୍ମଚାରୀଙ୍କ ବରୁ-ଦ୍ଧରେ କେତେକ ମିଥ୍ୟା ଓ ଈର୍ଷାପୂର୍ଣ୍ଣ କଥା ପ୍ରକାଶିତ ଏବଂ ବଙ୍ଗାଳି ଓ ଓଡ଼ିଆ ସମ୍ପ୍ରଦାୟ ମଧ୍ୟରେ ମନାନ୍ତର ଜନ୍ମାଇବାର ଚେଷ୍ଟା ହୋଇ-ଅଛି । ସେପ୍ରକାର ଲେଖିବା ସମ୍ପାଦକଙ୍କ ପ୍ରତି ଅନ୍ୟାୟ ଅଟେ । ତାଙ୍କର ଅଧିପତି ( ମହାରାଜା ) ଏପ୍ରକାର ଲେଖା ବାପସନ୍ଦ କରିବାର ନିଦର୍ଶନ ସ୍ୱରୂପ ଆଦେଶ ଦେଇଅଛନ୍ତି କି ଷ୍ଟେଟର କୌଣସି ମହକୁମାର ଅଧ୍ୟକ୍ଷ କୌଣସି ସରକାରୀ ସମ୍ବାଦ ମନୋରମା ସମ୍ପାଦକଙ୍କୁ ଯୋଗାଇବେ ନାହିଁ କିମ୍ବା କୌଣସି ବିଜ୍ଞାପନ ତହିଁରେ ଛପା ହେବା ନିମନ୍ତେ ପଠାଇବେ ନାହିଁ ।

ସହଯୋଗୀ ଏହି ନିର୍ଦ୍ଧାରଣ ପ୍ରକାଶ କରି ସେ ସମ୍ବନ୍ଧରେ ଏକ ଦୀର୍ଘ ମନ୍ତବ୍ୟ ଲେଖିଅଛନ୍ତି ଏବଂ ତହିଁରେ ଲେଖିଅଛନ୍ତି ଯେ ତା ୧୮ ରଖ ଓ ତା ୨୫ ରଖ ମାର୍ଚ୍ଚର କାଗଜରେ ସେ ଯାହା ଲେଖିଅଛନ୍ତି ତାହା ମିଥ୍ୟା ନୁହେ ମାତ୍ର ସୁଲ-ଘୁଭାବରେ ଲେଖାଥିବାରୁ ବିସ୍ତାରିତରୂପେ ଲେ-ଖିବେ । ସେ କଥା ଏବେ ଯେ ସମାସ ଲେଖିଲେ ଶେଷ ହେବାର ନୁହେ । ତଥାପି ବାସ୍ତବରେ ତାହା ଅଭିନୟ କରିବାର ଏବଂ ପାଠକମାନଙ୍କୁ ଧୈର୍ଯ୍ୟାବଲମ୍ବନ କରିବାକୁ କହୁଅଛନ୍ତି । ତାହା-ଙ୍କର କଥା ଶେଷହେବା ପୂର୍ବେ ଅନ୍ୟ ତାହାରି କିଛି ମନ୍ତବ୍ୟ ପ୍ରକାଶ କରିବାର ଦରକାର ନାହିଁ । କିନ୍ତୁ ସେ କଥା ଶୁଣିବା ପୂର୍ବେ ଆମ୍ଭେମାନେ ଜାଣିବାକୁ ଇଚ୍ଛାକରୁଁ ଏହି ନିର୍ଦ୍ଧାରଣ ଲିପିବଦ୍ଧ ପୂର୍ବେ ସହଯୋଗିଙ୍କଠାରୁ ମୟୂରଭଞ୍ଜ ସରକାର ଅଭିଯୋଗ ସମ୍ବନ୍ଧରେ କିଛି ଉତ୍ତର ନେଇଥିଲେ କି ନା ସହଯୋଗୀ ସେ କଥା କିଛି ଲେଖିନାହାନ୍ତି । ଯେବେ ପ୍ରକୃତରେ ଉତ୍ତର ନ ନେଇ ନିର୍ଦ୍ଧା-ରଣଟି ଲେଖା ହୋଇଥାଏ ତେବେ ବୋଲିବାକୁ ହେବ ଯେ ସହଯୋଗିଙ୍କୁ ଆତ୍ମରକ୍ଷାର ସୁଯୋଗ ଦିଆଯାଇ ନାହିଁ ବରଂ ବିଚାରଟା ଏକପାକ୍ଷିକ ଓ ଅସମ୍ପୂର୍ଣ୍ଣ ହେଲାପରି ଜଣା ଯାଉଅଛି । ଏପରି ସହଯୋଗିଙ୍କୁ କ୍ଷମାପ୍ରାର୍ଥନା କରିବାର ଅବକାଶ ନ ଦେବା ଏବଂ ଅଧିକାର ବସାଇବାର ଢାଲ ନିର୍ଣ୍ଣୟ ନ କରିବା ଭଲ ଜଣାଯାଉ ନାହିଁ । ଅବଶ୍ୟ ପତ୍ରିକାର ସଂଶୋଧନ ଅଭିପ୍ରାୟରେ ମହାରାଜା ଏହି ଦଣ୍ଡ ବିଧାନ କରିଅଛନ୍ତି ଏହାବେଳେ ପତ୍ରିକା ଦୂରାଇଦେବା ଅଭିପ୍ରାୟରେ ନୁହେ । ଆମ୍ଭେମାନେ ଏହାକୁ ଏକପ୍ରକାର ନେମିତ୍ତିକ ସସ୍‌ପେଣ୍ଡସନ ମନେ କରୁଁ ଏବଂ ଆଶାକରୁଁ ଯେ ସହଯୋଗୀ ଆତ୍ମସମର୍ଥନର ହେତୁ ଦେଖାଇ ମହାରାଜାଙ୍କର ପୁନର୍ବିଚାର ପ୍ରାର୍ଥନା କରିବେ । ମହାରାଜାଙ୍କର ବିଚାର ସହିତ ମନ୍ତବ୍ୟ ପ୍ରକାଶ କଲେ ତାହା ଠିକ୍ ହୋଇଅଛି କି ନା ଜନସାଧାରଣ ତାହା କହିବାକୁ ସକ୍ଷମ ହେବେ । ଆମ୍ଭମାନଙ୍କର ଶୁଦ୍ଧ-ବିବେଚନାରେ ଏହାହିଁ ସୁସଙ୍ଗତ ବୋଧ ହେଉଅଛି । ବିଚାରକଙ୍କୁ ସ୍ୱତ ଦାୟରେ କହିବୁଲିଲେ କିଛି ଫଳ ନାହିଁ ।

—*—

## ଶସ୍ୟ ସଞ୍ଚୟର ଆବଶ୍ୟକତା ।

ସମ୍ବଲପୁର ହିତୈଷିଣୀ କହନ୍ତି କି ଗଡ଼ଜାତ ଅଞ୍ଚଳରେ ଚାଉଳ ରପ୍ତାନୀ ବନ୍ଦ ହୋଇଥିଲେ ସୁଦ୍ଧା କେତେକ ଗଡ଼ଜାତରୁ ବିଶେଷତଃ ଭାଲଡେରରୁ ଅନଗୁଳର ବାଗୁଡ଼ିଆ ହାଟକୁ ଆମଦାନୀ ହେବାର ଶୁଣିଅଛନ୍ତି । ଦର କ୍ରମେ ବୃଦ୍ଧି ହେଉଥିବାରୁ ଲୋକମାନେ ପଇସାର ଲୋଭ ସମ୍ଭାଳି ନ ପାରି ସ୍ୱଦେଶର ରକ୍ତ ପର ହସ୍ତରେ ପ୍ରଦାନ କରୁଅଛନ୍ତି । ଅତଏବ ସହ-ଯୋଗୀ ଭାଲଡେରାଧିପତି ଏବଂ ଅନ୍ୟାନ୍ୟ ଗଡ଼-ଜାତ ରାଜନ୍ୟବୃନ୍ଦଙ୍କୁ ସ୍ୱ ସ୍ୱ ରାଜ୍ୟରୁ ରପ୍ତାନୀ ବନ୍ଦ କରିବା ବିଷୟରେ ବିଶେଷ ମନୋଯୋଗୀ ହେବାକୁ ଅନୁରୋଧ କରିଅଛନ୍ତି । ସହଯୋଗିଙ୍କ କଥାରୁ ଜଣା ଯାଉଅଛି ଯେ ରାଜନ୍ୟବୃନ୍ଦ ଏ-ବିଷୟରେ ନିଶ୍ଚେଷ୍ଟ ନୁହନ୍ତି ଓ ଦୃଷ୍ଟିକଣା କରିଅ-ଛନ୍ତି ମାତ୍ର ନଡ଼ାଡ଼ିରୂପେ ବନ୍ଦ କରିବା ସହଜ ନୁହେ ଏବଂ ତହିଁରେ ଉଚ୍ଚ ସଙ୍ଗେ ଅନିଷ୍ଟର ମଧ୍ୟ ଆଶଙ୍କା ଅଛି । ଯାହାର ବଳକା ଚାଉଳ ଅଛି ତାହାକୁ ଏ ସମୟରେ ବିକ୍ରୟ କରିବାକୁ ନ ଦେଲେ କ୍ଷତିଗ୍ରସ୍ତ କରିବାକୁ ହେବ ଏବଂ ଏହି ଜଣକ ଉପକାରାର୍ଥେ ଅନ୍ୟଜଣକୁ କ୍ଷତି ସହିବାକୁ ବାଧ୍ୟ କରିବା ରାଜଧର୍ମ ବୋଲିଯାଇ ନ ପାରେ । ଏପରି ଅବସ୍ଥାରେ ରାଜାମାନଙ୍କର ପ୍ରଜାର ହିତାର୍ଥେ ନିଜେ କ୍ଷତି ସହିବାକୁ ପ୍ରସ୍ତୁତ ହେବା ନ୍ୟାୟ ସଙ୍ଗତ ହେଉଅଛି । ରାଜାମାନେ ଯେବେ ହାଟର ଭାଉରେ ସ୍ୱରାଜ୍ୟର ପ୍ରଜାମାନ-ଙ୍କଠାରୁ ଚାଉଳ କିଣି ନେବାକୁ ପ୍ରସ୍ତୁତ ହେବେ ଏବଂ ସ୍ୱରାଜ୍ୟର ବଡ଼ ୨ ମହାଜନଙ୍କୁ କିଣାଇ ଦେବେ ତାହା ହେଲେ ପ୍ରଜାମାନେ ଅନ୍ୟ ଏଲାକାକୁ ବିକିବାକୁ ଯିବେ ନାହିଁ ଓ ଉଚିତ-ଦାରମାନେ ରାଜାଙ୍କର ଓ ମହାଜନମାନଙ୍କର ଗୋଦାମକୁ ପ୍ରୟୋଜନମତେ ଉଚିତ ଦରରେ ଖରିଦ କରିବାର ସୁବିଧା କରିଦେଇପାରିବ ତାହା ହେଲେ ଦେଶର ଚାଉଳ ଦେଶ ମଧ୍ୟରେ ରହିବ ଓ କ୍ରେତା ବିକ୍ରେତା ଉଭୟର ସୁବିଧା ହେବ

Split by PDF Splitter
Digitized by srujanika@gmail.com

ଯେତେବେଳେ ଦେଶର ପ୍ରୟୋଜନରୁ ଅଧିକ ଚାଉଳ ସଞ୍ଚୟ ହେବାର ଅଥବା ଦୁର୍ଭିକ୍ଷକାଳ ଟଳି ଯିବାର ଅନୁମାନ ହେବ ସେତେବେଳେ ବାହାର ଲୋକଙ୍କୁ ବିକ୍ରି କରାଯିବ । ମୂଳକଥା ଦେଶ ମଧ୍ୟରେ ପ୍ରୟୋଜନ ମତେ ଧାନ ଚାଉଳ ସର୍ବଦା ସଞ୍ଚିତ ରଖିବା । ପୂର୍ବେ ରାଜ୍ୟର ନାନା ସ୍ଥାନରେ ରାଜାମାନଙ୍କର ଭଣ୍ଡାରରେ ଅନେକ ଧାନ ସଞ୍ଚିତ ରହୁଥିଲା ଓ ସଙ୍ଗତିପନ୍ନ ବ୍ୟକ୍ତିମାନେ ସେହିପରି ସଞ୍ଚୟ ଯତ୍ନପୂର୍ବକ ରଖୁଥିଲେ । ତେଣୁ ଅନ୍ନ କଷ୍ଟ ଏତେ ପ୍ରବଳ ନ ଥିଲା । ଇଦାନୀଂ ସେ ନିୟମ ଶିଥିଳ ହୋଇଅଛି ଏବଂ ଟଙ୍କା ଲୋଭରେ ଲୋକେ ଆଗ ପଛ ନ ଭାବି ଧାନ ବିକିଦେଉଅଛନ୍ତି ବୋଲି କଷ୍ଟର ପରିମାଣ ବଢ଼ିଅଛି । ବର୍ତ୍ତମାନ ଦୁରବସ୍ଥାରୁ ଉଚିତ ଶିକ୍ଷା କରି ରାଜା ପ୍ରଜା ସମସ୍ତେ ସାବଧାନ ହେବା ଏକାନ୍ତ ବାଞ୍ଛନୀୟ । ଏହି ଉଦ୍ଦେଶ୍ୟରେ ବଙ୍ଗଳାରେ ଅନ୍ନ ସଂରକ୍ଷଣୀ ସଭା ନିକଟରେ ସ୍ଥାପିତ ହୋଇଅଛି । ପ୍ରତି ଗ୍ରାମେ ସଞ୍ଚୟର ବ୍ୟବସ୍ଥା ହେବା ଉଚିତ ଓ ସମ୍ଭବେତ ଚେଷ୍ଟାରେ ତାହା ଅନାୟାସରେ ହୋଇ ପାରେ । ସରକାର ଏହି ଉଦ୍ଦେଶ୍ୟରେ ପରିଷ୍କାର ସାହାଯ୍ୟ ସମିତି ସ୍ଥାପନର ଆଇନ କରିଅଛନ୍ତି ଏବଂ ଲୋକଙ୍କୁ ପ୍ରବର୍ତ୍ତାଇବା ଓ ବାଟ ଦେଖାଇବା ସକାଶେ କର୍ମଚାରୀ ନିଯୁକ୍ତ କରିଅଛନ୍ତି । ରାଜା ଓ ଜମିଦାରମାନେ, ଚେଷ୍ଟା କଲେ ସେ ପ୍ରକାର ସମିତି ଅନେକ ଗଠିତ ହୋଇ ପାରିବ ଏବଂ ସମିତିର ନିୟମରେ ଧାନ୍ୟ ଓ ଟଙ୍କାର କାରବାର ହେଲେ ପ୍ରଜାଙ୍କର ଅଶେଷ ମଙ୍ଗଳ ହେବ ।

---

## ବଙ୍ଗୀୟ ବଜେଟ ସମାଲୋଚନା ।

ଗତ ଶନିବାର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅଧିବେଶନରେ ଚଳିତ ବର୍ଷର ବଜେଟର ବିଚାର ହୋଇଥିଲା । ବେସରକାରୀ ସଭ୍ୟମାନେ ସାଧାରଣସ୍ୱାସ୍ଥ୍ୟ, ଶିକ୍ଷା, ପୁଲିସ, ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟତା, ଦୁର୍ଭିକ୍ଷ ଇତ୍ୟାଦି ବିଷୟରେ ଆପଣା ମନ୍ତବ୍ୟ ପ୍ରକାଶ କରିଥିଲେ । ହିସାବ ସମ୍ବନ୍ଧରେ ସେମାନେ ଯାହା କହିଥିଲେ ସରକାରୀ ବିଶେଷ ବିଭାଗର ଭାରପ୍ରାପ୍ତ ଏକଜିକ୍ୟୁଟିଭ ସଭ୍ୟମାନେ ସେ ସମସ୍ତର ଉତ୍ତର ଦେଇଥିଲେ । ସମସ୍ତଙ୍କର କଥା ଶୁଣି ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସଭାପତି ସ୍ୱରୂପ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁର ସଂକ୍ଷେପ ମର୍ମ ଏଠାରେ ପ୍ରକାଶ କଲୁଁ । ସେ ପ୍ରଥମେ ଚାଉଳ ଦୁର୍ମୂଲ୍ୟର କଥା ଉଲ୍ଲେଖ କରି କହିଲେ କି ଏହା ବାସ୍ତବରେ ଭାବି ଚିନ୍ତାର ବିଷୟ ଅଟେ । ମାତ୍ର ଏ ସମ୍ବନ୍ଧରେ କୌଣସି ନିଶ୍ଚୟ ସିଦ୍ଧାନ୍ତ କର୍ତ୍ତବ୍ୟ ସ୍ଥିର କରିବା ବଡ଼ କଠିନ ବ୍ୟାପାର ବିଶ୍ୱାସ-କରୁଅଛି ଯେବେ ଏବର୍ଷ ସୁବୃଷ୍ଟି ହେବ ତେବେ ଜିନିଷ ଦର ଖସିପଡ଼ିବ । ଏଥିମଧ୍ୟରେ ସରକାର ଯେ ସମସ୍ତ ଅନୁସନ୍ଧାନ କରୁଅଛନ୍ତି ତହିଁରୁ ବିରତ ହେବେ ନାହିଁ ଏବଂ ଯେ କେହି କୌଣସି ଉତ୍ତମ ସମ୍ବାଦ ଏ ବିଷୟରେ ପ୍ରଦାନ କରିବ ତାହା କୃତଜ୍ଞତା ସହିତ ଗ୍ରହଣ କରିବେ । ପରେ ସାଧାରଣ ସ୍ୱାସ୍ଥ୍ୟର ଉଲ୍ଲେଖକରି କହିଲେ କି ଜନସାଧାରଣଙ୍କର ଯୋଗିତା ବିନା ଗବର୍ଣ୍ଣମେଣ୍ଟର ଚେଷ୍ଟା ବିଫଳ ଅଟେ । ସରକାର ବାଟ ଦେଖାଇବେ ଓ ପରାମର୍ଶ ଦେବେ ଏବଂ କେବଳ ଗୁଡ଼ିଏ ବଡ଼ ବଡ଼ କାର୍ଯ୍ୟ ସ୍ୱହସ୍ତରେ ନେବେ ମାତ୍ର ପ୍ରକୃତ ଉନ୍ନତି ସକାଶେ ଲୋକଙ୍କର ଚେଷ୍ଟା ଉପରେ ନିର୍ଭର କରିବେ । ଚିକିତ୍ସାଳୟ, କୁଷ୍ଠାଶ୍ରମ, ଡାକ୍ତର ଓ ଟିକାଦିଆ କର୍ମଚାରୀ ବେତନରେ ସରକାର ଯାହା ଖରଚ କରୁଅଛନ୍ତି ତହିଁ ଉପରେ କଳଯୋଗାଇବା, ଜଳନିର୍ଗମ ନାଳ ପ୍ରସ୍ତୁତ କରିବାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଅଛନ୍ତି । ସୁତରାଂ ଏ ବିଷୟରେ ସରକାର ଅମନୋଯୋଗୀ ଥିବାର ବୋଲାଯାଇ ନ ପାରେ । କଲିକତା ସହରର ଉନ୍ନତି ବିଷୟକ ପ୍ରସ୍ତାବ ଭାରତର ସେକ୍ରେଟେରୀଙ୍କ ନିକଟକୁ ପଠାଯାଇଅଛି ଓ ଶୀଘ୍ର ମଞ୍ଜୁରୀ ଆସିବାର ଓ କାର୍ଯ୍ୟାରମ୍ଭ ହେବାର ଆଶା ଅଛି । ଶିକ୍ଷା ସମ୍ବନ୍ଧରେ ସେ କହିଲେ କି କଲିକତାର ପ୍ରେସିଡେନ୍ସି କଲେଜ ଯେଉଁ ଠାରେ ଅଛି ସେହିଠାରେ ରହିବାର ସ୍ଥିର ହେଲା । ତହିଁର ଉନ୍ନତି ନିମନ୍ତେ ଯାହା କରିବାକୁ ହେବ ସେ ଦାର୍ଜିଲିଂରେ ପହଞ୍ଚିଲେ ବିଚାର କରି ଆଦେଶ ଦେବେ ଓ ସଙ୍ଗେ ସଙ୍ଗେ କାର୍ଯ୍ୟାରମ୍ଭ ହେବ । ସାଧାରଣ ଶିକ୍ଷା ବିସ୍ତାର ଓ ଉନ୍ନତିର ବହୁତ ଉପାୟ ହେଉଅଛି ଓ ନିମ୍ନଶିକ୍ଷା ବିନାବ୍ୟୟରେ ଲୋକଙ୍କୁ ପ୍ରଦାନ କରିବାର ପ୍ରସ୍ତାବ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଅଛି । ଶିଳ୍ପାଦି ଶିକ୍ଷାବିଷୟରେ ସରକାର ଯଥୋଚିତ ମନୋଯୋଗୀ ଅଛନ୍ତି କାରଣ ତହିଁଉପରେ ଦେଶର ଉନ୍ନତି ନିର୍ଭର କରେ । ସରକାର ସାଧ୍ୟମତେ ତହିଁର ବ୍ୟବସ୍ଥା କରୁଅଛନ୍ତି । ଏ ବିଷୟରେ ବେସରକାରୀ ବ୍ୟକ୍ତି ବିଶେଷ ଯତ୍ନବାନ୍ ଥିବାର ଦେଖି ସେ ଆନନ୍ଦିତ ହୋଇଅଛନ୍ତି । ଅମଲାଙ୍କର ବେତନ ବୃଦ୍ଧି କଥା ସରକାର ପରିତ୍ୟାଗ କରିଅଛନ୍ତି ଏମନ୍ତ ବୋଲିବାକୁ ହେବ ନାହିଁ । ଶବିତନ କମିଟିର ରିପୋର୍ଟ ଅନୁସାରେ କାଗଜପତ୍ର ସମସ୍ତ ପ୍ରସ୍ତୁତ ହୋଇଅଛି । କେବଳ ହାଇକୋର୍ଟର ଉତ୍ତର ଆସି ନ ଥିବାରୁ ବିଳମ୍ବ ଘଟିଅଛି । ଏଥିରେ ବିଳମ୍ବ ଘଟିବା ଦୁର୍ଭାଗ୍ୟର କଥା ଅଟେ । ମାତ୍ର ଏଥିମଧ୍ୟରେ ଅନେକ ଅମଲାଙ୍କ ବେତନ ସରକାରମତେ ବଢ଼ାଇ ଦିଆଯାଇଅଛି । ଅବକାରୀ କମିଟିର ରିପୋର୍ଟ ଶୀଘ୍ର ବାହାରିବ ଏବଂ ବିଶ୍ୱାସ କରୁଅଛି ତଦନୁସାରେ ଅବକାରୀ ଏଲେକାର କାର୍ଯ୍ୟପ୍ରଣାଳୀରେ ଯେ ସମସ୍ତ ଦୋଷ ଅଛି ସେ ସମସ୍ତ ସଂଶୋଧିତ ହୋଇଯିବ । ସରକାର ଚତୁର୍ଦ୍ଦିଗ ଦୃଷ୍ଟି କରି ସାବଧାନ ପୂର୍ବକ କାର୍ଯ୍ୟ କରିବେ ମାତ୍ର ମାଦକ ନିବାରଣ ନିମନ୍ତେ ଯେ ସମସ୍ତ ନୀତି ଓ କାର୍ଯ୍ୟର ପ୍ରସ୍ତାବ ହୋଇଅଛି ସେ ସମସ୍ତରେ ତାହାଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । କୃଷିର ଉନ୍ନତି ନିମନ୍ତେ ଯାହା କର୍ତ୍ତବ୍ୟ ଶ୍ରୀଯୁକ୍ତ ଓଲଡ଼ାମ ସାହେବ ବିଶଦରୂପେ ଲେଖିଅଛନ୍ତି ଓ କାର୍ଯ୍ୟାରମ୍ଭରେ ବିଳମ୍ବ ହେବ ନାହିଁ । ମତ୍ସ୍ୟ ବିଷୟରେ ମାନ୍ୟବର ଗୁପ୍ତ ସାହେବଙ୍କର ଅନୁସନ୍ଧାନର ଫଳ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଅଛି ତଦ୍ଦ୍ୱାରା ଏ ପ୍ରଦେଶରେ ମାଛଚାଷର ଅନେକ ସୁବିଧା ହେବ । ଦୁର୍ଭିକ୍ଷର ବ୍ୟୟ ଅଧିକାଂଶ ଭାରତ ଗବର୍ଣ୍ଣମେଣ୍ଟ ଗ୍ରହଣ କରୁଅଛନ୍ତି । ଏଥିପାଇଁ ବାର୍ଷିକ ୨ ଲକ୍ଷ ୭୦ ହଜାର ଟଙ୍କା ଜମାହୋଇ ମୋଟ ୨୫ ଲକ୍ଷ ଟଙ୍କା ଜମା ହେବ ଓ ତହିଁରୁ ପ୍ରତିବର୍ଷ ଦରକାରମତେ ବ୍ୟୟ ହେଉଥିବ । ଅଧିକା ବ୍ୟୟ ହେଲେ ଭାରତ ଗବର୍ଣ୍ଣମେଣ୍ଟ ସେ ବଳକା ବ୍ୟୟର ଅର୍ଦ୍ଧେ ଓ ବିଶେଷସ୍ଥଳେ ତହିଁ ଅଧିକ ପୃଥକ୍‌ରୂପେ ଦାନ କରିବେ । ଅତଏବ ଦୁର୍ଭିକ୍ଷହେତୁ ଆୟ ବ୍ୟୟ ହିସାବରେ ବାଧା ଘଟିବ ନାହିଁ । ବଜେଟ ବାହାରିବା ପୂର୍ବେ ଏବର୍ଷ ବଙ୍ଗୀୟ ସରକାରର ସେକ୍ରେଟେରୀମାନେ କେତେକ ଦେଶୀୟ ଭଦ୍ରଲୋକଙ୍କୁ ଡାକି ପରାମର୍ଶ କରିଥିଲେ । ଏ ନିୟମ ଭଲ ହୋଇଥିବାର ଅବଗତ ହୋଇ ସେ ଆନନ୍ଦିତ ହେଲେ । ଏ ବିଷୟରେ ଆଉ କିଛି କରିବାର ତାହାଙ୍କର ଇଚ୍ଛା ଅଛି ଯଦ୍ଦ୍ୱାରା ଲୋକଙ୍କର ଅଭିପ୍ରାୟ ଅଧିକ ଭଲ ରୂପେ ଜଣାଯିବ । ଏ ପ୍ରଦେଶର ଅଧିକ ପ୍ରତିନିଧି ବ୍ୟବସ୍ଥାପକ ସଭାରେ ଗ୍ରହଣ କରିବାର ତାହାଙ୍କର ଇଚ୍ଛା ଅଛି । ମାତ୍ର ବଡ଼ ଦୁଃଖର ବିଷୟ ଯେ ପାଟନା ଅଥବା ଓଡ଼ିଶା ବିଭାଗର କେହି ପ୍ରତିନିଧି ତାହାଙ୍କର ସଭାରେ ନାହିଁ । ସରକାରୀ ପ୍ରତିନିଧିଦ୍ୱାରା ଏହି ଅସୁବିଧା ନିବାରଣ ନିମନ୍ତେ ସେ ଚିନ୍ତା କରୁଅଛନ୍ତି ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସମ୍ପୂର୍ଣ୍ଣରୂପେ ଏକମତ ଅଟନ୍ତି ।

ମାନ୍ୟବର ସର ଫ୍ରେଜର ବାହାଦୁରଙ୍କର ଉପରିଲିଖିତ କଥାମାନ ବର୍ତ୍ତମାନ କେବଳ ଆଶାପ୍ରଦ ହେଲେହେଁ ସହାନୁଭୂତିପୂର୍ଣ୍ଣ ଅଟେ ଏବଂ ଦେଶୀୟ ସଭ୍ୟଙ୍କର ଉକ୍ତିକୁ ସେ ମନୋଯୋଗପୂର୍ବକ ଶୁଣି ତହିଁର ସଦୁତ୍ତର ଦେବାଦ୍ୱାରା ପ୍ରଶସ୍ତ ହୃଦୟତା ଦେଖାଇ କୃତଜ୍ଞଭାଜନ ହୋଇଅଛନ୍ତି । ଓଡ଼ିଶାରୁ ଜଣେ ସଦସ୍ୟ ଶୀଘ୍ର ନିଯୁକ୍ତ କରିବାର ଇଚ୍ଛା କରୁଅଛନ୍ତି ବଡ଼ ସୁଖର ବିଷୟ ଅଟେ ।

Split by PDF Splitter

Digitized by srujanika@gmail.com

## ପୁସ୍ତକ ପ୍ରାପ୍ତିସ୍ୱୀକାର ।

ପଦ୍ୟାବଳୀ ।—ଶ୍ରୀ ଗୋପୀନାଥ ନନ୍ଦ ଶର୍ମାଙ୍କ ଦ୍ୱାରା ପ୍ରଣୀତ ଓ ପାରଳା ଗଜପତି ପ୍ରେସରେ ପ୍ରକାଶିତ । ଏଥିରେ ସଂସ୍କୃତ ବହୁତ ଗୀତର ଉତ୍କଳ ଅନୁବାଦ ଏବଂ ଦୁର୍ମଦବାଦ ଓ ଚନ୍ଦ୍ରୋଦୟ ଏପରି ଅନେକ ଗୋଟି କବିତା ପ୍ରକାଶିତ ହୋଇଅଛି । ପୁସ୍ତକଟି ପଢ଼ି କବିଙ୍କର ଲେଖିବାରେ ଶକ୍ତି ଥିବାର ସ୍ପଷ୍ଟ ଜଣାଯାଏ । ବାସ୍ତବରେ ଏଥିରେ ଓଡ଼ିଆ ଛନ୍ଦରେ ଓଡ଼ିଆ ଅନୁବାଦ ଲେଖକଙ୍କର ଓଡ଼ିଆ ମେଘଦୂତ ସଙ୍ଗେ ମିଳାଇ ଦେଖିଲେ ଦୁହେଁ ଜଣଙ୍କର ଲେଖା ବୋଲି କଦାପି ବିଶ୍ୱାସ ହେବ ନାହିଁ ।

କଟକ ବିଜୟ ।—ଶ୍ରୀ ଭଗବାନଚରଣ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓ ଉତ୍କଳସାହିତ୍ୟ ପ୍ରେସରେ ପ୍ରକାଶିତ । ଇଂରାଜମାନେ ଦକ୍ଷିଣାଞ୍ଚଳରୁ ଆସି ଓଡ଼ିଶାର ପ୍ରଧାନନଗର କଟକକୁ କିପରି ନେବା ବିଷୟ ନାଟକାକାରରେ ଏଥିରେ ବର୍ଣ୍ଣିତ ହୋଇଅଛି । ବିଷୟଟି ନାଟକୋଚିତ ନୋହିଲେହେଁ ଲେଖକ ତାହାକୁ ନାଟକର ରୂପ ପ୍ରଦାନ କରିବାକୁ ଚେଷ୍ଟାରେ ତ୍ରୁଟି କରି ନାହାନ୍ତି ଏବଂ ସ୍ଥାନେ ସ୍ଥାନେ ରଚନା ମାଧୁର୍ଯ୍ୟ ମଧ୍ୟ ଅଛି । ତେବେ ଛନ୍ଦଟା ପଢ଼ିବାକୁ କେମନ୍ତ ଅଡୁଆ ଲାଗିଲା । ଓଡ଼ିଆରେ ଏତେ ଅମିତ୍ରାକ୍ଷର ଛନ୍ଦର ଅଭ୍ୟାସ ନାହିଁ ରେ ପୁଣି ଛତ୍ର ଛତ୍ର ଅମିତ୍ରାକ୍ଷରର ପଦ୍ୟ ପଢ଼ିବାକୁ ବଡ଼ କଦର୍ଯ୍ୟ । ଗୀତ ଗୁଡ଼ିକର ରାଗିଣୀ ଓ ତାଳ ପ୍ରଭୃତି ଦିଆ ଯାଇ ନାହିଁ । ବୋଧହୁଏ ଯାହାର ଯେମନ୍ତ ଇଚ୍ଛା ତେମନ୍ତ ଗାଇଥିବା ଲେଖକଙ୍କର ଅଭିପ୍ରାୟ । ପଞ୍ଚମ ଅଙ୍କର ଦ୍ୱିତୀୟ ଦୃଶ୍ୟ ଲେଖକଙ୍କର ରଙ୍ଗମଞ୍ଚ ସମ୍ବନ୍ଧୀୟ ଅନଭିଜ୍ଞତା ଦେଖାଇ ଦେଉଅଛି । ମହାପାତ୍ର ରମା ଓ ମଧୁ ନେପଥ୍ୟରେ ଶୋଇଥିବାବେଳେ ଗୋବିନ୍ଦା ଦ୍ୱାରଦ୍ୱାରରେ ହାତ ମାରି ଡାକନ୍ତେ ବେଳେ ଭିତରରୁ ମହାପାତ୍ର ପ୍ରଭୃତି ଯେଉଁ ଉତ୍ତର ଦେଲେ ତାହା ନେପଥ୍ୟ ବୋଲି ନ ଲେଖି ମହାପାତ୍ର ପ୍ରଭୃତି ବୋଲି ଲେଖା ଯାଇଅଛି । ଲେଖକ ଯେ ନାଟକ ଲେଖି ଆଦୌ କୃତକାର୍ଯ୍ୟ ହୋଇ ନାହାନ୍ତି ଏହା ଅମ୍ଭେମାନେ କହି ନ ପାରୁଁ । ଏହା ତାଙ୍କର ପ୍ରଥମ ଉଦ୍ୟମ ଏବଂ ପ୍ରଥମ ଉଦ୍ୟମରେ ନାଟକରେ ନାନା ରସର ଅବତାରଣା କରିବାରେ ଅନେକାଂଶରେ ସଫଳ ହୋଇଅଛନ୍ତି । ରଙ୍ଗମଞ୍ଚ ଓ ସଙ୍ଗୀତରେ ପରିଶ୍ରମ କରି ନାଟକ ଲେଖିବାକୁ ଶ୍ରମ କଲେ ଲେଖକ ସଫଳକାମ ହୋଇ ପାରିବାର ଆଶା ହୁଏ । ସଙ୍ଗୀତ ବଡ଼ କଠିନ ବିଦ୍ୟା ଏବଂ ସଙ୍ଗୀତ ନାଟକର ଗୋଟିଏ ପ୍ରଧାନ ଅଙ୍ଗ । ଯାହାର ତହିଁରେ ଅଦୌ ଶ୍ରମ ନାହିଁ ତାହାର ନାଟକ ଲେଖିବା ବିଡ଼ମ୍ବନା ମାତ୍ର ।

ପାରସ୍ୟ ଉପନ୍ୟାସ (ପ୍ରଥମ ଖଣ୍ଡ) ।—ମୌଲବୀ ସୈୟଦ୍ ଅବଦୁଲ ଜଲିଲ କର୍ତ୍ତୃକ ଅନୁବାଦିତ ଓ ଅରୁଣୋଦୟ ପ୍ରେସରେ ପ୍ରକାଶିତ । ପାରସୀ ଭାଷାରେ ପାରସ୍ୟ ଉପନ୍ୟାସ ଅଛି ଏବଂ ତାହା ପଢ଼ିବାକୁ ଅତ୍ୟନ୍ତ ମନୋହର । ଆରବ୍ୟ ଉପନ୍ୟାସପରି ଅତୀବ ମନୋମୁଗ୍ଧକର ନ ହେଲେହେଁ ପାରସ୍ୟ ଉପନ୍ୟାସରେ ଯେ ଅନେକ ସ୍ଥାନରେ ମନ ଭୁଲିଯିବ ଏଥିରେ ସନ୍ଦେହ ନାହିଁ । ମୌଲବୀ ସାହେବ ମୁସଲମାନ ହେଲେହେଁ ଉତ୍କଳ ଭାଷାରେ ତାଙ୍କର ବିଶେଷ ପରିଶ୍ରମ ଥିବା ଏହି ପୁସ୍ତକରୁ ସୁନ୍ଦର ରୂପେ ଜଣା ଯାଉଅଛି । କେତେକ ସ୍ଥାନରେ ଯେ କବିତାମାନ ଦିଆଯାଇଅଛି ସେ ଗୁଡ଼ିକ ମଧ୍ୟ ପଢ଼ିବାକୁ ମନୋହର ହୋଇଅଛି । ପ୍ରକୃତରେ ବିଶଦ ଓଡ଼ିଆ ଲେଖିବାରେ ଲେଖକ ଯେଉଁ କୃତୀତ୍ୱ ଦେଖାଇ ଅଛନ୍ତି ତାହା ଅନେକ ଓଡ଼ିଆ ପାରିବେ ନ ନାହିଁ ସନ୍ଦେହ । 'ହାତେମ୍' 'ମିଷ୍ଟ ସ୍ତ୍ରୀ' 'ଟେରପାଇ' ପ୍ରଭୃତି କେତେଗୁଡ଼ିଏ ବଙ୍ଗଳାଳିଆ ପୁସ୍ତକରେ ରହି ଯାଇଅଛି ଏବ ଲେଖକ ଶ୍ରମସ୍ୱୀକାର କଲେ ତହିଁର ଓଡ଼ିଆ ଶବ୍ଦରେ ପାଠ ଦ୍ୱିତୀୟ ସଂସ୍କରଣରେ ପୁସ୍ତକଟିକୁ ନିର୍ଦ୍ଦୋଷ କରିଦେବେ । ପୁସ୍ତକଟି ବୃହତ୍ ଏବଂ ଏହାବେଳକେ ପ୍ରକାଶ କଲେ ମୂଲ୍ୟ ଅଧିକ ଏବଂ ଖର୍ଚ୍ଚ ଅସହ୍ୟ ହେବା ଭୟରେ ଲେଖକ ଖଣ୍ଡ ଖଣ୍ଡ କରି ପ୍ରକାଶ କରୁଅଛନ୍ତି । ଆଉ ପ୍ରଥମ ଖଣ୍ଡ ସର୍ବସାଧାରଣରେ ଆଦରଣୀୟ ହେଲେ ଅପର ଖଣ୍ଡମାନ ପ୍ରକାଶ କରିବାର ଲେଖିଅଛନ୍ତି । ଅମ୍ଭେମାନେ ଭରସା କରୁଁ ଉତ୍କଳବାସୀମାନେ ଏଥିର ଖଣ୍ଡେ ଖଣ୍ଡେ କିଣି ଲେଖକଙ୍କୁ ଉତ୍ସାହ ପ୍ରଦାନ କରିବା ସଙ୍ଗେ ଆପଣାର ମାତୃଭାଷା ପ୍ରତି ପ୍ରେମ ଓ ଭକ୍ତିର ପରିଚୟ ପ୍ରଦାନ କରିବେ ।

ଗଜଶାସ୍ତ୍ର ।—ମୁକ୍ତିଗଜ ଶ୍ରୀ ବୀର ବିକ୍ରମଦେବ ଗଜପତିଙ୍କ ଦ୍ୱାରା ସଙ୍କଳିତ ଓ ପ୍ରକାଶିତ । ଏଥିରେ ହିନ୍ଦୀ ଭାଷାରେ ନାଗରାକ୍ଷରରେ ହାତୀ ଧରିବା ପ୍ରଥା ଏବଂ ହାତୀର ଅବସ୍ଥା ସମ୍ବନ୍ଧୀୟ ନାନାପ୍ରକାର ଔଷଧାଦିର ବ୍ୟବସ୍ଥା ପ୍ରଭୃତି ଲେଖା ହୋଇଅଛି । ଯୁବରାଜ ଏତେ ସ୍ୱଳ୍ପ ବୟସରେ ପୁଣି ସୁଶିକ୍ଷିତ । ତାଙ୍କ ଦ୍ୱାରା ଏହା ପ୍ରକାଶିତ ହେବାହେତୁ ହାତୀ ସମ୍ବନ୍ଧୀୟ ଅବଶ୍ୟ ଜ୍ଞାତବ୍ୟ ସମୁଦାୟ ବିଷୟ ଏଥିରେ ଯେ ସନ୍ନିବିଷ୍ଟ ହୋଇଅଛି ତହିଁରେ ସନ୍ଦେହ ନାହିଁ । ଅମ୍ଭେମାନେ ଭରସା କରୁଁ ସମସ୍ତ ରାଜା ଏବଂ ହାତୀର ଅଧିକାରୀମାନେ ଏହା ବ୍ୟବହାର କରିବେ ଏବଂ ସମୁଦାୟ ଭାରତବର୍ଷରେ ଏହା ଚଳିପାରିବା ପ୍ରତି ଦୃଷ୍ଟି ରଖି ଯୁବରାଜ ମହାଶୟ ଏହାକୁ ନାଗରାକ୍ଷରରେ ମୁଦ୍ରିତ କରାଇ ଅଛନ୍ତି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଡେଃ କଲେକ୍ଟର ଏବଂ ଡେଃ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ଜ୍ଞାନେନ୍ଦ୍ର କୁମାର ଘୋଷ ଚୌଧୁରୀ କଟକର ସଦର ମହକୁମାରେ ଅବସ୍ଥାପିତ ହେଲେ ଓ ୩ ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ବର୍ତ୍ତମାନ ବଙ୍ଗଳାର ପୁଲିସ ଡେଃ ଇନ୍ସପେକ୍ଟର ଜେନେରଲ ଶ୍ରୀଯୁକ୍ତ ଏଃ ଏଃ ଟେଟ ସିଃ ଆଇ ଇ ଅନ୍ୟ ଆଦେଶ ପର୍ଯ୍ୟନ୍ତ ପୁଲିସ ବଙ୍ଗଳାର ଇନ୍ସପେକ୍ଟର ଜେନେରଲ ପଦରେ ନିଯୁକ୍ତ ହେଲେ ।

କଟକ ମେଡିକେଲ ସ୍କୁଲର ଶିକ୍ଷକ ଶ୍ରୀଯୁକ୍ତ ବାବୁ [illegible] ସପ୍ତମବର୍ଷୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ହେତୁ ୨ ୟ ଗ୍ରେଡ଼ ଉନ୍ନତି ପାଇଲେ ।

ବାଲେଶ୍ୱର ଜିଲ୍ଲାର ସ୍କୁଲ ସମୂହର ଡେଃ ଇନ୍ସପେକ୍ଟର ଶ୍ରୀଯୁକ୍ତ ବାବୁ ଦେବୀସିଂହ ମିଶ୍ର କଃ ୧ ଗଡ଼ଜାତ ମହଲର ସ୍କୁଲ ସମୂହର ଡେଃ ଇନ୍ସପେକ୍ଟର ପଦରେ ନିଯୁକ୍ତ ହେଲେ ।

କଟକ ସ୍କୁଲ ସମୂହର ଡେଃ ଇନ୍ସପେକ୍ଟର ଶ୍ରୀଯୁକ୍ତ ବାବୁ ରମାନାଥ ଦାସ ବାଲେଶ୍ୱର ଜିଲ୍ଲାର ସ୍କୁଲ ସମୂହର ଡେଃ ଇନ୍ସପେକ୍ଟର ପଦରେ ନିଯୁକ୍ତ ହେଲେ ।

କଟକ ସ୍କୁଲ ସମୂହର ଅସ୍ଥାୟୀ ଡେଃ ଇନ୍ସପେକ୍ଟର ଶ୍ରୀଯୁକ୍ତ ବାବୁ ନାରାୟଣ ପ୍ରସାଦ ମହାନ୍ତି [illegible] କାର୍ଯ୍ୟରେ ବାହାଲ ହେଲେ ।

ପୁରୀ ସ୍କୁଲ ସମୂହର ଅସ୍ଥାୟୀ ଡେଃ ଇନ୍ସପେକ୍ଟର ଶ୍ରୀଯୁକ୍ତ ବାବୁ ଜଗନ୍ନାଥ ଦାସ ଏକବର୍ଷ ନିମନ୍ତେ ପୁରୀ ସ୍କୁଲ ସମୂହର ଡେଃ ଇନ୍ସପେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱର ମିଉନିସିପାଲିଟିର ଭାଇସ ଚେୟାରମ୍ୟାନ ପଦରେ ବାବୁ [illegible] ନିର୍ବାଚିତ ହେଲେ ।

---

## ସ୍ଥାନୀୟ ସମ୍ବାଦ ।

ଆଗାମୀ ସୋମବାର ଦିବସଠାରୁ ଏଠା [illegible] କଲେଜର ଗ୍ରୀଷ୍ମାବକାଶ ଆରମ୍ଭ ହେବ ।

ଏ ସପ୍ତାହରେ ବସନ୍ତ ରୋଗରେ [illegible] ଜଣ ଆକ୍ରାନ୍ତ ଓ ଜଣେ ମୃତ୍ୟୁ ହୋଇଅଛି ।

ଗତ ବୁଧବାର ଓ ଗୁରୁବାର ସନ୍ଧ୍ୟାବେଳେ ଏ ନଗରରେ [illegible] ହୋଇଥିଲା । ଦକ୍ଷିଣ ଓ ପଶ୍ଚିମଆଡ଼େ ବୃଷ୍ଟି ହେବାର ଜଣାଯାଏ ।

ଏଠାରେ [illegible] ସୋମବାର [illegible] ହୋଇଅଛି । [illegible] ହୋଇଅଛି ।

Digitized by srujanika@gmail.com

ଅଦ୍ୟ ସାୟଂକାଳ ୭ ଘଣ୍ଟା ସମୟରେ ଏଠା ଟାଉନ ହାଇସ୍କୁଲ ଗୃହରେ ଉତ୍କଳ-ସାହିତ୍ୟ-ସମାଜର ଚତୁର୍ଥ ସାମ୍ବତ୍ସରିକ ଅଧିବେଶନ ହେବ । ଶ୍ରୀଯୁକ୍ତ ମଧୁସୂଦନ ରାଓ ସଭାପତିର ଆସନ ଗ୍ରହଣ କରିବେ ଏବଂ ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି ବି, ଏ, "ଜାତୀୟ ସାହିତ୍ୟ ଓ ଆମ୍ଭମାନଙ୍କ କର୍ତ୍ତବ୍ୟ" ଏହି ବିଷୟରେ ପ୍ରବନ୍ଧ ପାଠ କରିବେ ।

ଆଗାମୀ କଲ୍ୟ ରବିବାର ଅପରାହ୍ନ ୪॥ ଘଣ୍ଟା ସମୟରେ ଉକ୍ତ ସ୍ଥାନରେ ଉକ୍ତ ସାହିତ୍ୟ ସମାଜର ଦ୍ୱିତୀୟ ସାମ୍ବତ୍ସରିକ ଅଧିବେଶନ ହେବ । ବଣାଇଗଡ଼ର ଟିକାୟତ ରାଜକୁମାର ଶ୍ରୀଯୁକ୍ତ ନୃସିଂହଦେବ ବର୍ମ୍ମା ସଭାପତିର ଆସନ ଗ୍ରହଣ କରିବେ ଏବଂ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି, ଏଲ, "ହିନ୍ଦୁ ସମାଜର ଆଧୁନିକ ଗତି" ଏହି ବିଷୟରେ ପ୍ରବନ୍ଧ ପାଠ କରିବେ ।

ବଙ୍ଗ ନାଗପୁର ରେଲୱେର ପଶ୍ଚିମ ଅଞ୍ଚଳର କୌଣସି ବାକ୍ସ ରେଲ ଗାଡ଼ିରୁ ଷ୍ଟେସନ ଯାଇଥିବା ଓ ଯହିଁରେ ନୋଟ ଅଳଙ୍କାର ମୋହର ଓ ଟଙ୍କା ମିଶି ଟ ୬୩୦ (ଦୁଇ ଶହ ତିରିଶ) ଟଙ୍କା ଥିଲା, ଜଣେ ପିଅନ ରେଲୱେ ଗାର୍ଡ଼ ଯେ, ତାହାଙ୍କୁ ଚୋରି କରିବା ଅଭିଯୋଗରେ ଧରା ପଡ଼ିଅଛି । ଅଳଙ୍କାର ସମସ୍ତ ଫେରିଅଛି ଓ ପ୍ରାୟ ୮୦୦୦ (ଆଠ ହଜାର) ଟଙ୍କା ଓ ବାକି ନୋଟ ଜଗନ୍ନାଥ ଖରଚ କରିଥିବାର ସେ କହିଅଛି । ଏ ବିଷୟ ତଦନ୍ତ ଶେଷ ହୋଇନାହିଁ ।—ଷ୍ଟେଃ ଏଃ

ଷ୍ଟ୍ରେଲିୟର ଥାନା ଇଲାକା ଦେଶିୟମାନଙ୍କ କରୁଣାପାତ୍ର ଦେଖି ଜଣ୍ଡୀ ବାଟରେ ଗତ ସପ୍ତାହର ଅତି ଅଧିକ ଗଡ଼ ଢେଉରେ ଗଛ ଉଠିଅଛି ତହିଁ ମଧ୍ୟରୁ କୌଣସି ଜଣଙ୍କର ବହିଲ ହୋଇ ଗୋ ୩ ଟି ଅସ୍ତ୍ର ପାଇଅଛନ୍ତି ।

। ତା । ଉର୍ତ୍ତିଣୀ ସାଲବଙ୍କ ନିଜ ଘରର ସ୍ତ୍ରୀ ଗର୍ଭରୁ ଗୋ ୩ ଟି ସନ୍ତାନ ଜନ୍ମ ହୋଇଅଛନ୍ତି ।

ଦେବୀଗଡ଼ ଇଲାକା ବାହାଡ଼ର ଦେବ ଲକ୍ଷ୍ମୀନ ଓ ଉମେଲମଡକ ସ୍ଥଳରେ ଗୋଟିଏ ସ୍ତ୍ରୀ ପ୍ରତି ବଳାତ୍କାର କରିଥିବା ଅପରାଧରେ ଗ୍ରେପ୍ତାର ହୋଇ ହାଜତରେ ଅଛନ୍ତି ।

ଲକ୍ଷ୍ମ ଓ ମଧ୍ୟପ୍ରଦେଶର ନାନା ସ୍ଥାନରେ ଏ ସପ୍ତାହରେ ବହୁ ଅଧିକ ପରିମାଣରେ ବୃଷ୍ଟି ହୋଇଥିବାର ଜଣାଯାଏ, ଏହା ଅସାମୟିକ ବୃଷ୍ଟି ଅଟେ । ଏକ ସ୍ଥାନରେ ଏକ ଇଞ୍ଚ ଓ ତହିଁରୁ ଅଧିକ ଜଳ ପଡ଼ିଅଛି ।

ମୟୂରଭଞ୍ଜର ଦେବାନ ଶ୍ରୀହ ମାହାଲରେ ହୁଇଡ଼ହଳ ନାଶ ଜନି ଗ୍ରହଣ କରିବାର ଏସୁଷ୍ଟେଟ ଖଣ୍ଡୋରମାନରେ ପ୍ରକାଶ ହୋଇଅଛି । ସେହି ଜନି ପ୍ରକୃତରେ ଦେବାନଙ୍କ ସହଧର୍ମିଣୀ ଶ୍ରୀମତୀ ସୌଦାମିନୀ ଦେବୀଙ୍କ ନାମରେ ଲେଖାଯାଇଅଛି । ଏଥିରୁ ସହଜରେ ଜଣାଯାଏ ଯେ ମୟୂରଭଞ୍ଜ ଆଇନ ଅନୁସାରେ ସେହି ମାହାଲର କୌଣସି ଭଗ୍ନପଦସ୍ଥ କର୍ମ୍ମଚାରୀ ଜମି ସତ୍ତ୍ୱ ନେବାର ନିୟମ ନାହିଁ ।—ମଃ

ମୟୂରଭଞ୍ଜର ଲୁଣସ୍ୱକ ମାନେଜରର ଭ୍ରାତା ସହଦେବଙ୍କର ମୃତ୍ୟୁସମ୍ବାଦ ପାଇ ଗତ ତା ୨୦ ଦିନରେ ମୟୂରଭଞ୍ଜର ସମସ୍ତ ଅଫିସ ବନ୍ଦ ହୋଇଥିଲା । ସାହେବ ମହୋଦୟ ବଡ଼ ପ୍ରଜାପ୍ରିୟ ଥିଲେ ଏବଂ ସେ ବହୁତ ଅନେକ ଉନ୍ନତି କରିଥିଲେ ।

ଭଦ୍ରକର ଏକ ବ୍ରାହ୍ମଣ ଆପଣାର ପୋଷ୍ୟପୁତ୍ରଙ୍କୁ ଜନ୍ମସ୍ଥାନ ବୋଲି ଦଖଲ ଦେଇଅଛି । ଏହା ମାଲବନ୍ଦୁକ ବୋଲି ଜାତିଭାଇମାନଙ୍କ ସମାଜ ନ ଦେଇ ବନ୍ଦ କରିଛନ୍ତି । ପୋଷ୍ୟପୁତ୍ର ମାନଙ୍କ ଭିତରେ ସ୍ୱଜାତି ସମାଜ ବୋଧ ହୁଏ ।—ଦ୍ୱିଃ ବାଃ

ଢେଙ୍କାନାଳ ସମ୍ବାଦ ।

ଏ ଅଞ୍ଚଳରେ ବାଘମାନଙ୍କ ଉପଦ୍ରବ ଅଧିକ ଦେଖାଯାଇଅଛି, ପ୍ରାୟ ପ୍ରତ୍ୟେକ ଗ୍ରାମରେ ପିଲମାନେ ଏ ଦୁଃଖରେ ଅନାଥ ହୋଇ କଷ୍ଟ ପାଇଅଛନ୍ତି ।

ଗତ ତା ୮ ଦିନ ହଜମକାରଠାରୁ ... ଠେକ ସହାନୁଭୂତି ହେଉଅଛି ।

ଏହି ଥାନାର ପୁଲିସ ଦାରୋଗା ମହେଶ୍ୱର ସାହୁ ଏକ ବଣିଆ ଘରେ ଦୁଃଖରେ ପଡ଼ି ଦେହରେ ପୋଷାକଟା ଅପହରଣ କରି ବିଚାରରେ ଅର୍ଥ ଲଗାଇ ଦେଇ ଗୃହ-ଗତ । ବର୍ତ୍ତମାନ ଥାନାର କନଷ୍ଟେବଲ ସେହି ବାଟେ ଗଲେ ପ୍ରଭୃତି ଲୁଗାପୋଟଳା ଗଦା ପାଇ ସ୍ୱହସ୍ତରେ ନିଜ ଭାବରେ ସବୁ କଣାପଡ଼ିଲା । ସର୍ବେ ସୁଖଶ ମହେଶ୍ୱର ସାହୁ ପର ଶାନ୍ତଜନଙ୍କି ମାନ ବାହାର କରି ସୁଖଶ ଅସାମୀ ଗ୍ରହଣ ଦେବାରୁ ସୁତୁଷ୍ଟ ହୋଇଅଛି ଏବଂ ଷ୍ଟେସନବାସୀଙ୍କର ଉପ ସ୍ତୁତି ।

ସାଧାରଣ ସମ୍ବାଦ ।

କର୍ଣ୍ଣାଲ ଜିଲ୍ଲାର କଣେ ବ୍ରାହ୍ମଣର ଶେଷରେ ସ୍ତ୍ରୀ ଦେହ ଦଶ ଶାଢ଼ି ଚୁରିବା ଅପରାଧରେ ସ୍ତ୍ରୀ ଏକ ଗୋଟି ଶୁଣ ଏବଂ ଗୋଟିଏ ଜହ୍ନ ମାତ୍ର ସକାଳ ସ୍ନାନ ଅଧିକାର ଜଗୁଥିଲା । କି ଭୟଙ୍କର !

ରାଓଲପିଣ୍ଡିଠାରେ ଭୂମି କମ୍ପ ହୋଇ ତ୍ରିଶ ସମୁଦାୟ ଘର ଭଙ୍ଗି ପଡ଼ିଅଛି ଏବଂ ତ ୮ ଶ ଲୋକ ମରି ଗଲେ ବୋଲି କହଗ ହୁଏ । ଭଙ୍ଗି ଯାଇଥିବା ଘରର ସଂଖ୍ୟା ୪୫୦୦ ଅଟେ ।

ପଶ୍ଚିମ ଅଫ୍ରିକାରେ ଫରାସୀମାନେ ଇଂରେଜ ରମଣୀଙ୍କି ଅପମାନ କରିବା ହେତୁ ବେଜେନ ଇଂରେଜ ଭାଇ କଣ୍ଠଘାତ କରିବାରୁ ସେମାନଙ୍କ ବାହିନୀ ରଥଯାଇ ଥିବାର ସମ୍ବାଦ ମିଳିଲା । ଏ ବେଳେ କଲହରେ ଗୁରୁତ ଅବିଳମ୍ବ ପଡ଼ିଅଛି ।

ଉତ୍ତର ପଶ୍ଚିମ ସୀମାନ୍ତର ପ୍ରଧାନ କମିଶନରଙ୍କ ବଦଳି ହେବାର ଉପଲକ୍ଷରେ କାବୁଲର ଅମୀର ଗୋଟିଏ ଘୋଡ଼ା ଉପଢୌକନ ଦେଇଥିବାର ସମ୍ବାଦ ମିଳିଲା ।—ହିଃ ପତ୍ରିଃ !

ହରିଦ୍ୱାରରେ ଜଣେ ଅଶୀ ବର୍ଷୀୟା ଗୋଟିଏ ବୃଦ୍ଧା ବାଘୁଣୀ ହୋଇ ଭକ୍ତଙ୍କ ଦେଶରେ ବଜାରରେ ବୁଲୁଥିବା ସମୟରେ ସୁଲକ୍ଷଣ କର୍ତ୍ତୃକ ଧରା ହୋଇଅଛି ।

ଗତ ମାର୍ଚ୍ଚ ମାସରେ ପଞ୍ଜାବରେ ପ୍ଲେଗରେ ମରିବା ହାରଣ ଜ ୪୫୧୬୪ ଶ ଯାଇଥିଲେ । ସେହି ମାସରେ ତ ୧୨ ଜ ଯାବତ ଲୋକ ଏଥିରୁ ଅଧିକ ହାରହାର ବର୍ଷକ ତ ୨୦୬ ଶ ପଡ଼ିଅଛି ।

ଅହମଦ ସେନ୍ସରବର୍ଗ କଲେଜରେ ବହୁ ଥିବା ଜଣେ ସାହେବ ଦିନ ଗୋଟିଏ ବହୁତ ଦେଖୁଥିବା ସମୟରେ ତ ଥା ଘରେ ହୋଇ ଯିବାରୁ ଅତି ଗୋଟିଏ ସାହେବ ଦିନ ତହିଁରେ ପ୍ରାଣ ବୁଡ଼ିଥିବାର ସମ୍ବାଦ ମିଳିଲା ।

ଗତ ମାସ ତା ୩ ରଖ ଦିନ ଶିଶୁଗୋବିନ୍ଦଠାରେ ଜଣେ ମୁସଲମାନ ଇନ୍ସପେକ୍ଟର ପରିବାରରେ ପ୍ଲେଗସାଗର, ବଡ ଛୁଟି ବ ଗ୍ରାମ ଘରେ ଏକ ବମ ପଡ଼ିଲା ଥିବାରୁ ତାହା ଖୋଲିବା ସମୟରେ ବମ ଫାଟି ଇନ୍ସପେକ୍ଟର ମରି ଯାଇଅଛନ୍ତି ଓ ତାଙ୍କର ଭାଇ ପୋଲିସରେ ଯେ ମଧ୍ୟ ମରଣାସନ୍ନ ଅବସ୍ଥାରେ ପଡ଼ିଅଛି । ଅସାମୀର ସନ୍ଧାନ ଅଦ୍ୟାପି ମିଳି ନାହିଁ ।

ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଚିନ୍ତାମଣି ସ୍ୱାଇଁ ବଢ଼ିଳ ମାଣ୍ଡବିଆ ଚିଠାର ଲୋକଙ୍କର ଜାଣିବା କଥା ଓ ବାବୁ ଚିନ୍ତାମଣି ପଟ୍ଟନାୟକଙ୍କ ସ୍ତ୍ରୀ ପାଳପଦ୍ମାଙ୍କର ୮ ୦ ବର୍ଷ ବୟସରେ ମୃତ୍ୟୁରେ ଶୋକପ୍ରକାଶ କରିଅଛନ୍ତି । ସେ କବିଗୋପାଳ ପୁସ୍ତକ ରଚନା କରି ଛପାଇଥିଲେ ଓ ଲେଖକ ଜଣ ହୋଇ ନାହିଁ ସେ ଯେପରି ସଚ୍ଚରିତ୍ରା ଓ ପ୍ରେମ ପୁଣ୍ୟବତୀ ଥିଲେ ।

ଉଣ୍ଡାଇବ ପର୍ଣ୍ଣଲ—ସୁଦ ଶ୍ରୀ ପାଧାହାନ୍ତ ମଠକ । ଗତ ବୋଲପାଟା ସମୟରେ ଶ ୩ ଜ ଦର ଏସଂଗ୍ରଳ ମର୍ଦ୍ଦନ ପ୍ରମାଣରୂପେ ହୋଇଥିବାର ଦସ୍ତାବଳ ବିବରଣ ଦେଇ-ଅଛନ୍ତି । ଉତ୍ତମ

ଶ୍ରୀ ହରିହର ପଣ୍ଡା—ଓଡ଼ିଆ ଓ ଇଂରେଜୀରେ ବଙ୍ଗଳା ଶିକ୍ଷାଦେବା ଦୋଷ ବୋଲିଥାଉ ନ ପାରେ । ପୁଣି ବଙ୍ଗଳା ଗବର୍ଣ୍ଣମେଣ୍ଟର ଶାସନାଧୀନରେ ଥାଇ ବଙ୍ଗଳା ଜାଣିବା ଭଲ । ସଂସ୍କୃତ ଶିକ୍ଷା ପ୍ରଭାବଧି ପଞ୍ଚାଙ୍ଗ୍ରହଙ୍କରୁ ପଣ୍ଡିତ କରିବାର ସ୍ୱତନ୍ତ୍ର ପ୍ରୟୋଜନ ହୋଇ ନାହିଁ ।

ଶ୍ରୀ —ଜ ମ ଧାମ ତ ସଭର ଅଭବ ହେତୁ ପତ୍ରାହୀ ।

ଶ୍ରୀ ମହାଦେବ ମିଶ୍ର—ଅଶୁଦ୍ଧ ଗୁହାଳ ଫିକାରୁ ଅଗ୍ରାହ୍ୟ ।

ଶ୍ରୀ ଶମ୍ଭୁନାଥ ପଣ୍ଡା—ଜାଡ଼ି ସମ୍ବନ୍ଧୀୟର ଏବଂ ଶ୍ରୀ ଗୋକର୍ଣ୍ଣେଶ୍ୱର ମୋକଦ୍ଦମାମାନ ବିଚାରାଧୀନ ଥିବା ସ୍ଥଳେ ଆପଣଙ୍କର ପତ୍ର ପ୍ରକାଶ କରିବା ଉଚିତ ବୋଧ ହେଉ ନାହିଁ । ଏତେଷ କଥା ଜାଣିଥିଲେ ବିଚାର ସମୟରେ ସାକ୍ଷ୍ୟ ଦେବାର ଚେଷ୍ଟା କରନ୍ତୁ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଶ୍ରୀ କନିକା ମହାରାଜଙ୍କ ଅମନ୍ତ୍ରଣରେ ଖଣ୍ଡି-କୋଟର ଶ୍ରୀ ରାଜା ଗତ ମାସ ତା ୨୮ ଦିନରେ କନିକାକୁ ଶୁଭାଗମନ କରିଥିଲେ । ସେଦିନ ରାଜା ଦ୍ୱୟଙ୍କୁ ଦେଖିବା ପାଇଁ ଚାରି ପାଞ୍ଚ ସହସ୍ର ଲୋକ ଗଞ୍ଜା ନଗରରେ ଉପସ୍ଥିତ ହୋଇଥିଲେ, ନଗ-ରଟି ପତ୍ର ପୁଷ୍ପରେ ସୁସଜ୍ଜିତ ହୋଇଥିଲା । ବ୍ରାହ୍ମଣ-ମାନଙ୍କ ପକ୍ଷରୁ ପଣ୍ଡିତ ଶ୍ରୀ ଦାମୋଦର ଦାସଙ୍କ ସ୍ୱଣ ଅର୍ଥ ଅଭିନନ୍ଦନ ପତ୍ର ଖଣ୍ଡିକୋଟ ରାଜାଙ୍କୁ ଦେଇଥିଲେ, ଅଭିନନ୍ଦନ ଅତ୍ୟନ୍ତ ମନୋହର ହୋଇଥିଲା । ହୋଲି ସମୟ ଥିବାରୁ ପ୍ରଜାଙ୍କ ଅଧିକ ଜନତା ହେଉଥିଲା । ଖଣ୍ଡିକୋଟ ରାଜା ଏକ ସପ୍ତାହ ପର୍ଯ୍ୟନ୍ତ କନିକାର ନାନା ସ୍ଥାନ ଭ୍ରମଣ କରି ସ୍ୱସ୍ଥାନକୁ ଫେରିଯାଇ ଅଛନ୍ତି । ରାଜାମାନଙ୍କର ଏହିପରି ପରସ୍ପର ଗମନାଗମନଦ୍ୱାରା ଦୃଢ଼ ପ୍ରୀତିବନ୍ଧନ ହେବା ଅବଶ୍ୟ ବାଞ୍ଛନୀୟ । ଇତି

ଜଣେ କନିକା ବାସୀ
୨୦୩୦୭

ମହାଶୟ !

ତେଜଡ଼ାଳପାଟଣାର ସମ୍ବାଦଦାତା ସ୍ୱଦେଶୀ ଦାରି-ଦ୍ର୍ୟନାଶିନୀ ଇନ୍ସ୍ୱରେନ୍ସ ମ୍ୟାନେଜର କୋମ୍ପାନୀ କବୁଲରେ ନେଲେବ ତଥା ପ୍ରକାଶ କରିବାର ଅବଗତ ହୋଇ ଉକ୍ତ ମହାଶୟଙ୍କ ଭ୍ରମ ସଂଶୋଧନାର୍ଥ ଏଠାରେ ପାଞ୍ଚ ଗୋଟି ଧାଡ଼ି ଲେଖି ତାଙ୍କର ପ୍ରତିକୂଳ ମତକୁ ଖଣ୍ଡନ କରିବା ନିମନ୍ତେ ବାଧ୍ୟ ହେଲୁଁ ।

କୋମ୍ପାନୀର କାର୍ଯ୍ୟକାରୀ ସ୍ଥାନାନ୍ତରରେ ସମ୍ପାଦକ ହେଉଥିବା ସତ୍ତ୍ୱେ ସେ ସ୍କୁଲ ଗୃହରେ ସମ୍ପାଦକ ହେଉଥିବାର ଲେଖି ନେବଳ ଅସତ୍ୟ କାହାକୁ ପ୍ରମାଣ ଦର୍ଶାଇଲେ କିବା ? ସେ ମହାଶୟ କୋମ୍ପାନୀର ଅସ୍ତିତ୍ୱ ଅନୁମାନ କରିବାକୁ ଏତେ ସହଜ ବୋଧ କଲେ କିପରି ?

Digitized by srujanika@gmail.com

ବୋଧ ହୁଏ ତାଙ୍କର ପରିଣାମ ବଡ଼ିଆ ଅତି ସୁଫଳ । ବାସ୍ତବରେ ଉକ୍ତ କୋମ୍ପାନିଦ୍ୱାର ସାଧାରଣଙ୍କର ବିଶେଷ ଉପକାର ସାଧିତ ହେବ ।

ଗଞ୍ଜାମ, ମଞ୍ଜୁଷା ପ୍ରଭୃତି ସ୍ଥଳରେ ଉକ୍ତ କୋମ୍ପାନି ସଫଳତା ଲାଭ କରୁଅଛି । କୋମ୍ପାନିକୁ ଉତ୍ସାହ ପ୍ରଦାନ ନ କରି ବାଧା ପ୍ରଦାନ କରିବା ସଂକୀର୍ଣ୍ଣମନା ଲୋକଙ୍କ ବ୍ୟତୀତ ଆଉ କାହାର କାର୍ଯ୍ୟ ହୋଇପାରେ ? ଇତି

ତା ୧୦।୩।୦୭ } ବଶମ୍ବଦ
କୋମ୍ପାନୀଉକ୍ତଜନୈକମେମ୍ବର
ପାଟପୁର } ଶ୍ରୀ ଭୈଥିଙ୍କା ବାସ୍ତାନିଅକନ

ମହାଶୟ, !

ଏ କଟକ ମିଉନିସିପାଲିଟିରେ ମୋଫସଲର ଗାଡ଼ିବାଲାମାନଙ୍କୁ ଟିକା ଲାଇସେନ୍ସରେ ସହର ମଧ୍ୟରେ ପ୍ରବେଶ କରିବା ଅଭିଯୋଗରେ ଧରି ଚାଲାଣ କରିବା ମିଉନିସିପାଲିଟିର କେତେକ କର୍ମଚାରୀଙ୍କର ଗୋଟିଏ ଧନ୍ଦା ଓ ସେଥିରେ ସେମାନେ ଲାଭ ପାଉଅଛନ୍ତି ଯେହେତୁ ଚପରାଶିଙ୍କ ଫଳେ ପୁରସ୍କାର ସନ୍ତୁଷ୍ଟ କରିପାରିଲେ ଗାଡ଼ିବାଲାକୁ ମିଉନିସିପାଲିଟି ଅଧିକାର ମଧ୍ୟକୁ ଯାଇଁ ଚାଲାଣ ଓ କ୍ଷତିଗ୍ରସ୍ତ ହେବାକୁ ହୁଏ ନାହିଁ । ଏଥିପୂର୍ବେ ଭୂତପୂର୍ବ ଚେୟାରମେନ୍ ଶ୍ରୀ ବାବୁ ଜାନକୀନାଥଙ୍କ ସମ୍ମୁଖ ଏ ବିଷୟ ଜଣାଇବାରେ ସେ ତଦନ୍ତ କରିଥିଲେ, ଏବେ ନୂଆ ଚେୟାରମାନଙ୍କ ଦୃଷ୍ଟି ପ୍ରବୃତ୍ତ ଓ କୋହଳ ଭାବରେ ଦେଖି ଦୁଷ୍ଟ କର୍ମଚାରୀମାନେ ପୁଣି ମାତି ଉଠିବାପରି ବୋଧ ହେଉଅଛି । ଗୋଟିଏ ଘଟଣା ନିମ୍ନେ ପ୍ରକାଶ କଲୁଁ । ଆଜିଦିନ ଅନାଜ ଘ ୧୦ ଟା ସମୟରେ ଅମୁକ ଗ୍ରାମର ରଘୁନାଥପୁରନିବାସୀ ଶ୍ୟାମସୁନ୍ଦର ନାମକ ଜଣେ ଗାଡ଼ିବାଲା ଅମୁକ ଠାକୁରଙ୍କ ଆଗାମୀ ପଣାସଂକ୍ରାନ୍ତି ସକାଶେ କେତେକ ଲୁଗା, ଦୁଧ, ଗହମ ପ୍ରାୟ ୫୦ଙ୍କା ମୂଲ୍ୟର ଦ୍ରବ୍ୟ ଗଡ଼ିରେ ଭର୍ତ୍ତି କରି କେତେକ ଶୂନ୍ୟଦ୍ରବ୍ୟ ନେଇ ଅମୁକ ବଖ୍ରା କାଠଗଡ଼ା ସାହିଠାରୁ ଗ୍ରାମକୁ ଯାଉଥିଲା । ଭୂତପୂର୍ବ ଷ୍ଟେଶନମୋହନ ସମ୍ମୁଖର ବସା ନିକଟ ଧୋବାଘର ସମ୍ମୁଖ ପିଠାପୁର ସଡ଼କରେ ପହଁଚନ୍ତେ ମାତ୍ରକେ କପିଳସିଂହ ନାମକ ଜଣେ ମିଉନିସିପାଲିଟି ଇନ୍ସପେକ୍ଟର ସେ ଗାଡ଼ିକୁ ଟିକା ଲାଇସେନ୍ସରେ ସହର ମଧ୍ୟକୁ ଆସିଥିବାର କହି ଅଟକ କରି ମିଉନିସିପାଲ ହତରେ ହଜାରୁ ଅନେକ ନେବା ସକାଶେ ଗାଡ଼ିବାଲା ଉପରେ ପୀଡ଼ାପୀଡ଼ି କରିବାକୁ ଲାଗିଲା; କିନ୍ତୁ ଗାଡ଼ିରେ ଅନେକ ଟଙ୍କାର ଦ୍ରବ୍ୟ ଓ ଠାକୁର ଭୋଗର ଦ୍ରବ୍ୟମାନ ବୋଝାଇଥିବା ଓ ତାହା ଅଟକ ରହିଲେ ବିଶେଷ କ୍ଷତି ହେବାର ଜାଣି ଗାଡ଼ିବାଲା ଅମୁ ନିକଟକୁ ଆସି କହିବାରୁ ଅମ୍ଭେ ସେ ସମୟରେ ଆହାର କରୁଥିବା ଯୋଗୁଁ ଗାଡ଼ିବାଲାକୁ କହିଦେଲୁଁ ଯେ ଚପରାଶିଙ୍କ ବୁଝାଇ ଦେବ ନ ଦେଖାଇ ଗାଡ଼ି ଗିରଫ୍ତାର କରିବା ନେଉଅଛନ୍ତି । ଗାଡ଼ିବାଲା ଯାଇଁ ସେ କଥା କହିଲାରୁ ଚପରାଶି କହିଲା ନ ଟଙ୍କା ପଇସା ଦେଲେ ଛାଡ଼ିଦେବି ତଥାପି ଗାଡ଼ିବାଲା ପୁନର୍ବାର ଅମ୍ଭ ନିକଟକୁ ଆସିବାରୁ ଅମ୍ଭେ ସ୍ୱୟଂ ଯାଇଁ ଚପରାଶିକୁ କେତେକ ସାକ୍ଷୀ ମୁକାବିଲାରେ ତାହାର ନେଉଥିବା କାର୍ଯ୍ୟ ବୁଝାଇଦେବା ସତ୍ତ୍ୱେ ସେ ତହିଁରୁ ନିରସ୍ତ ହେଲାନାହିଁ । ଅଗତ୍ୟା ଅମ୍ଭେ ଚେୟାରମାନଙ୍କ ସମୀପକୁ ଏକଖଣ୍ଡ ଦରଖାସ୍ତ ଲେଖି ଗାଡ଼ିବାଲା ଜମା ଦେଇ ଆପଣାର କାର୍ଯ୍ୟରେ ଗଲୁଁ । ଚେୟାରମାନ ବ ହୁକୁମ କରିବେ କହି ନ ପାରୁଁ । କିନ୍ତୁ ଚପରାଶିର ଯେପରି ଲକ୍ଷଣ ଦେଖିଲୁଁ ତହିଁରେ ସେ ଆପଣାର ନେଉଥିବା କାର୍ଯ୍ୟ ସକାଶେ ସଙ୍କୁଚିତ ନ ହୋଇ ଅଧିକ ଉଗ୍ରମୂର୍ତ୍ତି ଧାରଣ କଲା । ଯେଉଁମାନେ ଅମ୍ଭମାନଙ୍କ ପ୍ରତି ଏପରି ବ୍ୟବହାର କରି ପାରନ୍ତି ସେମାନେ ମୋଫସଲବାସୀ ଅଜ୍ଞ ଗରିବ ଗାଡ଼ିବାଲାଙ୍କୁ ଯେ କେତେଦୂର ଅତ୍ୟାଚାର କରୁଥିବେ ତାହା ସହଜରେ ଅନୁମାନ କରାଯାଇ ପାରେ । ଅତଏବ ସବିନୟ ପ୍ରାର୍ଥନା ଯେ ଯହିଁରେ ମିଉନିସିପାଲିଟିର କର୍ମଚାରୀମାନେ ଆଇନ ବୁଝିପାରି ସେହି ଅନୁସାରେ କାର୍ଯ୍ୟ କରନ୍ତି ଓ ଲୋକଙ୍କ ପ୍ରତି ଅନର୍ଥକ ଉତ୍କୋଚ ଲାଭ ଆଶାରେ ଅତ୍ୟାଚାର ନ କରନ୍ତି ତହିଁପକ୍ଷେ ମିଉନିସିପାଲ କର୍ତ୍ତୃପକ୍ଷମାନେ ବିଶେଷ ଦୃଷ୍ଟି ରଖିବେ ନତୁବା ମିଉନିସିପାଲିଟି କଳଙ୍କଭାଗୀ ଓ କୌଣସି ସମୟରେ ଶେଷାଶ୍ରବର ଦାୟୀ ହେବେ ସନ୍ଦେହ ନାହିଁ ।

କଟକ ବାଠଗଡ଼ାସାହି } ଶ୍ରୀ ନାରାୟଣ ପ୍ରସାଦ
୫।୩।୦୭ } ମିଶ୍ର

ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଦାଷ ଧର୍ମଦ୍ରୁମଗ୍ରାମ ୫ ୩
„ ଲକ୍ଷ୍ମୀଚନ୍ଦ୍ର ପରିହାର କଣ୍ଡେଇ ୫ ୬
ଶ୍ରୀ । ନବୀନଚନ୍ଦ୍ର ହରେନ୍ ମହାପାତ୍ର ଗୁହ୍ୟପ୍ରାସ୍ତ ୫ ୩
ଶ୍ରୀ ବାବୁ ଜାନକୀନାଥ ଦାସ ମାଲକିମ ୫ ୩
„ ହରେକୃଷ୍ଣ ସାମନ୍ତ ବାଙ୍କି ୫ ୧
„ ମଧୁସୂଦନ ପଣ୍ଡା ମଧୁବନ ୫ ୩
„ ଦାମ ମହାପାତ୍ର କୁହାଲ ୫ ୬
„ ଦବାକର ସାହୁ କଟକ ୫ ୧୮
„ ସହଦେବ ପଇଡ଼ା ମୟୂରଭଞ୍ଜ ବଣିଆସ୍ତ୍ର ୫ ୩
„ ଗୋପାଳଚନ୍ଦ୍ର ଦାଶ ଗୋପାଳପୁର ୫ ୬
ମୁନସି ମହମ୍ମଦ ଓୀ ହେରଲ ୫ ୧
ଶ୍ରୀ ବାବୁ ନରସିଂହ ପ୍ରହରାଜ ସିଦ୍ଧେଶ୍ୱରପୁର ୫ ୧
„ ରଘୁନାଥ ସତପଥି ପୁରୀ ୫ ୬
„ ଯୁଧିଷ୍ଠିର ଦାସ କଟକ ୫ ୧
„ ଗୋବିନ୍ଦଚନ୍ଦ୍ର ମହାପାତ୍ର ମୟୂରଭଞ୍ଜ ୫ ୩
„ ପଦ୍ମନାଭ ବେହେରା ବାସୁଦେବପୁର ବାଲେଶ୍ୱର ୫ ୩
„ ଯଦୁମଣି ଦାସ କନ୍ଦାସ୍ୱର ମୁର ଗଡ଼ ୫ ୧
ଶ୍ରୀ ବାବୁ ଚିନ୍ତାମଣି ଗାନାସ୍କ କଟକ ୫ ୧ ।
„ ନୀଳକଣ୍ଠ ଦାସ ଦତ୍ତ „ ୫
„ ଜଗନ୍ନାଥ ଅପର୍ତ୍ତୀ ଜଗତସିଂହପୁର ୫ ୩
„ ସ୍ୱପ୍ନ ଦାସ ଭୁବନେଶ୍ୱର ନିକଟ ୫ ୩
„ ମଦନେଶ୍ୱର ପଟ୍ଟନାୟକ ବାନ୍ଧଭାଙ୍ଗୋଡ ୫ ୩
„ ଅର୍ଜ୍ଜୁନ ବେହେରା ଉଦୟପୁର କଟକ ୫ ୬
ମୁନସି ଅମୀରୁଦ୍ଦିନ ଖାଁ, ଭୁମ୍‌ଭୁମୁଣ୍ଡା ବାମଡ଼ା ୫ ୩
ମଉଲବି ସଫିକଉଦ୍ଦୀନ ଅନୁଗୁଳ ୫ ୩
ଶ୍ରୀ ବାବୁ ବାଲ୍ମୀକି ସାମନ୍ତମାର୍କଣ୍ଡେଶ୍ୱର ସାହି ୫ ୧
„ ରଘୁଦାସ ମଣ୍ଡାସିଂହ ୫ ୩
„ ଘନଶ୍ୟାମ ନନ୍ଦ ମହାନଙ୍ଗ ଗୋଭାପୁର ୫ ୬

# ବିଜ୍ଞାପନ ।

ପ୍ରଭୃତିର

ଦି-ସ୍ୱଦେଶି-ଦାତବ୍ୟ ଜାତୀୟ-ଇନସ୍ୟୁରେନ୍ସ କୋମ୍ପାନୀ ହେ: ଅ: କଟକ- ବ୍ରା-ଅ: ବାଲିଭାଟି ନମାପଡ଼ା । ଜା । ପୁରୀ-ପାଟପୁର । ଜା । କଟକ ମଞ୍ଜୁଷା ଇଚ୍ଛାପୁର ।। ଜା । ଗଞ୍ଜାମ ।

ଏହି କୋମ୍ପାନୀ, ୫୧୦୦୦୦ଙ୍କା ମୂଲଧନରେ କେତେକ ଭଦ୍ର-ଜମିଦାର ବା ପ୍ରୋପ୍ରାଇଟର ଏବଂ ଜେନରଲ ମାନେଜେଣ୍ଟ ପୁଣି ଲ୍ୟାଣ୍ଡହୋଲ୍ଡର ମହାଜନମାନଙ୍କ ଯତ୍ନରେ ସ୍ଥାନେ ସ୍ଥାନେ ସ୍ଥାପିତ ହୋଇ ମାନନୀୟ ଶ୍ରୀ ଭାରତ ଗଭର୍ଣ୍ଣମେଣ୍ଟଙ୍କ ଅଙ୍ଗୀକୃତ ସନ ୧୮୮୨ ସାଲ ନ ୬ ମତ କୋମ୍ପାନୀ ଆଇନାନୁସାରେ ସ୍ଥାପିତ ହୋଇ ଅପ୍ରେଲରେ ରେଜେଷ୍ଟର କରାଯାଇ ସାର୍ଟିଫିକେଟ ଲାଭ କରୁଅଛନ୍ତି, ଏହି କୋମ୍ପାନୀରେ ଭାରତବର୍ଷ ବ୍ରହ୍ମ ଓ ସିଲୋନ ଧନୀ ଓ ଦରିଦ୍ର ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷ, ନୀଚ ଓ ଉଚ୍ଚ ଜାତି ନିର୍ବିଶେଷ ନ ଥାଇ ପାଞ୍ଚବର୍ଷରୁ ଅଧିକ, ସତୁରିବର୍ଷରୁ ନ୍ୟୂନ ବୟସ୍କମାନେ ଯାଇ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଗ୍ରାହକରୂପେ ପ୍ରବେଶ ହୋଇ ପାରିବେ, ପ୍ରଥମ ମାସରେ ପ୍ରଥମ ଶ୍ରେଣୀ ୫୧।ଙ୍କା ଓ ଦ୍ୱିତୀୟ ଶ୍ରେଣୀ ପ୍ରଥମ ମାସରେ ୫୧। ଙ୍କା ଏବଂ ଦ୍ୱିତୀୟମାସରେ ୮୦୨ ଅଣା, ଏହିପରି ପ୍ରତିମାସ ଏକ୍ସ୍ଟ୍ରେନ୍ସ ଦେଇ ଦ୍ୱିତୀୟ ମାସରେ ଗ୍ରାହକ ହେବାକୁ ନିର୍ଣ୍ଣୟ କରାଯାଇଅଛି, ଇନ୍ସ୍ୟୁରେନ୍ସ କାର୍ଯ୍ୟରେ ପଞ୍ଚାନନ ତାରିଖଠାରୁ ଦ ୧୦୦ ଦ ମଧ୍ୟରେ ଗ୍ରାହକ ମୃତହେଲେ, କିଛି ଲାଭ ପାଇବେ ନାହିଁ, ଇତ୍ୟାଦି, ଦ ୧୦୧ ଦିନେ ମୃତହେଲେ, ପ୍ରଥମ ଶ୍ରେଣୀ ୮୪୦ ଙ୍କା ଦ୍ୱିତୀୟ ଶ୍ରେଣୀ ୮୨୦ ଙ୍କା, ଅଙ୍ଗୀକାର ଦିଆଯାଇ ଅବଶେଷ ଟଙ୍କା ଓ୍ୱାରିସମାନଙ୍କୁ ବିଭାଗ ଅନୁପାତରେ ଦିଆଯିବ, ଅପର ଯଦି ଦ ୧୦୦୦ ଦିନ ବଞ୍ଚ, ପୁସ୍ତକରେ ଏକାଗ୍ରତା ହେଉଠାରୁ ଏକଦିନ ଅଧିକ ହୋଇ କେବଳ, ଏକ୍ସ୍ଟ୍ରେନ୍ସ ୫୬ଙ୍କା ଦାଖଲକରୁଥାଇଁ ପ୍ରତିମାସରେ ଗୋଟିଏ ଲୋକ ମୃତହୁଏ, ସେପରି ପଞ୍ଚାନନ ୮୪୦୦୧ ଙ୍କା ଲାଭପାଇପାରେ, ଛଡ଼ା ଓ ନିତ କାର୍ଯ୍ୟରେ ଦରଖାସ୍ତ ତାରିଖଠାରୁ ଦ୍ୱିତୀୟମାସ ଏକ୍ସ୍ଟ୍ରେନ୍ସପର ତୃତୀୟମାସରେ ତାହା-

Split by PDF Splitter
Digitized by srujanika@gmail.com

ସ୍ୱରୂପ ସ୍ଥାପିତ ହେବ, ମା ୬ । ୧୦ ବର୍ଷ ନିର୍ଦ୍ଦିଷ୍ଟ ଦିବସ ପରେ, ଏଣ୍ଡୋମେଣ୍ଟ ବାଦ ଟଙ୍କାରୁ ଗ୍ରହୀତାଙ୍କୁ ହିସାବରେ ଲାଭ ପାଇ ପାରିବ । ସମୁଦାୟ କାର୍ଯ୍ୟ ଯଦି ନିର୍ଦ୍ଦିଷ୍ଟସମୟରେ ନ ଚଳେ, ୧୯୦୫ ପର୍ଯ୍ୟନ୍ତ କିମାନ୍ୟରେ ଗ୍ରହୀତା ହେଲେ ଶେଷ ଦିବସରେ ପାଞ୍ଚଶତ ଟଙ୍କାରୁ ଅଳ୍ପ ଧନ ଦେଇ ଗ୍ରହୀତାକୁଣ ନ ଉଭୟ ପୁନର୍ବୀ ମଞ୍ଜୁରି ଉପରଲିଖିତ ମତେ ହୋଇ ପାଇପାରିବ । ଏଥିପ୍ରତି ଅଧିକ ଜାଣିବାକୁ ଇଚ୍ଛାଥିଲେ କମ୍ପାନିଙ୍କ କାର୍ଯ୍ୟାଳୟ କଟକଠାରୁ ପତ୍ର ଲେଖିଲେ ଅନାୟାସରେ ପାଇ ପାରିବେ । ଏହି କୋମ୍ପାନୀ ସନ ୧୯୦୭ ସମ୍ବତ୍ସର ଅଗଷ୍ଟ ମାସରେ ସ୍ଥାପିତ ହୋଇଥିଲା ମାର୍ଚ୍ଚ ମାସ ଶେଷରେ ପ୍ରାୟ ୩୦୦୦ ଲୋକ ମେମ୍ବର ହୋଇଅଛନ୍ତି । ଉକ୍ତ ମେମ୍ବର ମାନଙ୍କୁ ବିବାହ ସମ୍ବନ୍ଧରେ ଟ ୨୦୦୦ ଙ୍କା ଦିଆଯାଇଅଛି ପୁଣି ଇନସୁରେନ୍ସ ସମ୍ବନ୍ଧରେ ପ୍ରାୟ ନ ୫୦ ଶର୍ଙ୍କ ଲାଭ ଦିଆଯାଇଅଛି, ତାହା ଅପ୍ରେଲ ମାସ ଶେଷରେ ଛପାଯିବ, ଏହି କୋମ୍ପାନୀରେ ନିଯୁକ୍ତ ହେବା ଏଜେଣ୍ଟ ପ୍ରଭୃତି କର୍ମଚାରିମାନେ ଯଥେଷ୍ଟ ଦକ୍ଷ ପୁଣି ଲୋକ ଅଟନ୍ତି, ଅନ୍ୟ କୋମ୍ପାନୀପରି ଚୋର, ଲୁଚାଭଣ୍ଡା ଏବଂ ସାଗରପେଷା ନାହାନ୍ତି, କେହି କେହି ଅଶିକ୍ଷିତ ପଣ୍ଡିତ ମହାଶୟମାନେ ଲେଖନ୍ତି ଯେ ସହରରେ ଅଫିସ୍ ନ କରି ମଫସଲରେ ଅଫିସ କରିବାର କାରଣ କି, ଅମ୍ଭେ ସହରରେ ହେ: ଅ: ରଖି ମଫସଲରେ ବ୍ରାଞ୍ଚ ଅଫିସମାନ ରଖାଇଅଛୁଁ ସହର ବାସିମାନଙ୍କ ସର୍ବଦା ସମ୍ବାଦ ବୋଧ ଅଛି, ମଫସଲବାସିମାନଙ୍କୁ ସକଳ ଦସ୍ତୁମାନ ବୋଧକରାଇ କ୍ଷେମ କଲ୍ୟାଣର ନିମିତ୍ତର ଚେଷ୍ଟା କରୁଅଛୁଁ । କେତେକ ଅଜ୍ଞ ଓ ଦୁର୍ବୁଦ୍ଧି ବ୍ୟକ୍ତିମାନେ ଅମ୍ଭ କୋମ୍ପାନୀର ଉନ୍ନତି ଦେଖି ମେମ୍ବରମାନେ ଅଧିକ ଲାଭପାଇବାର ଜାଣି ଅସହ୍ୟ ଜ୍ଞାନକରି ଉକ୍ତବିଷୟରେ ଶୁଦ୍ର ପ୍ରଶ୍ନମାନଙ୍କୁ ପତ୍ରିକାରେ ଛପାଇଅଛନ୍ତି, ଏଥିରୁ ପ୍ରତ୍ୟୁତ୍ତର ପ୍ରଦାନ କରିବାର ଆମ୍ଭର ଇଚ୍ଛା ନ ଥିଲା ମାତ୍ର ନକରିବା ଅସହ୍ୟ ଜ୍ଞାନକରି ସର୍ବସାଧାରଣଙ୍କ ବିଦିତ ନିମିତ୍ତ ଯୁକ୍ତିଯୁକ୍ତ ଭାଷା ପତ୍ରିକାରେ ଜଣାଉଅଛୁଁ ଯେ ଆମ୍ଭ କୋମ୍ପାନୀପରି କେଉଁ କୋମ୍ପାନୀରେ ମଧ୍ୟ ଏପରି ଲାଭ ଦେଇ ପାରିବେ ନାହିଁ ।

ଏହିପରି କୋମ୍ପାନୀ ଆମ୍ଭ ହିନ୍ଦୁଦେଶରେ ଆଜିପର୍ଯ୍ୟନ୍ତ ନ ଥିଲା, ମାତ୍ର ଦେଖାଦେଖି ଗଡ୍ଡଳିକାପରି ଏହି କୋମ୍ପାନୀ ନିୟମମାନ ଦେଖି ଅନ୍ୟାନ୍ୟ ଲୋକେ କୋମ୍ପାନୀ ସ୍ଥାପନ କଲେ ।

ଶ୍ରୀ ରଘୁନାଥ ପଟ୍ଟନାୟକ
ଅଧିଷ୍ଠାତା-ଜେନେରାଲ
ବାଲକାଟି-ଦେଶହିତୈଷୀ ଦାରିଦ୍ର୍ୟନାଶିନୀ ଇନସିଓରେନ୍ସ କୋମ୍ପାନୀ ।


# ବିଜ୍ଞାପନ

ଆମ୍ଭମାନଙ୍କର ଜଗତ ବିଖ୍ୟାତ
ଓଗିଇଡ଼ି ସ୍ୱର୍ଣ୍ଣ ନିର୍ମିତ ଅଲଙ୍କାର ।

ସସ୍ତ ହେଲେହେଁ ଏକ ବଳ୍ପ ନର୍ଗ !

ଓଗାଇଡ଼ି ସ୍ୱର୍ଣ୍ଣ ନିର୍ମିତ ଅଲଙ୍କାର ଖଣ୍ଡା ଦରରେ ପାଇବା ସ୍ଥଳେ ପ୍ରକୃତ ସ୍ୱର୍ଣ୍ଣ ନିର୍ମିତ ଅଲଙ୍କାର କ୍ରୟ କରି ଟଙ୍କା ନଷ୍ଟ କରିବାର ଆଉ କୌଣସି ପ୍ରୟୋଜନ ନାହିଁ । ଏହା ପ୍ରକୃତ ସ୍ୱର୍ଣ୍ଣ ପରିବର୍ତ୍ତରେ ବ୍ୟବହୃତ ହୋଇ ପାରେ ରଙ୍ଗ ଏବଂ ଚିକଣରେ ଏହା ଏତେ ଦୂର ପ୍ରକୃତ ସୁନାପରି ଦେଖାଯାଏ ଯେ ଏହାକୁ ଚିହ୍ନିବାର କୌଣସି ସମ୍ଭାବନା ନାହିଁ । ଏହାର କାରୁକାର୍ଯ୍ୟ ଅତି ଚମତ୍କାର । ଏହା ବହୁଦିନ ଉଜ୍ଜ୍ୱଳ ରହି ବସିଅଛି ଯାହା ଅସଲ ଠାରୁ ଅପେକ୍ଷା କୌଣସି ଗୁଣରେ ଊଣା ନୁହେଁ ।

ମହିଳାମାନଙ୍କର ଚୁଡ଼ି ଭଙ୍ଗା ବଳା



ଏହାର ମଧ୍ୟରେ ଗୋ ୫୦।୬୦ ଟା ନକଲ ହୀରା ବା ମାଣିକ୍ୟ ବସିଅଛି । ମଲ୍ୟ ଅତି ସସ୍ତା । ପ୍ରତି ଯୋଡ଼ାର ମୂଲ୍ୟ ଟ ୧୮

ମହିଳାମାନଙ୍କର କାନଫୁଲ ।



ଏଥିରେ ପାଞ୍ଚୋଟି ନକଲ ହୀରା ବା ରତ୍ନ ବସି ଅଛି ।
ମଲ୍ୟ ପ୍ରତି ଯୋଡ଼ା ୩୮ ମାତ୍ର ।
ନ ଓ ବିଜ୍ଞପ୍ତି ମୁଦ୍ରା ।
ଏହି ମୁଦ୍ରାର ରଙ୍ଗ ଏବଂ ଚିକଣ ପ୍ରକୃତ ସ୍ୱର୍ଣ୍ଣମୁଦ୍ରାଠାରୁ କୌଣସି ଗୁଣରେ ଊଣା ନୁହେଁ । ଏଥିରେ ଗୋଟିଏ ନକଲ ହୀରା ବା ରତ୍ନ ପ୍ରଭୃତି ବସିଅଛି । ମୂଲ୍ୟ ଅତି ସସ୍ତା । ଘଣ୍ଟାଚେନ ଟ ୫ । ପଞ୍ଚଞ୍ଚ ଟ ୩ ମାତ୍ର ।

ଡାକମାଶୁଲ ସ୍ୱତନ୍ତ୍ର ଟ ୦ ।

ଏକ ସମୟରେ ଏକ ଟଙ୍କାର ମୂଲ୍ୟର ଜିନିଷ ଉପହାର ସ୍ୱରୂପ ପଠାଇବା ଏକ ବର୍ଣ୍ଣନାର ପାଇବେ ଯେବେ ସାଇବେ ।

ପ ତାଙ୍କରେ ପତ୍ର ଲେଖି ପଠାଇବ ଏବଂ ନାମ ଓ ଠିକଣା ପରିଷ୍କାରରୂପେ ଲେଖିବ ।

*Apply to*

PAUL BROS & CO.
18, U, D, Kenderdines Lane,
Bowbazar P.o. Calcutta

---

ଦୈବପ୍ରଦତ୍ତ ।

ମାଦଲୀ ମାଦଲୀ ମାଦଲୀ

ଥରେ କେଇ ପରୀକ୍ଷା କର
ଥରେ କେଇ ପରୀକ୍ଷା କର
ସ୍ୱପ୍ନଲବ୍ଧ ନାଭିକ୍ଷ୍ୱର ମାଦଲୀ ।

ଏହା ଧାରଣରେ ନାନାବିଧ ବାତରୋଗ— ନାନାବିଧ କ୍ଷତ ଓ ବାତକମ୍ପ—ପାଲକ୍ଷ୍ମତ ଦୁଃସ୍ୱପ୍ନ ସ୍ତମ୍ଭିତର ସ୍ୱପ୍ନଦୋଷ—ରମଣୀମାନଙ୍କର ଜାଲସୂତ୍ରର ସନ୍ଧବାସ ଜନିତ ପଞ୍ଚମ ଷଷ୍ଠମାସରେ ଗର୍ଭପାତ ପର୍ଯ୍ୟନ୍ତ ଭୟଙ୍କର ଅବସ୍ଥାରୁ ରକ୍ଷାକରେ, ଯେଉଁମାନେ ବାତରୋଗରେ ଦଶବର୍ଷରୁ ଅଧିକ ହେବ ପ୍ରାଣାନ୍ତକ କଷ୍ଟ ଭୋଗ କରୁଅଛନ୍ତି— ଯେଉଁମାନେ ନାନାବିଧ ମୂଲ ଧାରଣକରି ଔଷଧ ଭକ୍ଷଣ କରି ଉପରଲିଖିତ ବିପଦମାନଙ୍କର କବଳରୁ ରକ୍ଷା ନ ପାଇ ବିରକ୍ତ ଅଛନ୍ତି ସେହିମାନଙ୍କ ଅନୁରୋଧ ଯେ ଥରେ ବାତକ୍ଷ୍ୱର ମାଦଲୀ ଧାରଣ କରନ୍ତୁ ବିଜ୍ଞାପନର ବାହ୍ୟାଡମ୍ବର କରି କହିବା ପ୍ରୟୋଜନ ନୁହେଁ । ଗ୍ରାହକମାନେ ଥରେ ଧାରଣ କରି ପରୀକ୍ଷା କରନ୍ତୁ ।

ଏହି ମାଦଲୀର ମୂଲ୍ୟ ଏକ ଗୋଟାକୁ ଟ ୧ ।

ଏଡ଼ରେ ଏକ ଡଜନକୁ ଟ ୧୨ ୮ ଙ୍କା

ପର୍ଯ୍ୟନ୍ତ, ଡାକମାଶୁଲ ସ୍ୱତନ୍ତ୍ର ଦେବାକୁ ପଡ଼ିବ
ଅତି ଉତ୍କୃଷ୍ଟ କାଗଜ ଅତି ଉତ୍କୃଷ୍ଟ କାଗଜ

ଇଂରାଜୀ, ବଙ୍ଗଳା, ଓଡ଼ିଆ,

ମାନବଜୀବନର ଶୁଭାଶୁଭାଦି ଯାବନ୍ତ କାର୍ଯ୍ୟ ଜ୍ୟୋତିଷ ଗ୍ରନ୍ଥରୁ ନିରୂପିତ ହୁଏ ଏଥି ସକାଶେ ଜ୍ୟୋତିଷ ସର୍ବବେଦ ପ୍ରଶଂସିତ ଶାସ୍ତ୍ର ବୋଲି କଥିତ ହୋଇଅଛି, ଅତଏବ ପ୍ରତ୍ୟେକ ମାନବଙ୍କର ଶୁଭାଶୁଭ ଜ୍ଞାପକ ଜନ୍ମକୋଷ୍ଠୀ ରଖା ଅତ୍ୟନ୍ତ ଆବଶ୍ୟକ ।

ପ୍ରମାଣ ଅଛି—

ଯସ୍ୟ ନାସ୍ତି ଶକ୍ତ ଜନ୍ମ ପତ୍ରିକା
ଯା ଶୁଭାଶୁଭ ଫଲ ପ୍ରକାଶିନୀ ।
ଅନ୍ଧବତ୍ ଭବତି ତସ୍ୟ ଜୀବନଂ
ଦୀପହୀନ ମିବ ମନ୍ଦିରଂ ନିଶି ॥

ଯଦି କେହି ଜ୍ୟୋତିଷ ଗଣନାଦ୍ୱାରା ନିଜର ଆୟୁ ସ୍ୱାସ୍ଥ୍ୟ ବା ଦୈନିକ ପ୍ରକୃତି ଫଳ ସହିତ କୋଷ୍ଠୀ ପ୍ରସ୍ତୁତ କରିବାକୁ ଚାହାନ୍ତି ଏବଂ ପ୍ରଶ୍ନ ଗଣନା ଦ୍ୱାରା ଭାବୀ ଶୁଭାଶୁଭ ଜାଣିବାକୁ ଇଚ୍ଛା କରନ୍ତି ତେବେ ସେମାନେ ଜନ୍ମକୋଷ୍ଠୀ ସହ ନିମ୍ନଲିଖିତ ଠିକଣାକୁ ନିଜର ନାମ ଧାମ ଜିଲ୍ଲା ଡାକଘର ଉତ୍ତମରୂପେ ଉଲ୍ଲେଖ କରି ପତ୍ର ଲେଖନ୍ତୁ ବା ସାକ୍ଷାତ କରନ୍ତୁ ତାହାହେଲେ ପ୍ରଶ୍ନର ଉତ୍ତର ଏବଂ ଆଧୁନିକ ଧରଣର ଲେଖାକୋଷ୍ଠୀ ଅବିଳମ୍ବେ ପାଇପାରିବେ ଏବଂ ଯେଉଁ ୨ ସନ ମାସ ତାରିଖ ଦିନମାନଙ୍କରେ ଯେଉଁ ୨ ଘଟଣାମାନ ହେବ ତାହା ଜନ୍ମେ ୨ ପୂର୍ବରୁ ବୁଝି ପାରୁଥିବେ ଆଉ ଜ୍ୟୋତିଷର ଆବଶ୍ୟକ ହେବ ନାହିଁ । ଇଂରାଜୀ, ବଙ୍ଗ, ଓଡ଼ିଆ, ଏହି ତିନିଭାଷା ମଧ୍ୟରୁ ଗ୍ରାହକମାନଙ୍କର ଯେଉଁ ଭାଷାରେ ଫରମାସ ହେବ ସେହି ଭାଷାରେ ଅତିସୁଲଭ ମୂଲ୍ୟରେ ପ୍ରସ୍ତୁତ କରାଯାଇ ଦିଆଯିବ । ଗ୍ରାହକମାନଙ୍କୁ ଅନୁରୋଧ ଏହି ଯେ ଅର୍ଡ଼ର ପଠାଇବା ସମୟରେ ନିମ୍ନଲିଖିତ ନିୟମ


Digitized by srujanika@gmail.com

Split by PDF Splitter



